
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୭ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 27 JULY 2023
Vol.No. 35 ■ No. 198 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ଓ ଏସସିବିର ବାର୍ଷିକ ଉତ୍ସବ ଅବସରରେ ରାଷ୍ଟ୍ରପତିଙ୍କ ଅଭିଭାଷଣ

# ତ୍ୱରିତ ନ୍ୟାୟ ପୀଡ଼ିତ ଓ ନିର୍ଦ୍ଦୋଷଙ୍କୁ ସହାୟ ହେବ

## ସେବା ପ୍ରତି ଆନ୍ତରିକତା ନଥିଲେ, ଜଣେ ଭଲ ଡାକ୍ତର ହୋଇପାରିବ ନାହିଁ



ଭୁବନେଶ୍ୱର, ୨୬/୦୭ (ନି.ପ୍ର): ବିଳମ୍ବିତ ନ୍ୟାୟ ପ୍ରଦାନ ପାଇଁ ଅନେକ ସାଧାରଣ ଲୋକ ହଇରାଣ ହେଉଛନ୍ତି । ଏଥିପାଇଁ ଅନେକ ଜୀବନ ଜେଲରେ କଟୁଛି । ନ୍ୟାୟ ବିଳମ୍ବ ପାଇଁ ପୀଡ଼ିତ ମଧ ହତାଶ ହୋଇପଡୁଛି । ତ୍ୱରିତ ନ୍ୟାୟ ଉଭୟ ପୀଡ଼ିତ ଓ ନିର୍ଦ୍ଦୋଷଙ୍କୁ ସହାୟ ହେବ । ୩ ଦିନିଆ ଓଡ଼ିଶା ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ହାଇକୋର୍ଟ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇ ନିଜ ଅଭିଭାଷଣରେ ତ୍ୱରିତ୍ୱ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜୟ ଜଗନ୍ନାଥ କହି ନିଜ ଭାଷଣ ଆରମ୍ଭ କରିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାରଗିଲ ଦିବସ ଅବସରରେ ସହିଦଙ୍କୁ ନମନ କରିଛନ୍ତି । ବୀରମାଟି କଟକକୁ ପ୍ରଣାମ କରିବା ସହ ଉତ୍କଳ ଗୌରବ ମଧୁସୂଦନ, ନେତାଜୀ ସୁଭାଷଙ୍କ କଥା ମନେ କାଇଛନ୍ତି ରାଷ୍ଟ୍ରପତି। ଏହି ଅବସରରେ ସେ ଓଡ଼ିଶା ହାଇକୋର୍ଟର ଗୌରବ ଗାଥା ମଧ ବଖାଣିବାକୁ ଭୁଲି ନାହାନ୍ତି। ନିଜ ଅଭିଭାଷଣରେ ରାଷ୍ଟ୍ରପତି କହିଛନ୍ତି, ମାତ୍ର ୪ ବିଚାରପତିଙ୍କୁ ନେଇ ଗଠିତ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ଏବେ ୩୩କୁ ବୃଦ୍ଧି ପାଇଛି। ଏହା ଓଡ଼ିଶାବାସୀଙ୍କ ଆଶା ଓ ଭରସାର ପ୍ରତୀକ । ତ୍ୱରିତ ନ୍ୟାୟ ପ୍ରଦାନ ଯୋଗୁ ୨ ବର୍ଷରେ ବିଚାରଧୀନ ମାମଲା ସଂଖ୍ୟା ଏକ ଚତୁର୍ଥାଂଶ ହ୍ରାସ ପାଇଛି। ହାଇକୋର୍ଟ ସ୍ଥାପିତ ହେବାର ୭୫ ବର୍ଷ ମଧରେ ବହୁ କିର୍ତ୍ତୀମାନ ସ୍ଥାପନ କରିଛି। ହାଇକୋର୍ଟର ବହୁ ବିଚାରପତି ଜଗନ୍ନାଥ ଦାସ, ରଙ୍ଗନାଥ ମିଶ୍ର, ରାଧାଚରଣ ପଟ୍ଟନାୟକ, ଦେବପ୍ରିୟ ମହାପାତ୍ର, ଗୋପାଳ ବଲ୍ଲଭ ପଟ୍ଟନାୟକ, ଅରିଜିତ ପଶାୟତ, ଅନଙ୍ଗ କୁମାର ପଟ୍ଟନାୟକ ପ୍ରମୁଖ ସୁପ୍ରିମକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇ ପାରିଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଜଣ ଭାରତର ପ୍ରଧାନ ବିଚାରପତି ପଦ ଅଳଙ୍କୃତ କରିବାରେ ସକ୍ଷମ ହୋଇଛନ୍ତି। ଓଡ଼ିଶାର ବହୁ ଆଇନ ବିଶାରଦମାନଙ୍କର ସର୍ବ ଭାରତୀୟ ସ୍ତରରେ ଆଇନ ସେବା ପ୍ରତି ଉଲ୍ଲେଖନୀୟ ଅବଦାନ ରହିଛି ବୋଲି କହିଛନ୍ତି ମହାମହିମ ରାଷ୍ଟ୍ରପତି। ମାତ୍ର ସମୟ ସହ ତାଳ ଦେଇ ଚାଲି ନ ପାରିଲେ ଯେକୌଣସି ସଙ୍ଗଠନ ତଥା ସଂସ୍ଥା ସମସ୍ତେ ପଛରେ ପଡ଼ିଯାଆନ୍ତି। କିନ୍ତୁ ଓଡ଼ିଶା ହାଇକୋର୍ଟ ନ୍ୟାୟିକ ପ୍ରକ୍ରିୟାରେ ବୈଷୟିକ ଜ୍ଞାନ କୌଶଳକୁ ଆପଣାଇ ନ୍ୟାୟ ପ୍ରଦାନକୁ ତ୍ୱରିତ କରି ପାରିଛନ୍ତି। ଯାହାଦ୍ୱାରା ▶▶ପୃଷ୍ଠା ୭

## ଲାଞ୍ଚ ନେଉଥିଲେ ଏଏସ୍ଆଇ: ମାଡ଼ି ବସିଲା ଭିଜିଲାନ୍ସ

ବୌଦ୍ଧ, ୨୬/୦୭ (ନି.ପ୍ର): ଲସି ଦୋକାନରେ ଚାଲିଥିଲା ଲାଞ୍ଚ ଦିଆନିଆ। ହଠାତ୍ ଭିଜିଲାନ୍ସ ଅଧିକାରୀମାନେ ପହଞ୍ଚି ଯାଇ ଲାଞ୍ଚୁଆ ପୁଲିସ ଅଧିକାରୀଙ୍କୁ ମାଡ଼ି ବସିଲେ। ଆଖ ପାଖରେ ଥିବା ଲୋକେ କେହି କିଛି ବୁଝିବା ଆଗରୁ ଗାଡ଼ିରେ ଉଠାଇ ପୁଲିସ ଅଧିକାରୀଙ୍କୁ ନେଇ ପଳାଇଲା ଭିଜିଲାନ୍ସ। ବୌଦ୍ଧ-ଅନୁଗୋଳ ଜିଲ୍ଲା ସୀମାନ୍ତରେ ଥିବା କିଆକଟା ଥାନାର ଇଙ୍ଓ ନବୀନ କୁମାର ଶତପଥୀ ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ନବୀନଙ୍କ ଠାରୁ ଭିଜିଲାନ୍ସ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ପଚରାଉଚରା କରୁଛି। ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ସବଡିଭିଜନ ଅନ୍ତର୍ଗତ ବେଲାଡୋଲା ଗ୍ରାମର ପଞ୍ଚାନନ ମେହେର ନାମକ ଜଣେ ବୁଣାକାର ସୋନପୁର ଜିଲ୍ଲା ସୁବଳୟା ଅଞ୍ଚଳର ଡୋଳାମଣୀ ମେହେର ନାମକ ମହାଜନଙ୍କ ଅଧୀନରେ କାମ କରୁଥିଲେ। ମାତ୍ର ସ୍ୱଳ୍ପ ପାରିଶ୍ରମିକ ମିଳୁଥିବା ଅଭିଯୋଗ କରି ସେ ତାଙ୍କ ଅଧୀନରେ କାମ କରିବାକୁ ମନା କରି ଦେଇଥିଲେ। ତେବେ ଏଥିରେ ଉତକ୍ଷିପ୍ତ ହୋଇ ମହାଜନ ଡୋଳାମଣୀ ▶▶ପୃଷ୍ଠା ୭

## ଓଡ଼ିଶା ମୋଟରଯାନ ଡ୍ରାଇଭର ଓ କର୍ମଚାରୀ କଲ୍ୟାଣ ବୋର୍ଡ଼ ଗଠିତ

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାଜ୍ୟ ସରକାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଅଧକ୍ଷତାରେ ଓଡ଼ିଶା ମୋଟରଯାନ ଡ୍ରାଇଭର ଓ କର୍ମଚାରୀ କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ଏହି ବୋର୍ଡରେ ବିଧାୟକ, ଧର୍ମଶାଳା ଶ୍ରୀ ପ୍ରଣବ ବଳବନ୍ତରାୟ ଓ ବିଧାୟିକା, ଝାରସୁଗୁଡା ସୁଶ୍ରୀ ଦୀପାଳି ଦାସଙ୍କୁ ସଦସ୍ୟଭାବେ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୋର୍ଡରେ ପରିବହନ ବିଭାଗର ଅଧିକାରୀ, ଗାଡି ମାଲିକ ସଂଘର ପ୍ରତିନିଧି, ଚାଳକ ସଂଘର ପ୍ରତିନିଧି, କର୍ମଚାରୀ ସଂଘର ପ୍ରତିନିଧି ତଥା ସାମାଜିକ କର୍ମୀ ମଧ ସଦସ୍ୟଭାବେ ରହିବେ।

## ବେନାମୀ ସମ୍ପତ୍ତି ଠାବ କରିବାକୁ ସୂଚନାଦାତାଙ୍କୁ ଆୟକର ବିଭାଗ ଦେବ ୧ କୋଟି

ନୂଆଦିଲ୍ଲୀ, ୨୬/୦୭ : ବେନାମୀ ସମ୍ପତ୍ତି କାରବାରକୁ ରୋକିବା ପାଇଁ ଭାରତ ସରକାରଙ୍କ ଆୟକର ବିଭାଗ ସକ୍ରିୟ ଭାବେ କାର୍ଯ୍ୟ କରୁଛି । ଏପରି ବେନାମୀ ସମ୍ପତ୍ତି କାରବାର କରୁଥିବା ବ୍ୟକ୍ତିବିଶେଷଙ୍କୁ ଦଣ୍ଡିତ କରିବା ତଥା ବେନାମୀ ସମ୍ପତ୍ତି ସମ୍ପର୍କରେ ସୂଚନା ଦେଉଥିବା ଲୋକଙ୍କୁ ପୁରସ୍କୃତ କରିବା ଲାଗି ଆଇନ ଅନୁଯାୟୀ ବ୍ୟବସ୍ଥା କରାଯାଇଥିବା ନେଇ ଆୟକର ବିଭାଗ ଜନସାଧାରଣଙ୍କୁ ସଚେତନ କରାଇ ଦେଇଛି । ବେନାମୀ ନେଣଦେଣର ଅର୍ଥ ହେଉଛି ଏପରି ଏକ ନେଣଦେଣ ଯେଉଁଥିରେ ଜଣେ ବ୍ୟକ୍ତିଙ୍କୁ ସମ୍ପତ୍ତି ହସ୍ତାନ୍ତର କରାଯାଇଥାଏ ଏବଂ ପ୍ରତିଫଳ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପରିଶୋଧ କିମ୍ବା ଯୋଗାଇ ଦିଆଯାଇଥାଏ। ତେଣୁ ଦୁଇଟି ପକ୍ଷ ଅର୍ଥାତ୍ ବେନାମୀଦାର ଏବଂ ହିତାଧିକାରୀ ମାଲିକଙ୍କ ମଧ୍ୟରେ ଏକ ବେନାମୀ ନେଣଦେଣ ସମ୍ପାଦନ କରାଯାଇଥାଏ। ହିତାଧିକାରୀ ମାଲିକ ହିଁ ବାସ୍ତବ ମାଲିକ ହୋଇଥାନ୍ତି, ଯିଏକି ନେଣଦେଣରେ ପ୍ରତିଫଳ ପରିଶୋଧ କରିଥାନ୍ତି। ▶▶ପୃଷ୍ଠା ୭

## ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବକୁ ବାଚସ୍ପତିଙ୍କ ମଞ୍ଜୁରୀ



ନୂଆଦିଲ୍ଲୀ, ୨୬/୦୭ : ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବକୁ ମଞ୍ଜୁରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ନୋଟିସ୍ ଦେଇଥିଲେ ବିରୋଧୀ, ଯାହାକୁ ଆଜି ବାଚସ୍ପତି ଓମ୍ ବିର୍ଲା ଗ୍ରହଣ କରିଛନ୍ତି। ଏନେଇ ସବୁ ଦଳର ନେତାଙ୍କ ସହ ଆଲୋଚନା କରିବି ବୋଲି ବାଚସ୍ପତି ପ୍ରତିଶୃତି ଦେଇଛନ୍ତି। ଏଥିସହ ଆଲୋଚନା କରି ବିତର୍କ ନେଇ ଗୃହରେ ଜଣାଇବେ ବୋଲି କହିଛନ୍ତି ବାଚସ୍ପତି। ମଣିପୁର ହିଂସା ନେଇ ଚାଲି ପାରୁନି ସଂସଦର ମୌସୁମୀ ଅଧିବେଶନ। ଜୁଲାଇ ୨୦ରୁ ମୌସୁମୀ ଅଧିବେଶନ ଆରମ୍ଭ ଦିନରୁ ଏହି ଘଟଣାକୁ ନେଇ ଶାସକଙ୍କୁ ଘେରୁଛନ୍ତି ବିରୋଧୀ। ମଣିପୁରରେ ମହିଳାଙ୍କୁ ନିର୍ଯାତନ ଏବଂ ଭିଡିଓ ଭାଇରାଲ୍ ଘଟଣାରେ ପ୍ରଧାନମନ୍ତ୍ରୀ ବିବୃତ୍ତି ରଖନ୍ତୁ ବୋଲି ଅଡି ବସିଛନ୍ତି ବିରୋଧୀ। ଏନେଇ ଆଜି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ଭାରତୀୟ ରାଷ୍ଟ୍ରୀୟ ସମିତି (ବିଆରଏସ୍) ଏବଂ କଂଗ୍ରେସ ଅଲଗା ଅଲଗା ଦୁଇଟି ନୋଟିସ ଦାଖଲ କରିଥିଲେ। ଲୋକସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଲୋକସଭା ସଚିବଙ୍କ କାର୍ଯ୍ୟାଳୟରେ ଏକ ନୋଟିସ ଦାଖଲ ▶▶ପୃଷ୍ଠା ୭

## ନବୀନଙ୍କୁ ଭେଟିଲେ ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର



ଭୁବନେଶ୍ୱର , ୨୬/୦୭ (ନି.ପ୍ର): ନବୀନ ନିବାସରେ ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର। ଆଜି ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ରାଜ୍ୟର ଅର୍ଥନୈତିକ ବିକାଶ ଓ ଭବିଷ୍ୟତ ସମ୍ଭାବନା ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଗତ ୨୧ ତାରିଖରେ ଟୋନି ବ୍ଲେୟାରଙ୍କ 'ଟୋନି ବ୍ଲେୟାର୍ ଇନଷ୍ଟିଚ୍ୟୁଟ୍ ଅଫ୍ ଗ୍ଲୋବାଲ ଚେଂଜ' ନାମକ ସଂସ୍ଥା ସହ ରାଜ୍ୟ ସରକାର ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ସଂସ୍ଥା ବିଭିନ୍ନ ଦେଶରେ ନିବେଶକଙ୍କୁ ଆକୃଷ୍ଟ କରିବା ନେଇ କାର୍ଯ୍ୟ କରୁଛି। 'ଟୋନି ବ୍ଲେୟାର୍ ଇନଷ୍ଟିଚ୍ୟୁଟ୍ ଅଫ୍ ଗ୍ଲୋବାଲ ଚେଂଜ' ବିଭିନ୍ନ ଦେଶ ତଥା ରାଜ୍ୟମାନେ କିଭଳି ଅଧିକରୁ ଅଧିକ ଅର୍ଥନୈତିକ ଦିଗରେ ସଫଳ ହେବେ, ସେଥିପାଇଁ ସଂସ୍ଥା ପରାମର୍ଶ ଦେଇଥାଏ। ଦୁଇ ନେତାଙ୍କ ମଧ୍ୟରେ ଆଜିର ଆଲୋଚନା ବେଳେ ଟୋନି ବ୍ଲେୟର ରାଜ୍ୟର ଅର୍ଥନୈତିକ ବିକାଶ ନେଇ ଦେଇଥିବା ପ୍ରାଥମିକ ପରାମର୍ଶକୁ ପ୍ରଂଶସା କରିଛନ୍ତି ମୁଖ୍ୟମନ୍ତ୍ରୀ। ତାଙ୍କ ସହଯୋଗ ଫଳରେ ରାଜ୍ୟକୁ ଶିଳ୍ପ ବିକାଶ କ୍ଷେତ୍ରରେ ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

## ଯାତ୍ରୀବାହୀ ବସ୍ ଦେଉନାହାନ୍ତି ଟୋଲ୍:ଏନ୍ଏଚ୍ଏଆଇର ୪୦୦କୋଟି କ୍ଷତି

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ଯାତ୍ରୀବାହୀ ବସଗୁଡ଼ିକ ଟୋଲ୍ ଫି' ଦେଉନଥିବାରୁ ଜାତୀୟ ରାଜପଥ ପ୍ରାଧିକରଣ(ଏନଏଚଏଆଇ)ଙ୍କୁ ଓଡ଼ିଶାରେ ୪୦୦କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ପଡୁଛି । ଓଡ଼ିଶାରେ ଏନଏଚଏଆଇ ଦ୍ୱାରା ଏବେ ପ୍ରାୟ ୩୯୫୪୦କୋଟି ଟଙ୍କାର ୩୧ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ଯଦି ରାଜସ୍ୱ ସଂଗ୍ରହ ନହେବ, ତା'ହେଲେ କିଭଳି ଅର୍ଥ ବିନିଯୋଗ ହେବ ବୋଲି କହି ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଏନଏଚଏଆଇ ଅଧକ୍ଷ ସନ୍ତୋଷ କୁମାର ଯାଦବ ଚିଠି ଲେଖି ଆପତ୍ତି ଜଣାଇଛନ୍ତି । ବାରମ୍ବାର ବିଭିନ୍ନ ବୈଠକ ଓ ଚିଠି ଲେଖିଲେ ମଧ ଏହି ସମସ୍ୟାର ସମାଧାନ ହେଉନି ବୋଲି ଦର୍ଶାଇ ଶ୍ରୀ ଯାଦବ ଯଥାଶୀଘ୍ର ସମାଧାନ ପାଇଁ ଅନୁରୋଧ କରିଛନ୍ତି । ଅବଶ୍ୟ ଏନଏଚଏଆଇ କର୍ତ୍ତୃପକ୍ଷଙ୍କ ଚିଠି ପରେ ରାଜ୍ୟ ସରକାର ସମସ୍ତ ଷ୍ଟେକହୋଲଡରଙ୍କ ▶▶ପୃଷ୍ଠା ୭

## କୋର୍ଟରେ ହାଜର ହେଲା ଗୋପାଳ ଦାସ: ଅଗଷ୍ଟ ୮ରୁ ଚାର୍ଜ ଫ୍ରେମ୍ ପ୍ରକ୍ରିୟା ଶୁଣାଣି



ଝାରସୁଗୁଡା , ୨୬/୦୭ (ନି.ପ୍ର): କୋର୍ଟରେ ହାଜର ହେଲା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋପାଳ ଦାସ୍ । ଝାରସୁଗୁଡା ଜିଲ୍ଲା ଦୌରା ଜଜଙ୍କ କୋର୍ଟରେ ହାଜର କରାଯାଇଛି । ଜିଲ୍ଲା ଦୌରା ଜଜ ଗୋପାଳର ମାମାଲାକୁ ଅତିରିକ୍ତ ଜିଲ୍ଲା ଦୌରା ଜଜଙ୍କ କୋର୍ଟକୁ ଶୁଣାଣି ପାଇଁ ଦାୟିତ୍ୱ ଦେଇଛନ୍ତି । ଆସନ୍ତା ୮ ତାରିଖରେ ଗୋପାଳ ଦାସକୁ ପୁଣି ଝାରସୁଗୁଡା ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ ନିକଟରେ ହାଜର କରାଯିବ । ସେହି ୮ ତାରିଖ ଦିନ ଚାର୍ଜ ଫ୍ରେମ ପରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ । ତେବେ ଗୋପାଳକୁ କଡା ସୁରକ୍ଷା ବଳୟରେ କଟକ ଚୌଦ୍ୱାରରୁ ଝାରସୁଗୁଡାକୁ ଆଣି କୋର୍ଟରେ ହାଜର କରାଯିବା ପରେ ପୁଣି ତାକୁ ଚୌଦ୍ୱାର ଜେଲକୁ ନିଆଯାଉଛି । ▶▶ପୃଷ୍ଠା ୭

## ଜ୍ଞାନବାପୀ ମସଜିଦର ଏଏସଆଇ ସର୍ଭେ ଉପରେ ରୋକ୍ ଲଗାଇଲେ ହାଇକୋର୍ଟ



ନୂଆଦିଲ୍ଲୀ, ୨୬/୦୭ : ଆହ୍ଲାବାଦ ହାଇକୋର୍ଟ ବାରାଣସୀର ଜ୍ଞାନବାପୀ ମସଜିଦ ପରିସରର ହେବାକୁ ଥିବା ଏସଆଇର ସର୍ଭେ ଉପରେ ରୋକ୍ ଅବଧିକୁ ଜୁଲାଇ ୨୭ ସନ୍ଧ୍ୟା ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି। ସୁପ୍ରିମକୋର୍ଟ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ସର୍ଭେ ଉପରେ ରୋକ୍ ଲଗାଇଥିଲେ। ଆହ୍ଲାବାଦ ହାଇକୋର୍ଟ ଗୁରୁବାର ପୁଣି ଥରେ ଶୁଣାଣି କରିବେ। ଅଞ୍ଜୁମନ ଇନ୍ତେଜାମିଆ କମିଟି ଜ୍ଞାନବାପୀ ମସଜିଦ ପରିସରର ଏଏସଆଇ ସର୍ଭେ କରାଇବା ବାରାଣସୀ କୋର୍ଟର ନିଷ୍ପତ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଏହା ଉପରେ ଆଜି ହାଇକୋର୍ଟରେ ଶୁଣାଣି ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ମୁସଲିମ ପକ୍ଷଙ୍କ ଯାଚିକା ଉପରେ ସକାଳରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏବଂ ପୁଣି ଥରେ ଅପରାହ୍ନ ୪ଟାରେ ଶୁଣାଣି କରିଛନ୍ତି। ଏହି ସମୟରେ ଏଏସଆଇର ଅତିରିକ୍ତ ନିର୍ଦ୍ଦେଶକ କୋର୍ଟରେ ସତ୍ୟପାଠ ଦାଖଲ କରି ଜଣାଇଛି ଯେ, ଯାହା ବି ସର୍ଭେ ହେବ ସେଥିରେ ମସଜିଦର କୌଣସି କ୍ଷତି ଘଟିବ ନାହିଁ। ସତ୍ୟପାଠ ଉପରେ ଉତ୍ତର ରଖିବା ପାଇଁ ମୁସଲିମ ପକ୍ଷ କୋର୍ଟରୁ ସମୟ ମାଗିବାରୁ ଶୁଣାଣିକୁ ଆସନ୍ତା ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଶୁଣାଣି ସମୟରେ ମୁସଲିମ ପକ୍ଷଙ୍କ ଓକିଲ ନକଭି କହିଛନ୍ତି ଏହା ସଂରକ୍ଷିତ ସ୍ଥଳ, ଯାହା ଉପରେ ଏଏସଆଇ ଦାବି କରିଛି ଯେ, କେନ୍ଦ୍ର ସରକାରଙ୍କ ମଞ୍ଜୁରୀକ୍ରମେ ଏଏସଆଇ ଆକ୍ଟ ଅନୁସାରେ ସର୍ଭେ କରାଯାଇ ପାରିବ। ମାମଲାରେ ହିନ୍ଦୁ ପକ୍ଷଙ୍କ ପକ୍ଷରୁ ହାଜର ବିଷ୍ଣୁ ଜୈନ କହିଛନ୍ତି, ଏଏସଆଇର ଅତିରିକ୍ତ ନିର୍ଦ୍ଦେଶକ ଆଜି ଆହ୍ଲାବାଦ ▶▶ପୃଷ୍ଠା ୭

# ବ୍ରିଟିଶ ଅମଳର ଲଜିଂ ହାଉସଫଣ୍ଡ ଗୃହ ଏବେ ପାଲଟିଛି ଭୂତ କୋଠି

ପୁରୀ, ୨୬/୦୭ (ନି.ପ୍ର): ତୀର୍ଥଯାତ୍ରୀଙ୍କ ରହଣି,ସୁବିଧା ଓ ତୀର୍ଥକର ଆଦାୟ ପାଇଁ ପୁରୀ ଲଜିଂ ହାଉସ ଫଣ୍ଡ ବ୍ରିଟିଶ ଅମଳରୁ ଗଠନ ହୋଇ ଚାଲୁଥିଲା । ସେତେବେଳେ କେନ୍ଦ୍ରୀୟ ଆଇନ ଅନୁସାରେ ଏହା ଗଠିତ ହୋଇଥିଲା । କିଛି ବର୍ଷ ତଳୁ ରାଜ୍ୟ ସରକାର ଏହି ସଂସ୍ଥାକୁ ପୌରସଂସ୍ଥାରେ ମିଶ୍ରଣ କରିଛନ୍ତି । ଫଣ୍ଡ ଅଧିନରେ ବଗଲା ଧର୍ମଶାଳା ପରିଚାଳିତ ହେଉଥିଲା । ସେତେବେଳେ ୨ ଟଙ୍କାରୁ ଆରମ୍ଭ କରି ୧୦ ଟଙ୍କା ଓ ପରେ ୨୦ ଟଙ୍କା ଦେଇ ଗରିବ ତୀର୍ଥଯାତ୍ରୀମାନେ ବଗଲା ଧର୍ମଶାଳାରେ ରୁମ ନେଇ ରହି ପାରୁଥିଲେ । ସହରରେ ଆଲୋଚନା ହେଉଛି ବଗଲା ଧର୍ମଶାଳାକୁ ହାତକୁ ନେବା ପାଇଁ ଏଭଳି ଷଡ଼ଯନ୍ତ୍ର କରାଯାଇଛି । ଏବେ ଗରିବ ତୀର୍ଥଯାତ୍ରୀମାନେ ବଡ଼ଦାଣ୍ଡ ବାରଣ୍ଡାରେ ରାତ୍ରି ଯାପନ କରୁଛନ୍ତି । ବ୍ରିଟିଶ ଅମଳରୁ ଥିବା ବିଭିନ୍ନ ସରଞ୍ଜାମ ଦସ୍ତାବିଜ୍ ଆଦି କେଉଁ ଆଡ଼େ ଗଲା କାହାକୁ ଦିଆଗଲା,କିଏ ରଖିଲା ସେ ସମ୍ପର୍କରେ ଜନସାଧାରଣ ଜାଣିପାରୁ ନାହାନ୍ତି । ଆଗରୁ ପୁରୀ ସହରରେ ଥିବା ହୋଟେଲ ଓ ଲଜିଂରୁ କର ଆଦାୟ ସହ ତନଖି ସହ କେତେ ରୁମ୍ ବ୍ୟବହାର କରାଯାଉଥିଲା ସେ ସମ୍ପର୍କରେ ତନାଘନା କରାଯାଉଥିବାରୁ ସେମାନଙ୍କ ଭୟ ରହୁଥିଲା । ଏପରିକି କୋଣାର୍କରେ ଥିବା ବିଭିନ୍ନ ହୋଟେଲ ଓ ଲଜିଂର ମାଲିକମାନେ ବର୍ଷକୁ ବର୍ଷ କେତେ ରୁମ ଅଛି, କେତେ ଟଙ୍କା ଆଦାୟ ହୋଇଛି ,ଯାତ୍ରୀଙ୍କ ପାଇଁ କଣ ସୁବିଧା ଅଛି ସେ ସମ୍ପର୍କରେ ଆଫିଡ଼େଭିଟ ଦେବା ସହ ଦେୟ ଦେଇ ରସିଦ କାଟୁଥିଲେ । ଲଜିଂ ହାଉସ ଫଣ୍ଡ ପୌରସଂସ୍ଥାରେ ମିଶିବା ପରେ ଆଉ ତୀର୍ଥଯାତ୍ରୀଙ୍କ ସୁବିଧା ସମ୍ପର୍କରେ କେହି ବୁଝୁ ନାହାନ୍ତି । ଏପରିକି ତୀର୍ଥଯାତ୍ରୀଙ୍କ ପାଇଁ ବର୍ତମାନର ଜିଲ୍ଲା ଚିକିତ୍ସାଳୟ ପିଲିଗ୍ରିମ୍ ଡ଼ାକ୍ତରଖାନା ନାମରେ ମଠ ମହନ୍ତ ଓ ବଦାନ୍ୟ ବ୍ୟକ୍ତିମାନେ ଅର୍ଥ ଆଦାୟ କରି ନିର୍ମାଣ କରିଥିଲେ । ଏବେ ସେହି ଡ଼ାକ୍ତରଖାନାକୁ ତୀର୍ଥଯାତ୍ରୀ ଗଲେ ସ୍ୱତନ୍ତ୍ର ବେଡ଼ ଓ ରୁମ୍ ମିଳୁନଥିବା ଅଭିଯୋଗ ହେଉଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଲଜିଂ ହାଉସ ଫଣ୍ଡର ପୁରୁଣା ଗୃହ ରହିଛି । ତା ଚାରିପଟ ଅନାବନା ଗଛରେ ପରିପୂର୍ଣ୍ଣ ହେବା ସହ ବିଷଧର ସର୍ପ ଯାଆସ କରୁଛନ୍ତି । କିଛି ମାସ ତଳେ ଗୋଟିଏ ଡାମଣା ସାପ ମୋହରିର ଖାନାରେ ପସି ଯିବାରୁ ସ୍ନେକ ହେଲପ ଲାଇନ ସେଠାରୁ ଉଦ୍ଧାର କରିଥିଲା । ଏହି ଘରଟି ଏବେ ବହୁ ବର୍ଷ ଧରି ବନ୍ଦ ରହିଥିବାରୁ ତାହା ଏବେ ଭୂତକୋଠି ପାଲଟିଛି । ଏହି ଘରଟି ଲଜିଂ ହାଉସ ଫଣ୍ଡ ସମସ୍ତ ଆସବାପତ୍ର ସହ ଘରଟି ମଧ୍ୟ ପୌରସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା । ଏବେ ଏହି ଘରଟି ପୌରସଂସ୍ଥାର ନା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଥିବାରୁ ତାହା ଜିଲ୍ଲାପାଳଙ୍କ ଅଧିନରେ ରହିଛି କି ନାହିଁ ତାହା ଜନସାଧାରଣ ସନ୍ଦେହ ମଧ୍ୟରେ ରହିଛନ୍ତି । ଏହି ଘର ଆଗରେ ଏବେ ଅଳିଆ ଠେଲାଗାଡ଼ି ପାର୍କିଂ କରୁଛି । ଲଜିଂ ହାଉସ ଫଣ୍ଡ ଲେଖା ଅଛି କିନ୍ତୁ ତାର ପୂର୍ବ ଐତିହ୍ୟ ହଜିଯିବା ସମ୍ପର୍କରେ କଚେରି ହତାରେ ଆଲୋଚନା ହେଉଛି ।

## ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ସାରା ରାଜ୍ୟର ୧୪୭ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୩୭,୬୦୬ ଗୋଟି ବୁଥ୍‌ରେ ଘରକୁ ଘର ବୁଲି ଆରମ୍ଭ ହୋଇଥିବା ସର୍ବେକ୍ଷଣରେ ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ ଆୟୋଜିତ ହୋଇଯାଇଛି । ରାଜନୈତିକ ଦଳମାନଙ୍କ ଦ୍ୱାରା ବୁଥ୍‌ସ୍ତରରେ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି ସହ ସେମାନଙ୍କୁ ପରିଚୟ ପ୍ରଦାନ ନିମନ୍ତେ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି । ରାଜନୈତିକ ଦଳର ଜିଲ୍ଲା ସଭାପତିମାନେ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି କରିବା ସହ ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବେ ଏବଂ ନିଯୁକ୍ତି ପାଇଥିବା ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କର ଏକ ତାଲିକା ସଂପୃକ୍ତ ନିର୍ବାଚକ ପଂଜୀକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ । ଯେଉଁମାନଙ୍କୁ ବୁଥ୍‌ସ୍ତରୀୟ ଏଜେଣ୍ଟ ଭାବେ ନିଯୁକ୍ତ କରାଯିବ, ସେମାନେ ସଂପୃକ୍ତ ବୁଥ୍ ଅଞ୍ଚଳର ପଂଜୀକୃତ ଭୋଟର ହୋଇଥିବା ଦରକାର । ଜୁଲାଇ ୨୧ ତାରିଖରୁ ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ହୋଇଥିବା ବୁଥ୍‌ସ୍ତରୀୟ ସର୍ବେକ୍ଷଣରେ ବୁଥ୍‌ସ୍ତରୀୟ ଅଧିକାରୀ ଓ ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ନିର୍ଭୁଲ ତଥ୍ୟ ସଂଗ୍ରହ କରିବେ । ବୁଥ୍‌ସ୍ତରୀୟ ଅଧିକାରୀମାନେ 'ବିଏଲ୍‌ଓ ଆପ୍' ଜରିଆରେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ ।

## ସ୍ୱିନ୍‌ଫେଡ୍ ଓ ଯୁବ ଉଦ୍ୟୋଗୀଙ୍କ ମଧ୍ୟରେ ପୋଷାକ ପ୍ରସ୍ତୁତି କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ଆଜି ପୂର୍ବାହ୍ନରେ ଲୋକସେବା ଭବନଠାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁଙ୍କ ପ୍ରକୋଷ୍ଠରେ ସ୍ୱିନ୍‌ଫେଡ୍ ଓ ଯୁବ ଉଦ୍ୟୋଗୀମାନଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ମନ୍ତ୍ରୀ ଶ୍ରୀମତୀ ସାହୁ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି ।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ମନୋନୀତ ହୋଇଥିବା ଯୁବ ଉଦ୍ୟୋଗୀ ମୁକେଶ ନାୟକ (କେନ୍ଦ୍ରାପଡ଼ା), ବିନୟ ମୁଣ୍ଡା (ରାଇରଙ୍ଗପୁର), ବିଶ୍ୱଜିତ କିରୋ (ସୁନ୍ଦରଗଡ଼) ଭୁବନେଶ୍ୱରର ପଟିଆଠାରେ ପ୍ଲଗ୍ ଆଣ୍ଡ ପ୍ଲେ ମଡେଲରେ ଇନ୍‌କ୍ୟୁବେସନ୍ ସେଣ୍ଟରକୁ କାର୍ଯ୍ୟକାରୀ କରିବେ । ଏହି ଇନ୍‌କ୍ୟୁବେସନ୍ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ୫୦୦ ଜଣ ଯୁବକଯୁବତୀ କର୍ମନିଯୁକ୍ତି ପାଇପାରିବେ । ଏହି ତିନିଜଣ ଯୁବ ଉଦ୍ୟୋଗୀ ଓ ସ୍ୱିନ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦେବଜିତ୍ ନନ୍ଦୀଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୋଷାକ ପ୍ରସ୍ତୁତି କ୍ଷେତ୍ରରେ ଉଦ୍ୟୋଗର ପ୍ରଚାରପ୍ରସାର, ଅତିରିକ୍ତ ପ୍ରସ୍ତୁତି କ୍ଷମତା ସୃଷ୍ଟି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା । ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ପୋଷାକ ପ୍ରସ୍ତୁତି କ୍ଷେତ୍ରରେ ଅଧିକରୁ ଅଧିକ ମହିଳା ନିୟୋଜିତ ହୋଇ ଆର୍ଥିକ କ୍ଷେତ୍ରରେ ସଶକ୍ତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ପ୍ରକାଶ କରିଛନ୍ତି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ କହିଲେ ଯେ ଏହି ତିନିଜଣ ଉଦ୍ୟୋଗୀ ପୋଷାକ ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶାରେ ରୋଲ୍ ମଡେଲ୍ ହୋଇ ଭବିଷ୍ୟତରେ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରିବେ । ଏହା ଦ୍ୱାରା ବୟନ ଓ ପୋଷାକ କ୍ଷେତ୍ରରେ ବହୁମାତ୍ରାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ସଂପ୍ରତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଇନ୍‌କ୍ୟୁବେସନ୍ ସେଣ୍ଟର ନିମନ୍ତେ ୧୫ କୋଟି ଟଙ୍କା ବ୍ୟୟ କରାଯାଇ ଭିତ୍ତିଭୂମି ନିର୍ମାଣ, ୪୫ ହଜାର ବର୍ଗ ଫୁଟ ପରିମିତ ତିନିମହଲା କୋଠା ନିର୍ମାଣ କରାଯାଇଛି, ଯେଉଁଠାରେ ୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ମେସିନ୍ କ୍ରୟ କରାଯାଇ ପ୍ରତିଷ୍ଠା କରାଯାଇଛି । ପ୍ରତି ଯୁବ ଉଦ୍ୟୋଗୀଙ୍କୁ ସେମାନଙ୍କ ଇନ୍‌କ୍ୟୁବେସନ୍ ସେଣ୍ଟରରେ ଉଦ୍ୟୋଗର ଅଭିବୃଦ୍ଧି ସହିତ ଆତ୍ମବିଶ୍ୱାସ ବଢ଼ାଇବା ନିମନ୍ତେ ୩ ବର୍ଷ ପାଇଁ ସରକାର ଏହି କେନ୍ଦ୍ରର ବ୍ୟୟ ବହନ କରିବେ । ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ, ବିଭାଗୀୟ ସ୍ୱତନ୍ତ୍ର ସଚିବ ସରୋଜ କୁମାର ପଟେଲ ଓ ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

## ଆରଏସପିରେ ଜୁନିୟର ଅଫିସର ପଦୋନ୍ନତି ପରୀକ୍ଷା ଘଟଣାରେ କୋଟି କୋଟି ଟଙ୍କା କାରବାର ଅଭିଯୋଗ

ରାଉରକେଲା, ୨୬/୦୭ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ନିକଟରେ କର୍ମଚାରୀ ମାନଙ୍କୁ ପରୀକ୍ଷା କରାଇ ସେମାନଙ୍କୁ ଜୁନିୟର ଅଫିସରକୁ ପଦୋନ୍ନତି କରାଇବା ଘଟଣାରେ କୋଟି କୋଟି ଟଙ୍କାର ଲାଂଚ କାରବାର ହୋଇଥିବା ନେଇ କଥା କାରଖାନା ଭିତରେ ବାହାରେ ଉଠୁଛି ପଡୁଛି, ଏନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇ ହସ୍ତକ୍ଷେପ କରି ଯାଂଚ ଆରମ୍ଭ କଲେ ବହୁ ମରମ କଥା ପଦାକୁ ଆସିବା ସହ ଅବସର ନେବାକୁ ଯାଉଥିବା ବାବୁ ମାନେ ଓ ବଡ ବଡିଆ ଆରଏସପି ବାବୁ ମାନେ କେତେ କୋଟି ପକେଟସ୍ଥ କରିଛନ୍ତି ତାହା ପଦାକୁ ଆସିବା ସହ ଏହି ପଦୋନ୍ନତିରେ ଅନ୍ୟାୟର ଶୀକାର ହୋଇଥିବା କର୍ମଚାରୀ ମାନଙ୍କୁ ନ୍ୟାୟ ମିଳିପାରିବ ବୋଲି ମତପ୍ରକାଶ ପାଇଛି । ଖବରରୁ ଜଣାପଡିଛି ଯେ, ଆରଏସପିର ୬୦୦ କର୍ମଚାରୀଙ୍କୁ ଏହି ସୁବିଧା ଦେବାକୁ ଜୁନିୟର ଅଫିସର ପରୀକ୍ଷା ଦେବାକୁ ପଡିଥିଲା, ତେବେ ସେହି ପ୍ରଶ୍ନପତ୍ର ପଦାକୁ ଆସିଯିବାରୁ ପୁର୍ନବାର ଏହାର ଲିଖିତ ପରୀକ୍ଷା ଓ ମୌଖିକ ପରୀକ୍ଷା ଗତ ଏପ୍ରିଲ ମାସରେ କରାଯାଇ ମଇ ମାସରେ ଏହାର ଫଳ ପ୍ରକାଶ ପାଇଥିଲା । ତେବେ ଏହି ପରୀକ୍ଷାରେ ଅଧିକରୁ ଅଧିକ ଜୁନିୟର ପିଲା ଲାଭବାନ ହୋଇଥିବା ବେଳେ ବହୁ ବରିଷ୍ଠ ମାନେ ପଛରେ ରହିଯାଇଥିଲେ । ତେବେ ପଦୋନ୍ନତି ପାଇଥିବା ବାବୁ ମାନେ ନିଜର ଜିଏମ ମାନଙ୍କ ଆଦେଶରେ ରାଉରକେଲା କ୍ଲବ ଓ ଜର୍ମାନ କ୍ଲବରେ ପାର୍ଟି ପରେ ପାର୍ଟି ଦେଇ ମସଗୁଲ ହେବା ଆରମ୍ଭ କରିବା ପରେ ଏଥିରେ କେତେବଡ କାରବାର ହୋଇଛି ତାହା ପଦାକୁ ଆସିବା ଆରମ୍ଭ କରିଛି । ଖବରରୁ ଜଣାପଡିଛି ଯେ, ଏହି ପରୀକ୍ଷା ସରିବା ପରେ ଆରଏସପିର ଅବସର ନେବାକୁ ଯାଉଥିବା ଇଡି ଓ କାରଖାନାର ସର୍ବେ ସର୍ବା କହୁଥିବା ଜଣେ ବାବୁ ଏଥିଲାଗି କେତେକ ଦଲାଲଙ୍କ ମାଧ୍ୟମରେ ଜାଲ ପକାଇବା ଆରମ୍ଭ କରିଥିଲେ । ପରେ ଚାକିରୀ କାଳ ଅଧିକ ସମୟ ଥିବା ଜୁନିୟର କର୍ମଚାରୀ ମାନଙ୍କୁ ବୁଝାଇ ଦିଆଗଲା ୧୦ ଲକ୍ଷ ଦେଇ ଏହି ପଦୋନ୍ନତି ନେଲେ ଜୀବନ ବହୁ ଲମ୍ବା ଚାକିରୀ କାଳରେ ଅନେକ ରୋଜଗାର କରିବାର ସୁଯୋଗ ରହିଛି, ତେଣୁ ସାର ମାନଙ୍କୁ ଖୁସି କରିବା ଲାଗି ୧୦ ଲକ୍ଷ ଯୋଗାଡ କରି ପାଶ ହେବାର ଆର୍ଶିବାଦ ନେବାଲାଗି ବ୍ୟବସ୍ଥା କର । ପରେ ଏହାକୁ ହିସାବ କରି ବହୁ କର୍ମଚାରୀ କୁଆଡେ କୋଅପରେଟିଭ, ବ୍ୟାଙ୍କ ଆଦିରୁ ଋଣ ଉଠାଇ ଏହି ଅର୍ଥ ଦଲାଲ ମାନଙ୍କୁ ଦେବା ପରେ ସେମାନଙ୍କୁ ଏହି ପ୍ରମୋଶନ ମିଳିଥିବା କୁହାଯାଉଛି । ଏହାଦ୍ୱାରା ଅନେକ ବରିଷ୍ଠ କର୍ମଚାରୀ ନିରାଶ ହେବା ସହ ଏହି କାରବାରରେ ସେମାନେ ପଛରେ ରହିଗଲେ, ବିଫଳ ହେଲେ ବୋଲି ନିରାଶ ହୋଇଥିବା ଖବର ମିଳିଛି । ତେବେ ଏହି କାରବାରରେ ଦୁଇ ଜଣ ଅଧିକାରୀ ଶହ ଶହ କୋଟି ଟଙ୍କା ପକେଟସ୍ଥ କରିଥିବା ବେଳେ କିଛି ତଳିଆ କର୍ମଚାରୀ ମଧ ବେଶ ଦୁଇ ପଇସା ରୋଜଗାର କରିଥିବା ଖବର ମିଳିଛି । ବିଶେଷ କରି କର୍ମଚାରୀ ମାନଙ୍କର ନିକଟସ୍ଥ ଅଧିକାରୀ ମାନେ ଏହି କାରବାରର ମୁଖ୍ୟ ଯୋଗାଯୋଗକାରୀ ହୋଇଥିବା ଖବର ମିଳିଛି । ଏହି ଖୁସିକୁ ଅଧିକ ଗରମ କରିବା ଲାଗି ସେହି ଜେଓ ମାନଙ୍କର ଜିଏମ ମାନେ କୁଆଡେ ବାବୁ ମାନଙ୍କୁ ଆପ୍ୟାୟିତ କରିବା ଲାଗି କ୍ଲବ ଗୁଡିକରେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଉଥିବା ଖବର ମିଳିଛି ।୧୦ ଲକ୍ଷ ଲାଂଚ ଦେବା ପରେ ପୁଣି ପାର୍ଟି ଲାଗି ବାବୁ ମାନେ ବାଧ ହୋଇ ପିଆଲାର ସ୍ୱରରେ ଗପିବା ମାମଲା କଥା ପଦାକୁ ଆଣିଥିବା କୁହାଯାଉଛି । ରାଉରକେଲା ଅରଏସପିରେ ଏତେ ବଡ କାରବାର କରି ଶହ ଶହ କୋଟି ଲୁଟିନେବା ଘଟଣାକୁ ସିବିଆଇ ପକ୍ଷରୁ ଯାଂଚ କରାଜିବା ଲାଗି ଦାବି ହେଉଛି । ଏଠି ସିବିଆଇ ତାର ଅଫିସ ର ଷ୍ଟାଫ୍ ସଂଖ୍ୟାକୁ କମେଇ ଦେଇ କେବଳ ଦୁଇ ଜଣ କର୍ମଚାରୀଙ୍କୁ ଅଫିସ ଜଗାଇଥିବାରୁ ଏଭଳି ଲୁଟ ପାଟ ଲାଗି ବାବୁ ମାନେ ସାହାସ କରୁଥିବା କୁହାଯାଉଛି । ତେଣୁ ଏହି ଘଟଣା ସଂପର୍କରେ ସିବିଆଇ ଏସପି ଡାଇରେକ୍ଟର ଦୃଷ୍ଟି ଦେଇ ଅବସର ନେବାକୁ ଯାଉଥିବା ବାବୁ ଓ ସର୍ବେସର୍ବା ବାବୁଙ୍କୁ ତଦନ୍ତ ପରିସରକୁ ଆଣିଲେ ବହୁ ରହସ୍ୟ ପଦାକୁ ଆସିବା ସହ ଏମାନଙ୍କର ପ୍ରକୃତ ରୂପ ପଦାରେ ପଡିବ ବୋଲି ମତପ୍ରକାଶ ପାଇଛି ।

## ମହରମ ପର୍ବ ପାଳନ ପାଇଁ ପ୍ରସ୍ତୁତି: ଶାନ୍ତି କମିଟି ଗଠିତ

କୋରେଇ, ୨୬/୦୭ (ନି.ପ୍ର): ପାଣିକୋଇଲି ଥାନା ପରିସରରେ ଆଜି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ଅଧକ୍ଷତାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହରମ ପର୍ବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଓ ଶାନ୍ତି କମିଟି ଗଠନ କରାଯାଇଛି ।ଉକ୍ତ ବୈଠକରେ ମହରମ ପର୍ବ କିପରି ଭାବେ ଶାନ୍ତି ଶୃଙ୍ଖଳାର ସହ ପାଳିତ ହୋଇପାରିବ ସେ ନେଇ ଶ୍ରୀମତୀ ବିଶ୍ୱାଳ ଆଲୋଚନା କରିଥିଲେ । ପାଣିକୋଇଲି, ରାମପୁର ଶଗଡି, ବଇଁଚିରା ଆଦି ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ଭାଇ ମାନେ ଯୋଗଦେଇ ପୂର୍ବରୁ ଭାଇଚାରା ବଜାୟୀ ରହିବ ସେଭଳି ଭାବେ ପର୍ବ ପାଳନ କରାଯିବ ବୋଲି ଆଲୋଚନା କରିଥିଲେ । ଚଳିତ ବର୍ଷ ମଧ ଭାଇ ଚାରା ବଜାୟ ରହିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ବୈଠକରେ ସଂଖ୍ୟାଲଘୁ ସମ୍ପ୍ରଦାୟର କର୍ମକର୍ତା ମାନେ ଯୋଗଦେଇଥିଲେ ।ସେକ ଜହର ଅଲ୍ଲୀ, ସେକ ବାବୁ, ମୁଜିବୁର ରହେମାନ, ସେକ ଇସାକ, ଅଲଜିରା ବେଗ, ରଜାଗ ବେଗ, ନିନା ବେଗ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚିତ

ପୁରୀ, ୨୬/୦୭ (ନି.ପ୍ର): ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଆଜି ଆଧାତ୍ମିକ ପୁସ୍ତକ ନିଳାଦ୍ରୀ ଭୂଷଣର ଉନ୍ମୋଚନ କରିଛନ୍ତି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ କାର୍ଯ୍ୟାଳୟ ପରିସରରେ ଲେଖକ ଯାଜପୁର ଜିଲ୍ଲା ବରୀ ବ୍ଲକ ବାଲିଆ ହରିପୁରର ବେଣୁଧର ପତି ଓ ତାଙ୍କ ପନ୍ନୀ ଟୁନିବାଳା ପତିଙ୍କ ଉପସ୍ଥିତିରେ ମୁଖ୍ୟ ପ୍ରଶାସକ ଶ୍ରୀ ଦାସ ଏହାକୁ ଉନ୍ମୋଚନ କରିବା ସହ ପ୍ରଭୁଙ୍କ ମହିମା ପ୍ରଚାର ପ୍ରସାର ଦିଗରେ ଏହା ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଉନ୍ମୋଚନ ସମୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ବରିଷ୍ଠ ପତ୍ରକାର ତଥା ସମାଜସେବୀ ଆନନ୍ଦ ଚନ୍ଦ୍ର ସାହୁ,ଡଃ ପ୍ରଭଞ୍ଜନ ପତି, ଗଗନ ବିହାରୀ ଜେନା, ଶରତ କୁମାର ଜେନା (ଏକନ),ରମେଶ କୁମାର ପତି, ଚିତରଞ୍ଜନ ପତି,ଜ୍ୟୋତି ରଞ୍ଜନ ପତି, ଶୁଭକାନ୍ତ ପତି ନିଳାଦ୍ରୀ ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ମୁଖ୍ୟ ପ୍ରଶାସକଙ୍କୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତରାୟଙ୍କ ଆବକ୍ଷ ପ୍ରତିମୂର୍ତି ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ନାବାଳିକା ଗଣଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ବର୍ଷ ଜେଲ ସହ ୫୦ହଜାର ଜରିମାନା

କେନ୍ଦୁଝର, ୨୬/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଖଣି ସହର ବଡବିଲଠାରେ ୨୦୧୭ ମସିହାରେ ଘଟିଯାଇଥିବା ବହୁ ଚର୍ଚ୍ଚିତ ଗଣ ଦୁଷ୍କର୍ମ ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି । କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ମୁଖ୍ୟ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଓ ୫୦ ହଜାର ଜୋରିମନା ସହିତ ପିଡିତାଙ୍କୁ ସାତଲକ୍ଷ ୫୦ ହଜାରର ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଆଦେଶ ଦେଇଛନ୍ତି । କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବଡବିଲ ସହରରେ ରହୁଥିବା ଜଣେ ୧୪ ବର୍ଷୀୟା ନାବାଳିକାଙ୍କ ପିତାମାତା ଝିଅକୁ ଘରେ ଛାଡି ଟାଟା ଯାଇଥିଲେ । ସେମାନେ ୫/୮/ ୨୦୧୭ ରାତ୍ରୀ ୧୦ଟାରେ ଘରେ ପହଁଚିବା ବେଳକୁ ଝିଅଟି ଘରେ ନଥିଲା । ସେହି ରାତ୍ରୀରେ ବହୁ ଖୋଜାଖୋଜିପରେ ମଧ୍ୟ ଝିଅକୁ ପାଇନଥିଲେ । କିନ୍ତୁ ତା ପରଦିନ ୬/ ୮/୨୦୧୭ ସକାଳେ ଝିଅକୁ ବଡବିଲ ଷ୍ଟେସନରୁ ମୁମୁର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଝିଅକୁ ଘରକୁ ଆଣିବାପରେ ସେ ଘଟିଯାଇଥିବା ଘଟଣାକୁ ପିତାମାତାଙ୍କୁ ଜଣାଇଥିଲା । ଘଟଣା ଅନୁସାରେ ୫/୮/ ୨୦୧୭ଦିନ ପ୍ରାୟ ୩ଟା ବେଳେ ଝିଅଟିର ଜଣେ ସାଙ୍ଗ ଡାକିବାରୁ ବଡବିଲ ରବିନସନ ମଲ୍ଲ ପାଖକୁ ଯାଇଥିଲେ । ସାଙ୍ଗ କୁ ଦେଖାକରି ଫେରିବାବେଳେ ସାଧୁ ହାଟିଂ ନିକଟରେ ୨ ଜଣ ମୁଖା ପିନ୍ଧା ଲୋକ ଯୁବତୀ ଜଣକୁ ମୁହଁରେ କପଡାଦେଇ ମୁର୍ଗା ମହାଦେବ ଜଙ୍ଗଲକୁ ଟେକିନେଇଥିଲେ । ସେଠାରେ ଆଉଜଣେ ଯୁବକ ପହଁଚିବାପରେ ୩ ଜଣ ମିଶି ନାବାଳିକାଙ୍କୁ ବଳପୂର୍ବକ ଗଣଦୂଷ୍କର୍ମ କରିଥିଲେ । ତା ପରଦିନ ସକାଳେ ବଡବିଲ ଷ୍ଟେସନକୁ ନେଇ ନାବାଳିକାକୁ ଅନ୍ୟତ୍ର ନେବା ଯୋଜନା ଚଳାଇଥିବା ବେଳେ ନାବାଳିକା ଜଣକ ସେଠାରୁ ଖସିଯାଇଥିଲେ । ଏବଂ ୬/୮/ ୨୦୧୭ରେ ପରିବାର ଝିଅଟିକୁ ଷ୍ଟେସନ ନିକଟରୁ ଉଦ୍ଧାର କରିଥିଲେ । ପରିବାର ପକ୍ଷରୁ ଏ ବାବଦରେ ଥାନାରେ ଏତେଲା ଦେବାରୁ ପୋଲିସ କେଶ ନମ୍ବର ୧୦୮/୧୭ ଦଫା ୩୭୬(ଡି),୬ ପୋକ୍ସୋ ଆକ୍ଟ ଅନୁସାରେ ମୃଖ୍ୟ ଅଭିଯୁକ୍ତ ବଡବିଲର ଗୌରା ଗ୍ୟାରେଜ ନିକଟରେ ରହୁଥିବା ବିଜୟ ମହାରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅନ୍ୟ ଦୁଇଜଣ ଏବେ ମଧ ଫେରାର ବୋଲି ଜଣାପଡିଛି । ଏହି ମାମଲାରେ ୧୪ ଜଣ ସାକ୍ଷୀ ପ୍ରମାଣକୁ ଭିତିକରି କେନ୍ଦୁଝର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ ସୁଶ୍ରୀ ଶୁଭଶ୍ରୀ ତ୍ରିପାଠୀ ଅଭିଯୁକ୍ତ ବିଜୟ ମହାରଣାଙ୍କୁ ୨୦ ବର୍ଷ ଜେଲ,୫୦ ହଜାର ଜରିମନା,ଅନାଦେୟ ଅଧିକ ୧ବର୍ଷ ଜେଲ ଏବଂ ପିଡିତାଙ୍କୁ ୭.୫ ଲକ୍ଷର ଅନୁକମ୍ପା ରାଶି ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି ପି ଗଣେଷ ପ୍ରସାଦ ମହାପାତ୍ର ମାମଲାଟିର ପରିଚାଳନା କରୁଥିଲେ ବୋଲି ଜଣାପଡିଛି ।

## ବିଦ୍ୟୁତ୍ ତାର ଚୋରି ମାମଲାରେ ଦୁଇ ଅଭିଯୁକ୍ତ ଅଦାଲତ ଚାଲାଣ

କୋରେଇ, ୨୬/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ସପିସାହିରେ ଗତ ଜୁନ ୧୮ ତାରିଖ ରାତ୍ରୀରେ ବିଦ୍ୟୁତ ତାର ଚୋରି ସମୟରେ ଗ୍ରାମବାସୀ ୨ଜଣ ଚୋରଙ୍କୁ ଧରି ପୁଲିସର ଜିମା ଦେଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରି ଫେରାର ହୋଇଥିଲେ ।ଏନେଇ ଜୁନ ୧୯ ତାରିଖରେ ପାଣିକୋଇଲି ବିଦ୍ୟୁତ ଉପଖଣ୍ଡର ଜିତେନ୍ଦ୍ରନାଥ ସାହୁ ତାର ଚୋରି ନେଇ ଏକ ଲିଖିତ ଅଭିଯୋଗ ଥାନାରେ କରିଥିଲେ । ଏନେଇ ପୁଲିସ ଏକ ମାମଲା ୧୫୩/୨୩ ରୁଜୁ କରିବା ସହ ଧରାପଡ଼ିଥିବା ଦୁଇ ଜଣଙ୍କୁ ଅଦାଲତ ଚାଲାଣ କରିଥିଲେ । ସୋମବାର ରାତ୍ରୀରେ ଆଉ ଦୁଇ ଅଭିଯୁକ୍ତ କରଦା ମଙ୍ଗଳା ପାଟଣା ଗ୍ରାମର ବାଇଧର ବେହେରାଙ୍କ ପୁଅ ଚିନ୍ତାମଣି (୫୦) ଓ କରଦାର ଗଙ୍ଗା ମୁଣ୍ଡାଙ୍କ ପୁଅ କାଠିଆ (୪୨)କୁ ଧରିବାରେ ସକ୍ଷମ ହୋଇଥିଲେ । ଆଜି ଦୁଇ ଅଭିଯୁକ୍ତଙ୍କୁ ଦଫା ୩୭୯ରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତକାରୀ ଏଏସଆଇ ପିକେ ଗଡନାୟକଙ୍କ ପକ୍ଷରୁ ପ୍ରକାଶ ।

## ନବ ନିଯୁକ୍ତ ପିଜିଟିମାନଙ୍କର ଛଅଦିନିଆ ପ୍ରବେଶକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୫ ଜୁଲାଇ -ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଆର.ଆଇ.ଇ ଭୁବନେଶ୍ୱର ଓ ଓସେପା ମିଳିତ ପ୍ରୟାସରେ ଆୟୋଜିତ ନବନିଯୁକ୍ତ ପିଜିଟିମାନଙ୍କର ଛଅଦିନିଆ ପ୍ରବେଶକାଳୀନ ପ୍ରଶିକ୍ଷଣ ଶିବିର ଆର.ଆଇ.ଇ ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ ଛାତ୍ରଛାତ୍ରୀମାନଙ୍କ ଆଧାତ୍ମିକ ଓ ନୈତିକ ଶିକ୍ଷା ଉପରେ ଧ୍ୟାନ ଦେବା ପାଇଁ ତଥା ଅବଦମିତ ଇଚ୍ଛାଶକ୍ତି ବଳରେ ଆଗେଇ ଯିବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ଲୁଗାୟିତ ପ୍ରତିଭାକୁ ସାମ୍ନାକୁ ଆଣିବା ଶିକ୍ଷକମାନଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି ସେ କହିଥିଲେ । ଆର.ଆଇ.ଇ ର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଆତ୍ମସମୀକ୍ଷା କରି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ଆଦର୍ଶ ରୋଲ ମଡ଼େଲ ହେବା ପାଇଁ ପ୍ରଶିକ୍ଷାର୍ଥୀଙ୍କୁ ଆହ୍ୱାନ ଦେଇଥିଲେ । ଆର.ଆଇ.ଇ ର ପ୍ରଫେସର ଏଲିଜାବେଥ ଗମାଇଙ୍ଗ କାର୍ଯ୍ୟକ୍ରମ ସଂଯୋଜିକା ହିସାବରେ ନବନିଯୁକ୍ତ ପିଜିଟିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଜର କର୍ତ୍ତବ୍ୟ ନିଷ୍ଠାପର ଭାବରେ ପାଳନ କରିବା ପାଇଁ କହିଥିଲେ । ପ୍ରାରମ୍ଭରେ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ରଘୁରାମ ଆର. ଆୟାର ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇବା ସହ ତାଲିମ୍ ଶିବିରର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରଶିକ୍ଷାର୍ଥୀମାନଙ୍କୁ ନିଜର ଉତ୍ତମ ପ୍ରଦର୍ଶନ ପାଇଁ ସେ ଆହ୍ୱାନ ଦେଇଥିଲେ ।

## ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଦ୍ୱାରା ୮ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ୧୨୫୦ କୋଟି ଟଙ୍କା ବିନିଯୋଗରେ ୩୬୪୦ ନିଯୁକ୍ତି ସମ୍ଭାବନା ରହିଛି

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ଓଡ଼ିଶା ସରକାରଙ୍କ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସଡବ୍ଲ୍ୟୁସିଏ)ର ୧୨୦ତମ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କମିଟି ପ୍ରାୟ ୧୨୫୦ କୋଟି ଟଙ୍କା ବିନିଯୋଗରେ ୮ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛି । ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୩୬୪୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ଯଥେଷ୍ଟ ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ପୁଞ୍ଜିନିବେଶ ଉଦ୍ଦେଶ୍ୟକୁ ଦୃଢ଼ ବାସ୍ତବତାରେ ପରିଣତ କରିବାଦିଗରେ ଓଡ଼ିଶା ସରକାରଙ୍କ ପ୍ରଗତିଶୀଳ ଦୃଷ୍ଟିକୋଣ ଫଳପ୍ରଦ ହେବାରେ ଲାଗିଛି । ଏହି ବିବିଧ ପ୍ରକଳ୍ପଗୁଡ଼ିକର ସଫଳ ଅନୁମୋଦନ ଆର୍ଥିକ ବର୍ଷ ୨୦୨୩ରେ ଚାଲିଥିବା ପୁଞ୍ଜିନିବେଶକୁ ଆକୃଷ୍ଟ କରିବାରେ ରାଜ୍ୟମାନଙ୍କ ମଧ୍ୟରେ ଦେଶର ଦ୍ୱିତୀୟ ସର୍ବାଧିକ ଚାହିଦାପୂର୍ଣ୍ଣ ନିବେଶ ସ୍ଥଳ ଭାବରେ ନିଜର ପ୍ରତିଷ୍ଠା ବଜାୟ ରଖିବା ଏବଂ ଉନ୍ନତ କରିବାକୁ ରାଜ୍ୟ ସରକାରଙ୍କ ସଂକଳ୍ପକୁ ସୂଚାଉଛି । ୧୨୦ ତମ ଏସ୍‌ଏଲ୍‌ଏସଡବ୍ଲ୍ୟୁସିଏ ରେ ଏସବୁ ପ୍ରକଳ୍ପଗୁଡ଼ିକୁ ସବୁଜ ସଂକେତ ମିଳିଛି, ଯାହାକି ଓଡ଼ିଶାରେ ଶିଳ୍ପ ଇକୋସିଷ୍ଟମର ଦୃତ ସଂପ୍ରସାରଣ ସଂପର୍କରେ ଉଦାହରଣ ଦେଉଛି । ପୋଷାକ ଏବଂ ବୟନ ଶିଳ୍ପ କ୍ଷେତ୍ରରେ ବିକେ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କୁ ଏକ ମୋଜା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ଦିଆଯାଇଛି, ଯାହା ୫୨.୦୦ କୋଟି ଟଙ୍କାର ପୁଞ୍ଜିନିବେଶ ଆଣିବ ଏବଂ ୮୦୦ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି । ମମତା ଫେବ୍ରିକ୍ସ ପ୍ରାଇଭେଟ୍ ଲିମିଟେଡ୍ ର ରେଡିମେଡ୍ ପୋଷାକ ଉତ୍ପାଦନ ୟୁନିଟ୍ ୫୦.୦୦ କୋଟି ଟଙ୍କା ବିନିଯୋଗରେ ପ୍ରତିଷ୍ଠା ହେବ ଏବଂ ଏହା ଖୋର୍ଦ୍ଧାରେ ବୟନ ଶିଳ୍ପକୁ ଆହୁରି ସୁଦୃଢ଼ କରି ୨,୦୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଇସ୍ପାତ (ଡାଉନଷ୍ଟ୍ରିମ୍) କ୍ଷେତ୍ରରେ ଏକ ପ୍ରତିଷ୍ଠିତ ନିର୍ମାତା ୧,୮୦,୦୦୦ ସଂଖ୍ୟକ ଇସ୍ପାତ କବାଟ ଓ ଝରକା ସହ ଅନ୍ୟାନ୍ୟ ଉତ୍ପାଦ ଉତ୍ପାଦନ ପ୍ରସ୍ତୁତି ନିମନ୍ତେ ୧୪୭.୬୪ କୋଟି ଟଙ୍କାର ପୁଞ୍ଜିନିବେଶ ପୂର୍ବକ ଏକ ଅତ୍ୟାଧୁନିକ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୧୫୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ନାକୋନ୍ ଟ୍ୟୁବ୍ ଉତ୍କଳ ଲିମିଟେଡ୍ ୧,୬୦,୦୦୦ ମେଟ୍ରିକ୍ ଟନ୍ ଏମ୍ ଏସ୍ ବର୍ଗାକାର ଓ ଆୟତାକାର ପାଇପ୍ ଓ ଟ୍ୟୁବ୍ ପ୍ରସ୍ତୁତି ନିମନ୍ତେ ଏକ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ୧୦୫ କୋଟି ଟଙ୍କା ବିନିଯୋଗ ଏବଂ ୫୦ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରି ଯାଜପୁର, କଳିଙ୍ଗ ନଗରରେ ଏହାର ଥିବା ବର୍ତ୍ତମାନର କାରଖାନାକୁ ସମ୍ପ୍ରସାରଣ କରିବାକୁ ଯୋଜନା କରିଛି । ବେଦାନ୍ତ ଲିମିଟେଡର ୪.୫ ଏମପିଟିଏ ଲୁହାପଥର ବିଶୋଧନ ପ୍ଲାଣ୍ଟକୁ ଅନୁମୋଦନ ମିଳିବା ପରେ ଓଡ଼ିଶାରେ ଖଣି ଓ ଧାତୁ ବିଜ୍ଞାନ କ୍ଷେତ୍ରକୁ ଆହୁରି ପ୍ରୋତ୍ସାହନ ମିଳିଛି । ୮୦.୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ପ୍ରକଳ୍ପ ୧୫୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବା ସହ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ାରେ ଅବସ୍ଥିତ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ରାଜ୍ୟର ଦକ୍ଷତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି ।

# ବର୍ଷାଦିନେ ସୁସ୍ଥ ଜୀବନ ଶୈଳୀ



ବର୍ଷାଋତୁ ମନରେ ଆଣେ ଅଫୁରନ୍ତ ଖୁସି ଓ ଭୂପୃଷ୍ଠକୁ କରେ ସବୁଜ ସୁନ୍ଦର। ହେଲେ ଏହି ସମୟରେ ଦେଖାଦିଏ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା। ବଦ ହଜମୀ, ଫୁଡ୍ ପଏଜନିଂ,



ଡାଇରିଆ, ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଅତୀବ କଷ୍ଟଦାୟକ। ତେବେ ବର୍ଷାଦିନେ ଏସବୁ ରୋଗଠାରୁ ଦୂରେଇ ରହି କିପରି ସୁସ୍ଥ ରହିପାରିବେ ଜାଣିବା ଏକାନ୍ତ ଆବଶ୍ୟକ।

**ବାହାର ଖାଦ୍ୟ ଖାଆନ୍ତୁ ନାହିଁ:** ଯେତେ ସମ୍ଭବ, ଚେଷ୍ଟା କରନ୍ତୁ ଏହି ଦିନେ ବାହାର ଖାଦ୍ୟ ନଖାଇବା ପାଇଁ। ରାସ୍ତା କଡ଼ରେ ତିଆରି ହେଉଥିବା ଖାଦ୍ୟ ଯେପରି ଗୁପଚୁପ, ଭେଲପୁରୀର, ସାଣ୍ଡୱିଚ, ତେଲଭାଜି ଖାଦ୍ୟ ଆଦି ବିଭିନ୍ନ ପ୍ରକାର ଖାଦ୍ୟଠୁ ଦୂରେଇ ରହିବା ଆବଶ୍ୟକ। ଏଥିରେ ବିଭିନ୍ନପ୍ରକାର ଭୂତାଣୁ ଓ ଜୀବାଣୁ ଭରି ରହିଥାନ୍ତି। ଯାହାକି ରୋଗ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନିଭାଇଥାଏ। ସେହିପରି ବାହାରେ ପାଣି ମଧ୍ୟ ପିଅନ୍ତୁ ନାହିଁ। ରାସ୍ତାକଡ଼ ଦହିବରା, ଜୁସ ଓ କୁଲଫି ଆଦି ଖାଆନ୍ତୁ ନାହିଁ। ଏହାଦ୍ୱାରା ଡାଇରିଆ, ହଇଜା ଆଦି ରୋଗ ହୋଇଥାଏ। ଏଣୁ ବର୍ଷାଦିନେ ଏସବୁଠାରୁ ଦୂରରେ ରହିଲେ ଭଲ।

**ସବୁଜ ପନିପରିବା ଖାଆନ୍ତୁ:** ଯେତେ ସମ୍ଭବ ସବୁଜ ଓ ତଟକା ପନିପରିବା ଖାଦ୍ୟରେ ସାମିଲ କରନ୍ତୁ। ଏଥିରେ ପ୍ରଚୁର ମାତ୍ରାରେ ନ୍ୟୁଟ୍ରିନ ରହିଛି, ଯାହା ବର୍ଷାଦିନେ ଫିଟ୍ ରଖିବାରେ ସହାୟକ ହେବ। ପନିପରିବାକୁ ଖାଦ୍ୟରେ ମିଶାଇବା ପୂର୍ବରୁ ଗରମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ପରିବାରେ ଲାଗିଥିବା ବ୍ୟାକ୍ଟେରିଆ ମରିଯାଆନ୍ତି। ସାଲାଡ଼ କରିବା ପୂର୍ବରୁ ଭଲଭାବରେ ପରିବାକୁ ଧୁଅନ୍ତୁ।



**ଓଦା ହେବାପରେ ସାୱାରରେ ଗାଧାନ୍ତୁ:** ଚିକିତ୍ସକଙ୍କ କହିବାନୁଯାୟୀ, ବର୍ଷାରେ ଓଦା ହୋଇଗଲା ପରେ ଅବା କୌଣସି କାରଣରୁ ଓଦା ହୋଇଥିଲେ, ତୁରନ୍ତ ଘରକୁ ଆସି ସାୱାରରେ ଗାଧାନ୍ତୁ। ଏହାଦ୍ୱାରା ବିଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟାରୁ ରକ୍ଷା ମିଳିପାରିବ। ଓଦା କେଶକୁ ଶୁଖିଲା କପଡ଼ାରେ ପୋଛି ଶୁଖାନ୍ତୁ କିନ୍ତୁ ଏୟାର କଣ୍ଡିସନର ରୁମ ବ୍ୟବହାର କରନ୍ତୁ ନାହିଁ। ନଚେତ ଥଣ୍ଡା ଓ ଫ୍ଲୁର ଶିକାର ହେବେ।

**ଅଧିକ ମାଛ ଖାଆନ୍ତୁ ନାହିଁ:** ମାଛ ପ୍ରିୟ ବ୍ୟକ୍ତିମାନେ ଏହି ବର୍ଷା ଋତୁରେ ଟିକେ ସତର୍କ ରହିବେ। ଏହି ସମୟରେ ମାଛ ମାନଙ୍କର ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଥାଏ। ଯାହାକି ପେଟରେ ବିଭିନ୍ନ ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିବାରେ ସହାୟକ ହୋଇଥାଏ ଯେତେ ସମ୍ଭବ ମାଛ ଖାଇବା କମାନ୍ତୁ। ଯଦି ବି ମାଛ ଖାଉଛନ୍ତି, ତେବେ ତାଜା ମାଛ ଭଲଭାବରେ ଭାଜି ଖାଆନ୍ତୁ।

# ସମୁଦ୍ର ତଟ ସଫେଇ ଅଭିଯାନ




ୱର୍ସୋୱା ମୁମ୍ବାଇର ଏକ ପ୍ରମୁଖ ସମୁଦ୍ର ତଟ। ଏହି ବେଳାଭୂମି ବହୁ ବର୍ଷ ହେଲା, ଅପରିଷ୍କାର-ଅପରିଚ୍ଛନ୍ନ ଅବସ୍ଥାରେ ପଡ଼ିଥିଲା। ଅଦରକାରୀ ପ୍ଲାଷ୍ଟିକ ଡବା, ବୋତଲ, ଜରି, ଖୋଳ ଆଦିର ପାହାଡ଼ ସୃଷ୍ଟି ହୋଇଥିଲା। ଏବେ ଏହି ସମୁଦ୍ର ତଟ ସମ୍ପୂର୍ଣ୍ଣ ନିର୍ମଳ। ସ୍ଥାନୀୟ ବାସିନ୍ଦା ଅଫରୋଜ ଶାହଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇପାରିଛି। ଅଫରୋଜ ଜଣେ ଆଇନଜୀବି। ସେ ଏକୁଟିଆ ତଟସଫା ଆରମ୍ଭ କରିଥିଲେ। ବଲିବାକୁ ଆସୁଥିବା କିଛି ଲୋକ ତାଙ୍କୁ ସ୍ୱେଚ୍ଛାକୃତ ସାହାଯ୍ୟ କଲେ। ଛଅମାସ ଭିତରେ ଅଫରୋଜଙ୍କ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ପ୍ରାୟ ଦେଢ଼ଶହ ସ୍ୱେଚ୍ଛାସେବୀ । ତାଙ୍କ ମନୋବଳ ଓ ଦାୟିତ୍ୱ ବଢ଼ିଲା। ତାଙ୍କ ନେତୃତ୍ୱରେ ୱର୍ସୋୱା ସମୁଦ୍ର ତଟରୁ ଛପନ ଲକ୍ଷ କିଲୋଗ୍ରାମ ଆବର୍ଜନା ସଫା କରାଯାଇଥିବା ଜଣାଯାଏ। ତାଙ୍କ ତଟ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଦ୍ୱାରା ପ୍ରଭାବିତ ହୋଇ ମହାରାଷ୍ଟ୍ର ସରକାର ଗଢ଼ିଛନ୍ତି 'ନିର୍ମଳ ସାଗର ତଟ ଅଭିଯାନ"। ଏହି ଅଭିଯାନ ଦ୍ୱାରା ମୁମ୍ବାଇରେ ଥିବା ଅନ୍ୟ ଅଠରଟି ପ୍ରମୁଖ ତଟକୁ ସମ୍ପୂର୍ଣ୍ଣ ଆବର୍ଜନାମୁକ୍ତ କରିବାକୁ ସରକାର ଯୋଜନା କରିଛନ୍ତି। ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାରନ ପାଇଁ ତାଙ୍କୁ ମିଳିତ ଜାତିସଂଘ ପକ୍ଷରୁ ଚାମ୍ପିଅନ୍ସ ଅଫ ଆର୍ଥ ଉପାଧିରେ ସମ୍ମାନୀତ କରାଯାଇଛି।

# ବିଶ୍ୱର ସବୁଠାରୁ ବେଗବାନ କାର୍




ବ୍ଲଡ଼ହାଉଣ୍ଡ୍ ସୁପରସୋନିକ କାର ହେଉଛି ବିଶ୍ୱର ସବୁଠାରୁ ବେଗବାନ କାର। ଏହାର ବେଗ ସବୁଠାରୁ ବେଗମାନ ବିମାନ କନକଡ ଠାରୁ କିଛି କମ। ମାନେ ଏ କାରର ବେଗ ହେଉଛି ଘଂଟା ପ୍ରତି ୧୬୦୦ କିମି। ଏହା ଦେଖିବା ପାଇଁ କିଛି କାର ଭଳି ଓ କିଛି ବିମାନ ଭଳି। ବ୍ଲଡ଼ହାଉଣ୍ଡ୍ ପ୍ରକଳ୍ପର ମୁଖ୍ୟଯନ୍ତୀ କହିଛନ୍ତି ଯେ ଏ କାରରେ ତିନିଟି ଇଂଜିନି ଖଞ୍ଜା ଯାଇଛି। ପ୍ରଥମ ଦୁଇଟି ଇଂଜିନ୍ ମିଳିତ ଭାବରେ ଥିବା ବେଳେ ଅନ୍ୟଟି ରେସିଂ କାରରେ ଥିବା ଇଂଜିନ ଭଳି ହୋଇଛି। ଉକ୍ତ ଇଂଜିନ ୧୮ହଜାର ୧୪୩ କିଲୋଗ୍ରାମ ଶକ୍ତିରେ ସେ କାରକୁ ବେଗ ଦେଇଥାଏ। ଏ କାରରେ ଚାଳକର ବସିବା ପାଇଁ ରେସିଂ କାର ଓ ମହାକାଶଯାନ ଭଳି ତିଆରି କରାଯାଇଛି। ପୂର୍ବରୁ ବେଗବାନ କାରର ଇଂଜିନ ଗୁଡ଼ିକ ପ୍ରାକୃତିକ ଗ୍ୟାସରେ ତିଆରି କରାଯାଉଥିଲା ତେବେ ବ୍ଲଡ଼ହାଉଣ୍ଡ୍‌ରେ ରବର ଇନ୍ଧନର ବ୍ୟବହାର କରାଯାଇଛି। କାରର ଚେସିସ ଉପରେ ଅଧିକ ଧ୍ୟାନ ଦିଆଯାଇଛି। ଏଥିରେ ଟାଇଟାନିୟମ ରଡ଼ ଓ ଆଲୁମିନିଅମ ବ୍ୟବହାର କରାଯାଇଛି। କାରର ଇଂଜିନରେ ଜଙ୍କ୍ ନଲାଗରିବା ପାଇଁ ଆଲୁମିନିୟମର ବ୍ୟବହାର କରାଯାଇଛି। କାରର କକପିଟ୍ ବା ଚାଳକର ବସିବା ସ୍ଥାନରେ ଗାଡ଼ିର ବେଗ ଦ୍ୱାଅରା ଡେଉଥିବା କମ୍ପନ ନ ପଂହଂଚିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କାର ଚାଳକ ଜାଣି ପାରିବ ନାହିଁ ଏ କାରଟି କେତେ ଜୋରରେ ଶବ୍ଦ କରୁଛି।

# ମାନସିକ ଚାପ ଓ କର୍କଟ



ମାନସିକ ଚାପରେ ରହୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଆଜିକାଲି ଅନେକ। ଚାପ ଅଣାୟତ ହେଲେ, ଶରୀର ଗୁରୁତର ପ୍ରଭାବିତ ହୁଏ। ଏପରିକି ଏହା କର୍କଟର ଏକ କାରଣ ହୋଇପାରେ। ଉପଯୁକ୍ତ ଆହାର କିମ୍ବା ରକ୍ତ ଶୋଧନ ନିମନ୍ତେ ଆବଶ୍ୟକ ଉପଚାର କଲେଏ ମଧ୍ୟ ସୁଫଳ ମିଳେନାହିଁ। ଏଥିପାଇଁ ମନ ବିଷାଦମୁକ୍ତ ହେବା ଦରକାର। ମନ ଓ ଶରୀର ପରସ୍ପର ପରିପୂରକ, ସନ୍ତୁଳନ ଦ୍ୱାରା ମନ ପ୍ରଫୁଲ୍ଲ ଓ ଶରୀର ସୁସ୍ଥ ରହେ। ଚିନ୍ତା, ଭାବନା, ଉଦବେଗ, ଭାବପ୍ରବଣତା ଆଦି ଜାତହୁଏ ମନରୁ। ତତକ୍ଷଣାତ୍ ତାହା ଆମ ଶରୀରର କୋଟି କୋଟି କୋଷକୁ ସଂଚରିଯାଏ। ନକାରାତ୍ମକ ଚିନ୍ତା, ଭୟ, କ୍ରୋଧ, ଦୋଷ, ଘୃଣା



କିମ୍ବା କ୍ଷମା ଦେବାରେ ଅସମର୍ଥତା ଆଦି ମାନସିକ ବିଲକ୍ଷଣ ଦ୍ୱାରା କୋଷ ପ୍ରଭାବିତ ହୁଏ। ରୋଗପ୍ରତିରୋଧ ଶକ୍ତି ଦୁର୍ବଳ ହୋଇଉପଡ଼େ। କୋଷରୁ କର୍କଟର ଜନ୍ମ, ଏକଥା ସମସ୍ତେ ଜାଣିବା ଉଚିତ। ଏଣୁ କୋଷକୁ ଶକ୍ତିଶାଳୀ କରାଇବା, ସବୁବେଳେ ସକ୍ରିୟ ରଖିବାର ଉପାୟ ଦ୍ୱାରା ଏଭଳି ରୋଗକୁ ପ୍ରତିହତ ସମ୍ଭବମ। ଦୀର୍ଘକାଳୀନ ଚାପରେ ରହିବା ଦ୍ୱାରା କର୍କଟ ସମେତ ଅନ୍ୟାନ୍ୟ ତ୍ରରୋଗରେ ପଡ଼ିବା ଆଶଙ୍କା ରହିଛି। ଯେତେବେଳେ ଆମେ ଏ ପରି ଦୀର୍ଘକାଳୀନ ଚାପର ସମ୍ମୁଖୀନ



ହେଉ, କୋର୍ଟିସଲ ନାମକ ଏକ ପ୍ରକାରା ହର୍ମନ ଅଧିକ ମାତ୍ରାରେ ଶରୀରରୁକ୍ଷରଣ ହୁଏ। ଏହାଦ୍ୱାରା ପ୍ରତିରୋଧକ ଶକ୍ତି ଓ ଶରୀର ପ୍ରଭାବିତ ହୁଏ। କର୍କଟ ଆକ୍ରମଣ କଲେ, ରୋଗୀର ମନକୁ ଯାବତୀୟ ନକାରାତ୍ମକ ଭାବନା ଗ୍ରାସେ। ଏହାଦ୍ୱାରା ରୋଗ ପ୍ରତିରୋଧକ କିମ୍ବା ରୋଗରୁ ଆରୋଗ୍ୟ ଲାଭ ସହଜ ହୁଏନାହିଁ। ଶାରୀରିକ ଭାବେ ପୁରା ସୁସ୍ଥ ଥିବା ବ୍ୟକ୍ତି ମଧ୍ୟ କର୍କଟ ଦ୍ୱାରା ପୀଡ଼ିତ ହେଉଥିବାର ଦେଖାଯାଏ। ଏପରି କାହିଁକି ହୁଏ, କେବଳ ଶାରୀରିକ ଭାବେ ନୁହେଁ, କର୍କଟ ଠାରୁ ଦୂରେଇ ରହିବାକୁ ହେଲେ ଉଭୟ ଶରୀର ଓ ମନ ସୁସ୍ଥ ରହିବା ବାଂଛନୀୟ।

– ଯୋଗ, ଧ୍ୟାନ, ଏକାଗ୍ରତା, ନୀରବତା, ପ୍ରାଣାୟାମ, ପ୍ରାର୍ଥନା ମନକୁ ସୁସ୍ଥ ଓ ସତେଜ ରଖିବାର ଉପାୟ। ପ୍ରଶ୍ୱାସ ଓ ନିଃଶ୍ୱାସର ଗତି ଉପରେ ନିୟନ୍ତ୍ରଣ ରଖନ୍ତୁ। ଏହା ଦ୍ୱାରା ଶରୀର-ମନ ସନ୍ତୁଳନ ରହେ। ବିଷାଦ ଚାଲିଯାଏ ନକାରାତ୍ମକ ଚିନ୍ତା ଆସେନାହିଁ। କୋର୍ଟିସଲ୍ ହର୍ମନ କ୍ଷରଣ କମେ। ପ୍ରତିରୋଧକ ଶକ୍ତି ବଢ଼େ।

– ଖାଦ୍ୟ ଓ ଜଳ ବିନା କିଛି ସମୟ ଜୀବନ ବଂଚିବା ସମ୍ଭବ, କିନ୍ତୁ ଅମ୍ଳଜାନ ବିନା ମୁହୂର୍ତ୍ତକରେ ପ୍ରାଣ ଯିବା ନିଶ୍ଚିତ। ଅମ୍ଳଜାନ ଶରୀରର ଆଲକାଲାଇନ ମାତ୍ରାକୁ ସନ୍ତୁଳିତ ରଖେ। ପାଚନ ଶକ୍ତି ବଢ଼ାଏ। ଚାପ କିମ୍ବା ମାନସିକ ବ୍ୟଗ୍ରତା କମାଏ। ଜୋରରେ ପ୍ରଶ୍ୱାସ ନିଅନ୍ତୁ। ଏହାଦ୍ୱାରା କୋର୍ଟିସଲ ମାତ୍ରା କମେ। କର୍କଟ କୋଷ ବଢ଼ିପାରେ ନାହିଁ।। ଉପଯୁକ୍ତ ପରିମାଣରେନିର୍ମଳ ଅମ୍ଳଜାନ କର୍କଟ ପ୍ରତିରୋଧୀ।

–ଚାପରେ ରହବାର କାରଣ ଜାଣି, ମୁକୁଳିବାର ବାଟ ଖୋଜନ୍ତୁ। ଏହା ଦ୍ୱାରା ଦୀର୍ଘକାଳୀନ ଚାପରେ ରହିବେ ନାହିଁ। ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିବ ନାହିଁ। ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଦ୍ୱାରା ଚାପର ମାତ୍ରାକୁ କମାଇହେବ। ଚିନ୍ତା, ବ୍ୟବହାର ଓ ଭାବପ୍ରବଣତା ମଧ୍ୟରେ ସନ୍ତୁଳନ ରକ୍ଷା କରନ୍ତୁ। ଚାପମୁକ୍ତ ଜୀବନ ପାଇଁ ନିୟମିତ ଧ୍ୟାନ, ଯୋଗ ଅଭ୍ୟାସ କରନ୍ତୁ।

# ଖୁବଶୀଘ୍ର ମଙ୍ଗଳ ଗ୍ରହରେ ଲୋକମାନେ ବସବାସ କରିବେ



ଏବେ ଖଉବଶୀଘ୍ର ମଙ୍ଗଳ ଗ୍ରହରେ ଲେକାମାନେ ବସବା କରିବେ। ନାସା ଗୋଟିଏ ଛୋଟ ନ୍ୟୁକ୍ଲିୟର ରିଆକ୍ଟର ତିଆରି କରୁଛି ଯାହା ମଣିଷଙ୍କୁ ମଙ୍ଗଳ ଗ୍ରହ ବସବାସ କରିବା ପାଇଁ ସାହାଯ୍ୟ କରିବ। ମଙ୍ଗଳ ଗ୍ରହରେ ପାଣି ମିଳିବା ପରେସେଠାେ,ର ମହାକାଶ ବୈଜ୍ଞାନିକମାନେ ପାରମାଣବିକ ଶକ୍ତି ବିକଶିତ କରିବା ଲକ୍ଷ୍ୟ ରଖିଛନ୍ତି। ନାସା ନିଜର 'କିଲୋପାୱାର' ପ୍ରକଳ୍ପରେ ସାଢ଼େ ୬ ଫୁଟ୍ ଉଚ୍ଚତାରଏକ ରିଆକ୍ଟର ତିଆରି କରିଛି। ଏବେ ଏହାର ପରୀକ୍ଷା କରାଯାଉଛି। ଯଦି ଏ ପରୀକ୍ଷା ସଫଳ ହୁଏ ତେବେ ଏହାକୁ ମଙ୍ଗଳ ଗ୍ରହରେ ପରୀକ୍ଷା କରାଯିବ। ମଙ୍ଗଳ ଗ୍ରହରେ ମଣିଷ ରହିବା ଲାଗି ୪୦ କିଲୋୱାଟର ପାରମାଣିକ ଶକ୍ତି ଦରକାର। ଏହାଦ୍ୱାରା ସେଠାରେ ଇନ୍ଧନ, ପାଣି ଓ ପବନ ତିଆରି କରାଯାଇ ପାରିବ। ପ୍ରତ୍ୟେକ ରିଆକ୍ଟରରେ ୧୦ କିଲୋୱାଟର ପାରମାଣିକ ଶକ୍ତି ଦରକାର।

# ମୃତ ପତ୍ନୀଙ୍କ ସହ ୬ଦିନ ରହିଲେ ସ୍ୱାମୀ

ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଏତେ ମଜବୁତ ଥିଲା ଯେ ପତ୍ନୀଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନଥିଲେ ସ୍ୱାମୀ। ଯେଉଁ କାରଣରୁ ପତ୍ନୀଙ୍କ ମୃତ୍ୟୁପରେ ତାଙ୍କୁ ବେଡ଼ରୁମରେ ରଖିବା ସହ ତାଙ୍କ ସହ ୬ଦିନ ଧରି ଶୋଇ ରହିଥିଲେ ସ୍ୱାମୀ ଜଣକ। ଏଭଳି ନିଆରା ପ୍ରେମ ସମ୍ପର୍କ ପରିବାର ଓ ବନ୍ଧୁବାନ୍ଧବଙ୍କ ଆଖିରେ ଅଶ୍ରୁ ଆଣିଦେଇଥିଲା। ରେସଲ ଡେଭିସନଙ୍କ ୫୦ବର୍ଷିଆ ପତ୍ନି ୱେଣ୍ଡୋ ଡେଭିସନଙ୍କ ପରଲୋକ ଏପ୍ରିଲ ୨୧ ତାରିଖରେ ହୋଇଥିଲା। ସେ କ୍ୟାନସରରେ ପୀଡ଼ିତ ଥିଲେ। ତେବେ ରେସଲ ପତ୍ନୀଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରି ନଥିଲେ। ଶବକୁ ଶବଦାହ ଗୃହକୁ ନେବାକୁ ସେ ମନା କରିବା ସହ ରଖିଥିଲେ ନିଜ ବେଡ଼ରୁମରେ। ୬ଦିନ ଧରି ମୃତ ପତ୍ନୀଙ୍କ ପାଖରେ ରହିବାପରେ ରେସଲ କିହଛନ୍ତି ଯେ ମୋତେ କେବେବି ଅନୁଭୂତ ହୋଇନାହିଁ ଯେ ମୋ ନିକଟରେ ମୋର ମୃତ ପତ୍ନୀ ଅଛନ୍ତି। ଏହା ମୋ ମାନସିକ ସ୍ଥିତିକୁ ଦୁର୍ବଳ କରିବା ପରିବର୍ତେ ମଜବୁତ କରିଛି।

# ନାଇଟ୍ ସିଫ୍ଟ କର୍ମଚାରୀଙ୍କ ଲିଭର୍ ସମସ୍ୟା ଆଶଙ୍କା

ନାଇଟ ଶିଫ୍ଟରେ କାମ କରୁଥିବା କର୍ମଚାରୀଙ୍କ ଠାରେ ଲିଭର୍ ସମସ୍ୟା ଅଧିକ ଦେଖାଯାଇଥାଏ ବୋଲି ଏକ ରିସର୍ଚ୍ଚରୁ ଜଣାପଡ଼ିଛି। ଦିନ ଓ ରାତିର ୨୪ଘଂଟା ହିସାବରେ ଲିଭରର ଭୋକଚକ୍ର ନିୟନ୍ତ୍ରିତ ହୋଇଥାଏ। ରାତି ଡ୍ୟୁଟି ଯୋଗୁ ଅନେକ କର୍ମଚାରୀ ଠିକ୍ ସମୟରେ ଖାଇପାରନ୍ତି ନାହିଁ। ଯାହା ସେମାନଙ୍କ ଲିଭର୍ ଉପରେ କୁପ୍ରଭାବ ପକାଇଥାଏ। ଗବେଷକମାନେ ମୂଷା ଉପରେ ପ୍ରୟୋଗ କରି ଜାଣିବାକୁ ପାଇଥିଲେ ଯେ ଲିଭର୍ ରାତି ସମୟରେ ବୃଦ୍ଧି ପାଇଥାଏ ଓ ଅଧିକ ଖାଦ୍ୟ ପାଇଁ ନିଜକୁପ୍ରସ୍ତୁତ କରିଥାଏ। କିନ୍ତୁ ସେହି ସମୟରେ ସେତିକି ଖାଦ୍ୟ ମିଳିପାରି ନଥାଏ। 'ସେଲ୍' ନାମକ ପତ୍ରିକାରେ ପ୍ରକାଶିତ ଏହି ରିସର୍ଚ୍ଚ ରିପୋର୍ଟରେ ଗବେଷକମାନେ କହିଛନ୍ତି, ଯେତେବେଳେ ସାଧାରଣ ଜୈବିକ କ୍ରିୟାର ଲୟ ଓଲଟି ଯାଇଥାଏ ସେତେବେଳେ ଲିଭର କମ୍ ବେଶି ହେବା ପ୍ରକ୍ରିୟା ଉପରେ ପ୍ରଭାବ ପଡ଼ିଥାଏ। ରାତିରେ ଜଣେ ମଣିଷର ଲିଭର ୪୦ ପ୍ରତିଶତ ବୃଦ୍ଧି ପାଇଥାଏ ଓ ଦିନରେ ଏହା ସାଧାରଣ ରୂପକୁ ଫେରି ଆସିଥାଏ। ବ୍ୟବସାୟିକ ବାଧା ହେଉ ବା ନିଜସ୍ୱ ଅଭ୍ୟାସ, ରାତି ସମୟରେ ଖାଦ୍ୟ ଠିକ୍ ସମୟରେ ନଖାଇଲେ ଲିଭର ଓ ତାର କାର୍ଯ୍ୟପ୍ରଣାଳୀ ଉପରେ ଏହାର ଖରାପ ପ୍ରଭାବ ପଡ଼ିଥାଏ। ପ୍ରୟୋଗ ବେଳେ ରାତିରେ ମୂଷାକୁ ଚାରା ଖାଇବାକୁ ଦିଆଯାଇଥିଲା ଓ ଦିନରେ ଆରାମ କରିବାକୁ ଦିଆଯାଇଥିଲା।

# ୧୩ ବର୍ଷରେ ୬ ଫୁଟ୍ ୬ ଇଂଚ

ଲମ୍ବା ହେବାକୁ ତ ସମସ୍ତେ ଚାହାନ୍ତି, କିନ୍ତୁ ଅଧିକ ଲମ୍ବା ହେବା ମଧ୍ୟ ଏକ ସମସ୍ୟା ହୋଇପାରେ ତାହା ପାକିସ୍ତାନର ଏହି ବାଳକଙ୍କୁ ଦେଖିଲେ ଜଣାପଡ଼େ। ପାକିସ୍ତାନର କ୍ୱେଟାରେ ରହୁଥିବା ୧୩ବର୍ଷର ବାଳକ ୱାଲିଦ ଫାରୁଖଙ୍କୁ ତାଙ୍କର ଉଚ୍ଚତା ପାଇଁ ଅଷ୍ଟମ ଶ୍ରେଣୀରୁ ପାଠ ଛାଡ଼ିବାକୁ ପଡ଼ିଛି। ଫାରୁଖଙ୍କ ଉଚ୍ଚତା ୬ ଫୁଟ ୬ ଇଂଚ। ତେବେ ଏତେ ଲମ୍ବା ହୋଇଥିବାରୁ ସାଙ୍ଗମାନେ ଉପହାସ କରୁଥିଲେ। ଫଳରେ ସେ ସ୍କୁଲ ଛାଡ଼ିବାକୁ ବାଧ୍ୟ ହେଲେ। ଡାକ୍ତରଙ୍କ ମତରେ ଫାରୁଖଙ୍କ 'ଜିଗେନ୍ଟିଜିମ' ନାମକ ଏକ ରୋଗ ହୋଇଛି । ଏହି ରୋଗରେ ମଣିଷ ଉଚ୍ଚତା ବୃଦ୍ଧି ପାଇଥାଏ। ୪ବର୍ଷ ବୟସ ବେଳକୁ ଫାରୁଖ୍ ବହୁତ ଲମ୍ବା ହୋଇଯାଇଥିଲେ। ତେବେ ପରିବାର ଲୋକଙ୍କ ମତରେ ଫାରୁଖ ଏକ ସୁସ୍ଥ ପିଲା, ତା'ର କୌଣସି ରୋଗ ନାହିଁ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୭ ଜୁଲାଇ ୨୦୨୩, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ତୁ ତୁ ମେଁ ମେଁ...

କଥାରେ ଅଛି- ଆକ୍ରମଣ ହେଉଛି ପ୍ରତିରକ୍ଷାର ସର୍ବଶ୍ରେଷ୍ଠ ରୂପ । ସଂସଦର ମୌସୁମୀ ଅଧିବେଶନ କାଳରେ ଏୟା ହିଁ ଏ ପର୍ଯ୍ୟନ୍ତ ଦେଖିବାକୁ ମିଳିଛି କହିଲେ କିଛି ଭୁଲ୍ ହେବନାହିଁ । ମଣିପୁରରେ ଭିଡିଓ ଭାଇରାଲ ହୋଇଥିବା ଦୁଇ ମହିଳାଙ୍କ ଉପରେ ଅତ୍ୟାଚାର ସମେତ ଅତ୍ୟନ୍ତ ଦୁଃଖଦ ଘଟଣାଗୁଡ଼ିକୁ ନେଇ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏବଂ ବିରୋଧୀମାନଙ୍କ 'ଇଣ୍ଡିଆ' ମେଣ୍ଟ ଭିତରେ ଲାଗି ରହିଥିବା ଆକ୍ଷେପ ପ୍ରତିଆକ୍ଷେପ ବସ୍ତୁତଃ ସଂସଦର ଉଭୟ ସଦନର କାର୍ଯ୍ୟକୁ ଅଚଳ କରି ଦେଇଛି । ଆଉ ଏଇ ଅଚଳାବସ୍ଥାକୁ ଦୂର କରି ଅନ୍ୟାନ୍ୟ କାର୍ଯ୍ୟକୁ ନିର୍ବାହ କରିବା ନିମନ୍ତେ ଏଯାବତ୍ ଉଭୟ ସରକାର ଏବଂ ବିରୋଧୀମାନେ ହୁଏତ ଅନିଚ୍ଛୁକ ଅଛନ୍ତି, ନଚେତ୍ ବିଫଳ ହୋଇଛନ୍ତି। ନବଗଠିତ 'ଇଣ୍ଡିଆ' ମେଣ୍ଟ ନେତୃତ୍ୱରେ ସମସ୍ତ ବିରୋଧୀ ଦଳ ଦୁଇ ମହିଳାଙ୍କୁ ବିବସ୍ତ୍ର କରାଯିବା, ସେମାନଙ୍କୁ ଉଲଗ୍ନ ଅବସ୍ଥାରେ ରାସ୍ତାରେ ଚଲାଯିବା ଏବଂ ସେମାନଙ୍କୁ ଦିଆଯାଇଥିବା ଯୌନ ଉପୀଡ଼ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସଦନରେ ନିଜର ବିବୃତି ପ୍ରଦାନ କରିବାକୁ ଦାବି କରୁଥିବା ବେଳେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ଗୁରୁତ୍ୱାରୋପ କରୁଛି ଯେ ଏ ବାବଦରେ ବିବୃତି ଦେବାକୁ ଉପଯୁକ୍ତ ବ୍ୟକ୍ତି ହେଉଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ। ଆଉ ଏ କଥାରେ ବିରୋଧୀମାନଙ୍କ ମେଣ୍ଟ ସମ୍ମୁଖ ଆକ୍ରମଣରୁ ପଛକୁ ଘୁଞ୍ଚିବାର କୌଣସି କାରଣ ଦେଖି ନାହାନ୍ତି, ଯେହେତୁ ସେମାନେ ଏହା ପୂର୍ବରୁ ବିଜେପି-ନେତୃତ୍ୱାଧୀନ ସରକାରକୁ ପଛକୁ ହଟାଇବା କ୍ଷେତ୍ରରେ କେତେକାଂଶରେ ସଫଳ ହୋଇଛନ୍ତି ଏବଂ ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଉପରୋକ୍ତ ଘଟଣାରେ ସର୍ବସାଧାରଣରେ ପାଟି ଖୋଲାଇବାରେ ସକ୍ଷମ ହୋଇଛନ୍ତି। ନିଜର ବିବୃତିରେ ପ୍ରଧାନମନ୍ତ୍ରୀ ମଣିପୁର ହିଂସା, ବିଶେଷକରି ଭିଡିଓ ଭାଇରାଲ ହୋଇଥିବା ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ଏସବୁରୁ ସ୍ପଷ୍ଟ ହେଉଛି ଯେ ବିରୋଧୀମାନେ ଏହା ପରେ ଅଧିକ କିଛି ଚାହୁଁଛନ୍ତି । ଅପର ପକ୍ଷରେ ଗୃହମନ୍ତ୍ରୀ ଅମିତ୍ ଶାହା ମଣିପୁର ପରିସ୍ଥିତି ଉପରେ ସଦନରେ ବିବୃତି ରଖିବା ନେଇ ବିଜେପି ଅଡ଼ି ବସିଥିବା ମନେହୁଏ, କାରଣ ରାଜ୍ୟରେ ଏହି ଦଳ ଶାସନ କ୍ଷମତାରେ ଥିବା ବେଳେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ବଜାୟ ରଖିବାରେ ଏହା ବିଫଳ ହୋଇଛି ଏବଂ ସେଥିପାଇଁ ଏହା ପରିସ୍ଥିତିକୁ ସଜାଡ଼ିବାକୁ ଉଦ୍ୟମ କରିବା ଆରମ୍ଭ କରିଛି । ବେଳେ ବିଜେପି ନେତୃତ୍ୱାଧୀନ ସରକାର ବ୍ୟାପକ ଭାବରେ ଏହି ପ୍ରସଙ୍ଗ ଉପରେ ବିତର୍କ କରାଇବାକୁ ଚାହୁଁଛି । ସଂସଦର ସଦନ ବାହାରେ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମର ମଞ୍ଚଗୁଡ଼ିକରେ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଗୋଟିଏ ମାତ୍ର ବିଷୟବସ୍ତୁ ସମ୍ବଳିତ ପ୍ରଶ୍ନ ପଚାରୁଛନ୍ତି- ସଦନରେ ପ୍ରଧାନମନ୍ତ୍ରୀ କାହିଁକି ଉପରୋକ୍ତ ପ୍ରସଙ୍ଗ ଉପରେ କହିବାକୁ ପ୍ରସ୍ତୁତ ନୁହନ୍ତି ? ଇତ୍ୟବସରରେ ସଂଯୁକ୍ତ ବିରୋଧୀମାନେ ଏହି ପ୍ରସଙ୍ଗ ପ୍ରତି ଏକାଧିକ ଆଭିମୁଖ୍ୟ ଗ୍ରହଣ କରି ଆସୁଛନ୍ତି- ଆପ୍ ଏକ ପ୍ରତିବାଦ କରିବା କଥା କହୁଛି, ଟିଏମ୍‌ସି ପଶ୍ଚିମବଙ୍ଗ ବିଧାନସଭାରେ ଏ ବାବଦରେ ଏକ ଆଲୋଚନା କରିବାକୁ ଚାହୁଁଛି, ଯେତେବେଳେ କି ବିଜେପିର ଆଲୋଚନା ପାଇଁ ପ୍ରସ୍ତାବକୁ କଂଗ୍ରେସ 'ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସୁରକ୍ଷା ଦେବା ପାଇଁ ଏହା ଏକ ଲୋକଦେଖାଣିଆ କଥା'ର ଆଖ୍ୟା ଦେଉଛି । ସଂସଦର ଉଭୟ ସଦନ– ଲୋକସଭା ଏବଂ ରାଜ୍ୟସଭାରେ ଏହି ପ୍ରସଙ୍ଗ ଏକ ହୋ ହଲ୍ଲା ଖେଳରେ, ଏକ ନାରାବାଜି ଉତ୍ସବରେ ପରିଣତ ହୋଇଛି, ଯେତେବେଳେ କି ରାଜନୀତିକ ଦଳମାନେ ସଦନର ସମସ୍ତ କାର୍ଯ୍ୟରେ ବ୍ୟାଘାତ ଘଟାଇବା ସହିତ ପାଟିତୁଣ୍ଡ କରି ସଦନକୁ ମୁଲତବୀ ରଖିବାକୁ ବାଧ୍ୟ କରାଇଛନ୍ତି ଏବଂ ବିରୋଧୀ ଦଳର ସାଂସଦଙ୍କୁ ନିଲମ୍ବନ କରିବା ପର୍ଯ୍ୟନ୍ତ କଥା ଯାଇଛି । ରାଜନୀତିକ ହଟ୍ଟଗୋଳ ଭିତରେ ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ସାମ୍ପ୍ରତିକ ସମସ୍ୟାବଳୀ ଆଲୋଚନା ଭିତରକୁ ଆସିବା ପୂର୍ବରୁ ଢେର୍ ଦୂରକୁ ଠେଲିହୋଇ ଯାଇଛି । ଦେଶର କେତେକ ଭାଗରେ ବର୍ଷାଭାବ ଯୋଗୁଁ ମରୁଡ଼ି ଅବସ୍ଥା ସୃଷ୍ଟି ହେବା ହେଉ କି ଆଉ କେତେକ ଭାଗରେ ବନ୍ୟା ଚାଷୀମାନଙ୍କୁ ଘୋର ଦୁର୍ଦ୍ଦଶା ଭିତରକୁ ଠେଲିନେବା, କୌଣସି ବିଷୟ ଉପରେ ଆଲୋଚନା ନ ହେବାରୁ ମନେହୁଏ ସତେ ଯେପରି ଉଭୟ ଶାସକ ଓ ବିରୋଧୀ ସଦସ୍ୟମାନେ ଜନସାଧାରଣଙ୍କର କିଛି ଭଲ କରିବାର ସୁଯୋଗ ହରାଉଛନ୍ତି । ମାନବିକତାର ପ୍ରସଙ୍ଗ ଖୋଦ୍ ରାଜନୀତିର ଗାଲିଚା ତଳେ ଚାପି ହୋଇଯିବା ଭଳି ମନେ ହେଉଛି ଏବଂ ଉଭୟ ପକ୍ଷ ଏହାକୁ ଖୋଳି ବାହାର କରିବାରେ ଲାଗିବା ଦ୍ୱାରା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଧୀରେ ଧୀରେ ଲୋକଲୋଚନର ବାହାରକୁ ଅପସରି ଯାଉଛି । ଏଥିରେ ଦ୍ୱିମତ ନାହିଁ ଯେ ଉତ୍ତରଦାୟିତ୍ୱ ଉଭାନ ହେବା ଉଭୟ ମଣିପୁର ଏବଂ ସମଗ୍ର ଭାରତବର୍ଷ ପାଇଁ ଭୟଙ୍କର ସାବ୍ୟସ୍ତ ହୋଇଛି । ମଣିପୁରରେ ହିଂସା ବଜାୟ ରହିଛି; ପଡ଼ୋଶୀ ରାଜ୍ୟମାନେ ମଧ୍ୟ ଏଥିରୁ ବାଦ୍ ପଡୁ ନାହାନ୍ତି; ମୈତେଇମାନେ ଗଣ୍ଡଗୋଳ ଓ ହିଂସାକାଣ୍ଡର ଶିକାର ହେବା ଭୟରେ ମିଜୋରାମ ଛାଡ଼ି ପଳାଇ ଆସୁଛନ୍ତି । ସମୟ ଉପଗତ ହୋଇଛି, ଏ ବାବଦରେ ସରକାର ତୁରନ୍ତ ପଦକ୍ଷେପ ନେବା ସହିତ ସଂସଦର ଅଧିବେଶନକୁ ସୁରୁଖୁରୁରେ ଚଳାଇବା ଉଚିତ, କାରଣ ରାଜନୀତିକ କଳିରେ ସାଧାରଣ ଜନତା ବଳି ପଡ଼ିବା ଭଳି ଘଟଣା ଘଟୁଥିବା ମନେ ହେଉଛି।

# ସ୍ୱପ୍ନ ଓ ସଂକଳ୍ପର ରୂପକାର : ଡକ୍ଟର କାଲାମ୍




ଗଙ୍ଗାଧର ସାମଲ




ମାଟିରୁ ମହାକାଶ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ନିଜ ସ୍ୱପ୍ନକୁ ସତ୍ୟରେ ପରିଣତ କରି ଶ୍ରେଷ୍ଠ କୀର୍ତ୍ତି ସ୍ତମ୍ଭର ସ୍ଥପତି ତଥା ପ୍ରତିଟି ଭାରତୀୟଙ୍କ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତି ସଞ୍ଚାରୁଥିବା ଭାରତୀୟ କ୍ଷେପଣାସ୍ତ୍ର ଜନକ ଦେଶର ସବୁଠାରୁ ଲୋକପ୍ରିୟ ରାଷ୍ଟ୍ରପତି ପଦବୀକୁ ଅଳଙ୍କୃତ କରିଥିବା ମହାନ କୀର୍ତ୍ତି ପୁରୁଷ ଡକ୍ଟର ଅବୁଲ ପାକିର୍ ଜୈନୁଲ୍ ଆବେଦିନ୍ ଅବଦୁଲ କାଲାମ ବା ସମସ୍ତଙ୍କ ପରିଚୟ ଏପିଜେ ଅବଦୁଲ କାଲାମଙ୍କ ଆଜି ହେଉଛି ଜନ୍ମଦିନ। ନିଜର ନିରଳସ ସରଳ ଜୀବନ ଓ ସମସ୍ତଙ୍କ ସହ ପ୍ରିୟତାର ଅମାୟିକ ସ୍ୱଭାବ ସହ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜଣେ ଶିକ୍ଷକ ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବା ଏହି ମହାପୁରୁଷଙ୍କ ମହାପ୍ରୟାଣ ପ୍ରତିଟି ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଦୁଃଖର ଘଟଣାଟି। ନିର୍ବୋଧ ଶିଶୁର କୌତୁହଳ ଠାରୁ ଜ୍ଞାନୀ ବୈଜ୍ଞାନିକଙ୍କ ଅନୁସନ୍ଧିତ୍ସୁ ପ୍ରଶ୍ନ ଯାଏ ସମସ୍ତଙ୍କର ପରିଭାଷାକୁ ବୁଝି ନିଜସ୍ୱ ସରଳ ଭାଷାରେ ଉତ୍ତର ଦେବା ହିଁ ତାଙ୍କର ଜୀବନର ଶ୍ରେଷ୍ଠ ଓ କୃତି ଏହା ହିଁ ଥିଲା ଜନପ୍ରିୟତାଙ୍କର ଅନ୍ୟତମ କାରଣ। ଭାରତକୁ ଦ୍ରୁତ ଶିକ୍ଷାୟନ ପଥ ସହ କ୍ରାନ୍ତିକାରୀ ଶିକ୍ଷାରେ ଅନ୍ୟ ମହାଶକ୍ତିଙ୍କ ସହ ସମକକ୍ଷ ହେବାପାଇଁ ତଥା ଏକ ବିକଶିତ ରାଷ୍ଟ୍ର ଭାବେ ଭାରତକୁ ପରିଣତ କରିବା ପାଇଁ କୋଟି କୋଟି କିଶୋର ଓ ଯୁବକଙ୍କ ମନରେ ସେ ଭରି ଦେଉଥିଲେ ସ୍ୱପ୍ନ ଓ ପ୍ରେରଣା। ଆତ୍ମମଗ୍ନ ରହି ନିଜ ସ୍ୱପ୍ନର ଭାରତ ଗଠନ ପାଇଁ ପ୍ରତିଟି ମୁହୂର୍ତ୍ତ ସେ ଅବିରତ ଭାବରେ ଉତ୍ସର୍ଗ କରିଦେଉଥିଲେ ଏହି ଭାରତ ମାତା ପାଇଁ। ପିଲାଟି ହୁଅନ୍ତୁ ବା ବଡ଼ ପରିଣତ ବୟସର ଲୋକ, ସମସ୍ତଙ୍କ ସ୍ୱପ୍ନର ଉତ୍ସ ଓ ପ୍ରେରଣା ପାଇଁ ସେ ମୂଲ୍ୟବାନ ପାଖାପାଖି କୋଡିଏଟି ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ୍ ଅଫ୍ ଫାୟାର', 'ଇଣ୍ଡିଆ ୨୦୨୦ - ଏ ଭିଜନ ଫର୍ ଦ ନିଉ ମିଲେନିଅମ୍', 'ମାଇଁ ଜର୍ନି', ଏବଂ 'ଇଗ୍ନାଇଟେଡ୍ ମାଇଣ୍ଡସ୍ ଅନ୍‌ଲିସିଂ ଦ ପାୱାର ୱିଦିନ୍ ଇଣ୍ଡିଆ' ପ୍ରମୁଖ। ଭାରତ ପାଇଁ ଏକ ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ ତତ୍କାଳୀନ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ ଡକ୍ଟର ଅବଦୁଲ୍ କାଲାମ ଓ ବିଶିଷ୍ଟ ରାଷ୍ଟ୍ରନାୟକ ରାଜନୀତିଜ୍ଞ ଅଟଳ ବିହାରୀ ବାଜପେୟୀ ଥିଲେ ପ୍ରଧାନମନ୍ତ୍ରୀ। ଜଣେ ପରମାଣୁ ବିଜ୍ଞାନୀ ଭାବେ ସମଗ୍ର ବିଶ୍ୱରେ ସେ ସମ୍ମାନିତ ଓ ସୁପରିଚିତ ଥିଲେ ବି ବରଂ ଜଣେ ଶିକ୍ଷକ ଭାବେ ଜ୍ଞାନର ବିତରଣ ପାଇଁ ସେ ଅହର୍ନିଶ ପ୍ରୟାସ ଜାରି ରଖିଥିଲେ ଓ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଜ୍ଞାନର ଆଲୋକ ହିଁ ପ୍ରଦାନ କରୁଥିଲେ। ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେ ନିଜର ମୂଲ୍ୟବାନ ମାର୍ଗଦର୍ଶନ ଦ୍ୱାରା ଅଗଣିତ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଭବିଷ୍ୟତ ଓ ଦେଶପାଇଁ ସମର୍ପିତ ସୁଯୋଗ୍ୟ ସେବାର ଥିଲେ ପଥ ପ୍ରଦର୍ଶକ ଓ ଆଲୋକବର୍ତ୍ତିକା।

ଡକ୍ଟର କାଲାମଙ୍କ ସହ ଓଡ଼ିଶାର ସମ୍ପର୍କ ଅତ୍ୟନ୍ତ ଆବେଗିକ। ବାଲେଶ୍ୱରର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଅଗ୍ନୀ, ବ୍ରହ୍ମୋସ୍ ଓ ନାଗ ପରି କ୍ଷେପଣାସ୍ତ୍ର ତାଙ୍କରି ମାର୍ଗଦର୍ଶନରେ ହିଁ ପରୀକ୍ଷଣ ହୋଇ ସମଗ୍ର ଭାରତରେ ପ୍ରତିରକ୍ଷା ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ଚହଳ ଓ କୃତୀତ୍ୱ ସୃଷ୍ଟି କରିଥିଲା। ଏହା ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନର କାର୍ଯ୍ୟକ୍ରମରେ ବି ସେ ସାମିଲ ହୋଇ ଅନୁଷ୍ଠାନ ଓ ବିଦ୍ୟାର୍ଥୀଙ୍କ ଭିତରେ ପ୍ରେରଣାର ଶକ୍ତି ଯୋଗାଉଥିଲେ। କ୍ଷେପଣାସ୍ତ୍ର ନିର୍ମାଣ ଓ ଉତ୍‌କ୍ଷେପଣ ପ୍ରଯୁକ୍ତି ବିଦ୍ୟାର ବିକାଶରେ ଭାରତକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ତାଙ୍କ ଅବଦାନ ଅତୁଳନୀୟ। ବିଶ୍ୱର ସର୍ବଶ୍ରେଷ୍ଠ ପାଞ୍ଚଟି ଦେଶ ଭିତରେ ନିଜ ମାତୃଭୂମି ଭାରତକୁ ସମକକ୍ଷ କରିବା ପାଇଁ ସେ ନିଜ ଦେଶ ପ୍ରତି ଯେଉଁପରି ଅଙ୍ଗୀକାରବଦ୍ଧତା ଓ ଉତ୍ସର୍ଗୀକୃତ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ସେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ମିଜାଇଲ୍ ମ୍ୟାନ୍ ନାମ ଭାବରେ ପରିଚିତ। ତାମିଲନାଡୁର ରାମନାଥପୁରମ୍ ଅନ୍ତର୍ଗତ ରାମେଶ୍ୱରମ୍‌ରେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ବେଳୁ ପାଠ ପ୍ରତି ଥିଲା ତାଙ୍କର ଅଧ୍ୟବସାୟ। ସେ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ପୃଥିବୀର ଶୀର୍ଷସ୍ତରରେ ଥିବା ତିରିଶଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଛନ୍ତି। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ବିଭୂଷିତ ହୋଇଥିଲେ। ତାଙ୍କ ଆଦର୍ଶ ଓ ପରମ ଜୀବନରେ ଅନୁପ୍ରାଣୀତ ହୋଇ ତାଙ୍କର ୭୯ତମ ଜନ୍ମ ଦିନକୁ ଜାତିସଂଘ ପକ୍ଷରୁ ବିଶ୍ୱ ବିଦ୍ୟାର୍ଥୀ ଦିବସ ଭାବେ ପାଳନ କରିବାକୁ ଘୋଷିତ ହୋଇଥିଲା। ଭାରତକୁ ୨୦୨୦ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ରାଷ୍ଟ୍ରପତି ଥିବା ସମୟରେ ଏକ ସ୍ୱତନ୍ତ୍ର ଯୋଜନା ଚିନ୍ତନ କରିଥିଲେ। ସେ ଏକଦା ଏକ ଅଭିଭାଷଣରେ କହିଥିଲେ - 'ଦେଶକୁ ଦୁର୍ନୀତି ମୁକ୍ତ ଏବଂ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ଅନୁଭବ କରୁଛି। ସେମାନେ ହେଲେ ବାପା, ମାଆ ଓ ଶିକ୍ଷକ।' ଏହି ଅତୁଳନୀୟ ଅମାୟିକ ବ୍ୟକ୍ତିତ୍ୱ ଯାହାଙ୍କର ବିଶାଳ ଓ ବ୍ୟାପକ ଜୀବନଯାତ୍ରା ସ୍ୱପ୍ନ ଓ ସମ୍ଭାବନାରେ ଭରି ରହିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇଥିଲେ। ଏହି ଅମଳୀନ ବ୍ୟକ୍ତିତ୍ୱଙ୍କ ଚିନ୍ତନକୁ ସାକାର କରିବା ପାଇଁ ଛାତ୍ରଛାତ୍ରୀ, ବିଦ୍ୟାର୍ଥୀମାନେ ନିଜ ଜୀବନକୁ କର୍ମମୟ କରିପାରିଲେ ତାହା ହିଁ ହେବ ସେପରି ଅତୁଳନୀୟ ବ୍ୟକ୍ତିତ୍ୱଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ଆଜି ତାଙ୍କ ସ୍ମରଣୀୟ ମହାପ୍ରୟାଣ ତିଥିରେ ତାଙ୍କ ଚିନ୍ତନକୁ ଆମେ ସମସ୍ତେ ସାକାର କରିବା ପାଇଁ ନିଜର ପ୍ରତିଟି ମୁହୂର୍ତ୍ତକୁ ଉତ୍ସର୍ଗୀକୃତ କରିପାରିଲେ ତାହା ହେବ ତାଙ୍କ ପରଲୋକ ତିଥି ପାଇଁ ଶ୍ରେଷ୍ଠ ଶ୍ରଦ୍ଧା ସୁମନ।


ମାଣିକପାଟଣା,
ଆଳି, କେନ୍ଦ୍ରାପଡ଼ା,
ମୋ: ୯୪୩୭୨୨୬୬୪୭


# ୭୫ ବର୍ଷରେ ଓଡ଼ିଶା ହାଇକୋର୍ଟ : ଓଡ଼ିଶା ହାଇକୋର୍ଟର ଐତିହାସିକ ଓଡ଼ିଆରେ ପ୍ରଥମ ରାୟ


ଯୁଧିଷ୍ଠିର ମହାରଣା


ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠାକୁ ୭୫ ବର୍ଷ ପୂରଣ ହେଉଥିବା ବେଳେ ସଫଳତାରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଏକ ଐତିହାସିକ ଘଟଣାକ୍ରମରେ ଓଡ଼ିଶା ହାଇକୋର୍ଟ ପକ୍ଷରୁ ଓଡ଼ିଆରେ ଆଜି ଏକ ମାମଲାର ରାୟ ପ୍ରକାଶ ପାଇଛି। ନ୍ୟାୟମୂର୍ତ୍ତି ଡକ୍ଟର ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଆ ଭାଷାରେ ଏକ ରିଟ ଆବେଦନ (ଦେୱାନୀ)ର ରାୟ ପ୍ରକାଶ କରିଛନ୍ତି। ଜୁଲାଇ ୧୯ରେ ଖଣ୍ଡପୀଠ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିବା ବେଳେ ପ୍ରତିଷ୍ଠା ଦିବସର ପୂର୍ବଦିନ ଅର୍ଥାତ୍ ଜୁଲାଇ ୨୫ ତାରିଖ ଦିନ ଏହି ରାୟ ପ୍ରକାଶ କରିଛନ୍ତି। ଓଡ଼ିଆରେ ୪୧ ପୃଷ୍ଠାର ଏହି ରାୟ ହାଇକୋର୍ଟ ପ୍ରତିଷ୍ଠାର ୭୫ ବର୍ଷ ପୂର୍ତ୍ତି ଉତ୍ସବକୁ ଚିର ସ୍ମରଣୀୟ କରି ରଖିବ।

୧୯୪୮ ଜୁଲାଇ ୨୬ ତାରିଖ ଦିନ ରାଜ୍ୟର ନ୍ୟାୟିକ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲେଖି ହୋଇଯାଇଥିଲା ଏହି ଦିନ। କାରଣ ଏହି ଦିନରେ ସ୍ଥାପିତ ହୋଇଥିଲା ଓଡ଼ିଶାରେ ସ୍ୱତନ୍ତ୍ର ହାଇକୋର୍ଟ। ଯଦିଓ ୩୨ ବର୍ଷ ପୂର୍ବରୁ ଏହାର ଭିତ୍ତିଭୂମି ପଡ଼ିଥିଲା। ୧୯୧୬ ମେ ୧୮ରେ ଓଡ଼ିଶା ପାଇଁ ପାଟନା ହାଇକୋର୍ଟର ସର୍କିଟ କୋର୍ଟ କଟକ ଠାରେ ଆନୁଷ୍ଠାନିକ ଭାବେ କାର୍ଯ୍ୟାରମ୍ଭ କରିଥିଲା। ସୂଚନାଥାଉକି ଏହା ଥିଲା ଦେଶର ପ୍ରଥମ ସର୍କିଟ କୋର୍ଟ। ନ୍ୟାୟ ଓ ନିରପେକ୍ଷତାର ୭୫ ବର୍ଷରେ ପହଞ୍ଚିଛି ଓଡ଼ିଶା ହାଇକୋର୍ଟ। ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ହାଇକୋର୍ଟ ତାର ସ୍ୱତନ୍ତ୍ରତା ରଖିଥିଲା।

ଓଡ଼ିଶା ହାଇକୋର୍ଟର ପ୍ରଥମ ମହିଳା ବିଚାରପତି ହେଉଛନ୍ତି ଜଷ୍ଟିସ ଅମୀୟା କୁମାରୀ ପାଢ଼ୀ। ଓଡ଼ିଶା ହାଇକୋର୍ଟର ପ୍ରଥମ ମହିଳା ଆଇନଜୀବୀ ଭାବେ ଉର୍ମିବାଳା ରାୟଙ୍କ ନାମ ସ୍ମରଣୀୟ। ମଧୁବାବୁଙ୍କ କନ୍ୟା ସୁଧାଂଶୁବାଳା ହାଜରା ଭାରତ ବର୍ଷର ପ୍ରଥମ ମହିଳା ଆଇନଜୀବୀ ଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଗତିକୃଷ୍ଣ ମିଶ୍ର ସର୍ବାଧିକ କାଳ କାର୍ଯ୍ୟ କରିଥିଲେ। ଜଣେ ଜ୍ଞାନଦୀପ୍ତ ଓ ନିରପେକ୍ଷ ବିଚାରପତି ଭାବେ ତାଙ୍କର ସୁନାମ ଥିଲା। ଓଡ଼ିଶା ହାଇକୋର୍ଟର ଅନୁସୂଚିତ ଜନଜାତି ବର୍ଗରୁ ଆସିଥିବା ଏକ ମାତ୍ର ବିଚାରପତି ଥିଲେ ଜଷ୍ଟିସ ଏମ.ପାପନ୍ନା। ବିଚାରପତି ପଦରୁ ଇସ୍ତଫା ଦେଇ ସେ କୋରାପୁଟ ସଂସଦୀୟ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିଥିଲେ।

ଓଡ଼ିଶା ହାଇକୋର୍ଟ ଆରମ୍ଭ ବେଳେ ମାମଲା ସଂଖ୍ୟା ଥିଲା ପ୍ରାୟ ୧୯୦୦। ସେତେବେଳେ ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ସଂଖ୍ୟା ଥିଲା ମାତ୍ର ୪/୧୯୭୮ ବେଳକୁ ବିଚାରପତି ସଂଖ୍ୟା ୮କୁ ବୃଦ୍ଧି କରାଯାଇ ଥିଲା। ୧୯୮୯ରେ ହାଇକୋର୍ଟର ବିଚାରପତି ପଦ ୧୨କୁ, ୧୯୯୨ରେ ୧୬କୁ, ୨୦୦୪ରେ ୨୨କୁ ପରେ ୨୭କୁ ଏବଂ ନିକଟ ଅତୀତରେ ଓଡ଼ିଶା ହାଇକୋର୍ଟର ମଞ୍ଜୁରୀପ୍ରାପ୍ତ ବିଚାରପତି ପଦ ସଂଖ୍ୟା ୩୩କୁ ବୃଦ୍ଧି କରାଯାଇଛି। ହାଇକୋର୍ଟ ୱେବସାଇଟରେ ଉପଲବ୍ଧ ତଥ୍ୟ ଅନୁସାରେ ୨୦୨୩ ଜୁଲାଇ ୨୪ ସୁଦ୍ଧା ବିଚାରଧୀନ ମାମଲା ସଂଖ୍ୟା ରହିଛି ୧ଲକ୍ଷ ୪୫ ହଜାର ୭୯୮।

ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଥିଲେ ଜଷ୍ଟିସ ବୀରକିଶୋର ରାୟ। ମୁଖ୍ୟ ବିଚାରପତି ଜଷ୍ଟିସ ରାୟଙ୍କ ସହିତ ବିଚାରପତି ଜଷ୍ଟିସ ବି.ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପାଣିଗ୍ରାହୀ, ଜଷ୍ଟିସ ଆର.ଏଲ. ନରସିଂହମଙ୍କୁ ନେଇ ଓଡ଼ିଶା ହାଇକୋର୍ଟ ଆରମ୍ଭ ହୋଇଥିଲା। ଓଡ଼ିଶା ହାଇକୋର୍ଟ ଆରମ୍ଭରୁ ବିଚାରପତି ଥିବା ଉପରୋକ୍ତ ତିନି ବିଚାରପତି ପରବର୍ତ୍ତୀ ସମୟରେ ମୁଖ୍ୟ ବିଚାରପତି ପଦ ଅଳଙ୍କୃତ କରିଥିଲେ। ଜଷ୍ଟିସ ଦାସ ୧୯୫୧ ଅକ୍ଟୋବର ୩୧ରେ ଓଡ଼ିଶା ହାଇକୋର୍ଟର ଦ୍ୱିତୀୟ ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେହିଭଳି ଜଷ୍ଟିସ ପାଣିଗ୍ରାହୀ ୧୯୫୩, ମାର୍ଚ୍ଚ ୪ରେ ଓ ଜଷ୍ଟିସ ନରସିଂହମ ୧୯୫୬, ମାର୍ଚ୍ଚ ୨୨ରେ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀରକିଶୋର ରାୟଙ୍କ ପରଲୋକ ୧୯୫୮, ଜୁଲାଇ ୨୬ରେ ହୋଇଥିଲା। ଏହି କାରଣରୁ ଜୁଲାଇ ୨୬ ତାରିଖକୁ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ଦିବସ ଓ ଜଷ୍ଟିସ ବୀରକିଶୋର ରାୟଙ୍କ ଶ୍ରାଦ୍ଧ ଦିବସ ଭାବେ ପାଳନ କରାଯାଇଛି।

୨୦୨୩ ଫେବୃଆରୀ ୩ରେ ରାଜ୍ୟର ୧୦ଟି ଜିଲ୍ଲାରେ ପ୍ରତିଷ୍ଠିତ ଭର୍ଚୁଆଲ ହାଇକୋର୍ଟ ଉଦଘାଟନ କରିବା ଅବସରରେ ଭର୍ଚୁଆଲ ବ୍ୟବସ୍ଥାରେ ଯୋଗ ଦେଇ ଭାରତର ପ୍ରଧାନ ବିଚାରପତି ଡକ୍ଟର ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ ଓଡ଼ିଶା ହାଇକୋର୍ଟ ପକ୍ଷରୁ ଗ୍ରହଣ କରାଯାଇଥିବା 'ଇ-ଇନିସିଏଟିଭ'ର ପ୍ରଶଂସା କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟର ବିଭିନ୍ନ ଆଞ୍ଚଳିକ ଭାଷାରେ ଅନୁବାଦ ପାଇଁ ମାଡ୍ରାସ ଆଇଆଇଟି ସହଯୋଗରେ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ପ୍ରଧାନ ବିଚାରପତି କହିଥିଲେ। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ. ମୁରଲୀଧରଙ୍କ ନେତୃତ୍ୱରେ ଓଡ଼ିଶା ହାଇକୋର୍ଟ ଏହାର ରାୟର ଓଡ଼ିଆ ଅନୁବାଦ ପାଇଁ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ପ୍ରଧାନ ବିଚାରପତି ଏହି ଅବସରରେ ଆଶା ପ୍ରକାଶ କରିଥିଲେ। ପ୍ରଧାନ ବିଚାରପତି କହିଥିବା କଥା ଆଜି କାର୍ଯ୍ୟକାରୀ ହୋଇଛି। ନ୍ୟାୟମୂର୍ତ୍ତି ଡକ୍ଟର ସଂଜୀବ କୁମାର ପାଣିଗ୍ରାହୀ ଓଡ଼ିଆ ଭାଷାରେ ହାଇକୋର୍ଟର ଏହି ପ୍ରଥମ ରାୟକୁ ପ୍ରକାଶ କରିଛନ୍ତି। ସାଧାରଣ ଲୋକ ଅନେକ ସମୟରେ ଅଦାଲତୀ ରାୟ ବୁଝି ପାରି ନଥାନ୍ତି। କିନ୍ତୁ ମାତୃଭାଷାରେ ରାୟ ପ୍ରକାଶ ପରେ ଏବେ ସାଧାରଣ ଲୋକ ସହଜରେ ଅଦାଲତୀ ରାୟକୁ ବୁଝି ପାରିବେ। ଏଥି ସହିତ ନ୍ୟାୟିକ ପ୍ରକ୍ରିୟା ସେମାନଙ୍କ ପାଇଁ ଅଡୁଆ ପାଠ ହୋଇ ରହିବନାହିଁ ବୋଲି ଆଶା କରାଯାଇଛି।


ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ: ୯୪୩୭୧୬୩୫୨୮





## ମଣିପୁରୀ ମାଆ: କେବଳ ଶବ୍ଦ


ବିବୁଲ ମହାକୁର




ମଣିପୁରୀ ମାଆ କ୍ଷୀର
ଆଜି ନିହାତି ମୂଲ୍ୟହୀନ !
ଯୋନିକୁ ପୁଣି ଆକ୍ରମଣ
କଣ ଇଏ ପୁରୁଷର ଉପହାର ?
ଛିଃ ! ମାନବିକତା ଆଜି କେବଳ ପ୍ରଶ୍ନ
ଭାରତ ଆଜି ପରାଧୀନ।

କଣ ସବୁବେଳେ
ତା ପାଇଁ ଏକ ପ୍ରଶ୍ନ ?
ଛିଃ ! କିଭଳି ଆଜି କରିବ ?
ମାଆ ଶବ୍ଦର ଉଚ୍ଚାରଣ !

ଜନ୍ମଦେଇଥିବା ମାଆ
ବିପଦେ ସାହା ଭଉଣୀ
ଆଜି କଣ ଭିନ୍ନ ?
ସ୍ୱତନ୍ତ୍ରତା ଓ ଜୀବନର ସ୍ୱରୂପ

ଡେଇଁଗଲ ନିର୍ଲଜ୍ଜର ସୀମା
ମାରିଦେଲ ମମତାମୟୀ ଗଙ୍ଗାକୁ
ଶୁଝିଦେଲ ପ୍ରସବ ବେଦନା ଋଣ !
ଶୁଝିଦେଲ କଷକ୍ଷୀରର ମୂଲ !

କେତେଥର ଆଉ ଦେଖେଇବ
ତୁମ ପୁରୁଷତ୍ୱ
ଦେଖି ସାରିଛନ୍ତି ନିର୍ଭୟା ଓ ମମିତା
କେବେ ଝିଅ ଭାବେ ତ
କେବେ ଭଉଣୀ ଭାବେ।

ମାରିଦେଇଥାନ୍ତ ବକ୍ଷେ ଗୁଳି
କାଟି ଦେଇଥାନ୍ତ ଗଳା
ମାରିଥାନ୍ତେ ଥରେ
ଏ ପ୍ରତ୍ୟହ ମୃତ୍ୟୁ କଣ ପାଇଁ ?
ରାଜନୀତି ଓ କୁଟନୀତିରେ ସର୍ବଦା
ନାମମାତ୍ର ସୀତା ଓ ଦ୍ରୌପଦୀ
କେବେ ଅପହରିତା
ପୁଣି କେବେ ନିକ୍ଷେସିତା।

ଏ ପଶୁତ୍ୱକୁ କଣ କହିବି
ନିଜକୁ ପୁରୁଷ କହିବାକୁ
ଆଜି ମୁଁ ଘୃଣାକରେ
କଉ ମୁହଁ ଦେଖେଇବି
ମାଆ ସମ୍ମୁଖରେ।


ଗ୍ରାମ/ପୋଷ୍ଟ - ବୁର୍ଡ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨


## ଏବେ ପୁଣି କାହିଁକି


ନିରଞ୍ଜନ ସାହୁ




ଖରାବେଳେ ଟିକେ ନିଦ ଲାଗିଗଲା
ଶୋଇପଡ଼ିଥିଲି ଆଜି
ଚାଉଁକିନା ମୋର ନିଦ ଭାଙ୍ଗିଗଲା
ଫୋନଟା ଉଠିଲା ବାଜି ।

ଫୋନକୁ ଉଠାଇ ହ୍ୟାଲୋ କହୁକହୁ
ସେପଟୁ ଶୁଭିଲା ହସ
ସେ ହସରେ ଏତେ ମାଦକତା ଥିଲା
ଶ୍ରୋତା ହୋଇଯିବ ବଶ

ଭାବିଲି ଯାହାର ହସ ଯାଦୁଭରା
କି ଅପୂର୍ବ ତନୁରାଜି ?

ଅଳପ ଆଳାପ ଭିତରେ ଜାଣିଲି
ସେପଟରେ ଥିଲା କିଏ
ମୋ ଆଖିରୁ ନିଦ ହଜାଇଥିଲା ଯେ
ଫୋନ କରୁଥିଲା ସିଏ
ଏତେ ଦିନ ପରେ ଆଜି ଫୋନ
କରେ
କେଉଁ ରୂପ ସିଏ ସାଜି ??

ପଚାରୁଥିଲା ସେ ମୋର ଭଲମନ୍ଦ
କେମିତି ରହିଛି ଏବେ
ଅନେକ ଦିନର ବ୍ୟବଧାନ ପରେ
ପଚାରି ନଥିଲା କେବେ
କହିଲି ଏତିକି, 'କାହିଁକି ବୁଝୁଛୁ
ତୋ ସ୍ୱପ୍ନ ଗଲା କି ଭାଜି


ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୪


## ମୁକତିର ପଥ ଦେଖା କାଳିଆ


ଅନନ୍ତ କୁମାର


କି ପାପ କରିଛିରେ କାଳିଆ
ଭୋଗୁଅଛି ଏତେ ଦଣ୍ଡ।
ଦୁଃଖ ପରେ ଦୁଃଖ ମାଡୁଅଛି
ମିଳୁନାହିଁ ଟିକେ ସୁଖ।

ଯେଉଁ ପଥେ ପାଦ ଦେଲି
ସେ ପଥେ ଫୁଟିଲା କଣ୍ଟା।
ଯେଉଁ ଡାଳେ ଧରେ ପୁଣି
ସେହି ଡାଳ ହୁଏ ଚୁନା।

କେମିତି ପାଇବି ମୁକତି ଜଞ୍ଜାଳୁ
ପାଉନାହିଁ କିଛି ବାଟ
କେମିତି ବଞ୍ଚିବି ଯନ୍ତ୍ରଣା ଭିତରେ
ଦିଶୁନାହିଁ ମୋର ଲକ୍ଷ୍ୟ।

ମୁକତିର ପଥ ଦେଖାଅ ମୋତେ
ସବୁ ପାପ ମୋର କ୍ଷମା ଦେଇ
ଦୁଃଖ ଦରିଆରୁ ଉଦ୍ଧାରି ଦିଅ
ତୁମ ବାହୁରେ କୋଳେଇ ନେଇ।

ତୁମେ ତ ହରତା ତୁମେ ତ କରତା
ତୁମେ ପୁଣି ଦୈବ ବିଧାତା
ତୁମେ ନ ବୁଝିଲେ ଦୁଃଖ ସବୁ ମୋର
କିଏ ବୁଝିବ ଏତେ କଥା।


କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ତିହିଡି, ଭଦ୍ରକ
ମୋ:୮୩୩୯୯୩୯୯୨୯


## ମାଟିର ମଣିଷ


ଦୀପକ କୁମାର ନାଏକ


ମାଟିର ମଣିଷ ଏ ମାଟିର ମିଶିବ
ଗର୍ବ କରେ କାହା ପାଇଁ
ନିଜର ବୋଲି ସେ ଯାହାକୁ କହେ
ସାଥେ ଯିବେ ନାହିଁ କେହି !
ଲୋଭ ମୋହ ମାୟା ଜାବୁଡ଼ି ଧରି
ପ୍ରଭୁଠାରେ ବେଳ ନାହିଁ
ସଭିଏଁ ରହିବେ କେହିବି ନଯିବେ
କର୍ମ ଯିବ ସାଥି ହୋଇ !
ନୁହେଁ କେ ନିଜର ସବୁ ଏଠି ପର
ମିଛ ମାୟା ଏ ସଂସାର
ସୁଖ ବେଳେ ଏଠି ସଭିଏଁ ନିଜର
ଦୁଃଖ ବେଳେ ହେବେ ଦୂର !
ଜୀବନ ରେ ଯଦି ମୁକତି ପାଇବୁ
ଭଜ ହରେ କୃଷ୍ଣ ରାମ
ଗର୍ବ ଅହଙ୍କାର ମନୁ ତେଜିଦେଇ
ଜୀବନକୁ କର ଧନ୍ୟ
ଜୀବନକୁ କର ଧନ୍ୟ !


ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍ -ହିନ୍ଦୋଳ
ଢେଙ୍କାନାଳ -୭୫୯୦୨୧
ମୋ: ୮୬୩୭୨୬୧୮୨୮

# ଷଠିଘର...



## ରଶ୍ମୀ ସାମଲ



ଦିଲ୍ଲୀ , ଆମ ଭାରତର ରାଜଧାନୀ,ପୁଣି ସ୍ମାର୍ଟ ସିଟି । ଏଠାରେ ଯେଉଁ ଆକାଶ ଛୁଆଁ କୋଠା ମାଳ ମାଳ, ଚାହିଁଲେ ବି ଆଖି ପାଏନି, ସହରରେ ଅହରହ ଲାଗିରହିଥାଏ ଧାଁ ଧପଡ଼ । ସବୁ ଭିତରେ କିନ୍ତୁ ସ୍ନେହ, ଶ୍ରଦ୍ଧା,ଆନ୍ତରିକତା ଥିବା ଲୋକ ମାନଙ୍କ ସଂଖ୍ୟା କମ ଦେଖେ ରୁଦ୍ର। ସେ ସେଠାରେ ଭାରତ ସରକାରଙ୍କ ଅଧୀନରେ ବହୁ ଦିନରୁ କାର୍ଯ୍ୟରତ । ଶୀତତାପ ନିୟନ୍ତ୍ରିତ କୋଠରୀରେ କେତେବେଳେ ଦିନ ଯାଇ ରାତି ହୁଏ ଜଣା ପଡେନି ତାକୁ। ପକ୍ଷୀଙ୍କ ଶବ୍ଦ କେବେ କାହିଁ ଏହି ଜନ ଗହଳିପୂର୍ଣ୍ଣ ସହରରେ ତା କାନରେ ବାଜେନି। କି ବଗିଚାରେ ଫୁଟିଥିବା ଫୁଲ ଉପରେ ବସିଥିବା ପ୍ରଜାପତିଙ୍କ ଦର୍ଶନ କେବେ ପାଏନି। କିନ୍ତୁ ସର୍ବଦା ହୃଦୟରେ ତାର ଗାଁ ଛବି ଗୁଡିକ ଆଙ୍କି ହୋଇ ଯାଉଥାଏ। ନିଜ ଭିତରେ ସୁଖ ଦୁଃଖକୁ ଘାଣ୍ଟୁ ଘାଣ୍ଟୁ ସେ ଦିନ ହଠାତ ଟିଭିର ମୁଖ୍ୟ ସମ୍ବାଦ ଶୁଣି ଚମକି ପଡିଲା ରୁଦ୍ର,ନିଜକୁ ବିଶ୍ୱାସ ନ କରି ପାରି ବାରମ୍ବାର ସେହି ସମ୍ବାଦକୁ ଦେଖୁଥାଏ, ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ଯୋଗୁ ଓଡ଼ିଶାର ଉପକୂଳ ବର୍ତ୍ତି ଅଂଚଳରେ ବାତ୍ୟାର ପ୍ରଭାବ, ଏବଂ ଶହେ ପଚାଶ କିଲୋମିଟର ବେଗରେ ପବନ ସାଙ୍ଗକୁ ଲଗାତାର ବର୍ଷା , ମାଟି ଘର ସବୁ ଭାଙ୍ଗିରୁଜି ଭୁଶୁଡି ପଡିଛି। ବଡ ବଡ ଗଛ ମାନ ଭାଙ୍ଗି ରାସ୍ତା ଘାଟ ଯିବା ଆସିବା ବନ୍ଦ ହୋଇଯାଇଛି। ସରକାରଙ୍କ ତରଫରୁ ପୂର୍ବରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲେ ମଧ୍ୟ କିଛି ଲୋକ ନିଜଘରୁ ଯିବାକୁ ଅମଙ୍ଗ ହେବାରୁ ଝାଟି ମାଟି କାନ୍ଥ ସବୁ ଭୁଶୁଡି ସେମାନଙ୍କର ବହୁତ କ୍ଷୟକ୍ଷତି ହେବା ସହ କେତେକଙ୍କର ମୃତ୍ୟୁ ମଧ୍ୟ ହୋଇଛି। ଏହା ସବୁ ଦେଖି ଦେଖି ରୁଦ୍ରର ଦେହ ଯେପରି ଶୀତେଇ ଉଠିଲା, ନିଜ ମନକୁ ସେତେବେଳେ ପାପ ଛୁଇଁଲା। କାହିଁକି ନା ତା ବାପା କେବେ ବି ତାଙ୍କ ଭିଟା ମାଟି ଛାଡି ଯାଇ ନଥିବେ କୌଣସି ସୁରକ୍ଷିତ ସ୍ଥାନକୁ। ଆମ ପୁରୁଣା ଘରର କାନ୍ଥ ଫାଟି ଆଉ ରହିବା ଅବସ୍ଥା ନାହିଁ ବୋଲି କିଛି ଦିନ ପୂର୍ବରୁ ସାନ ଭାଇ ତାର ଫୋନ କରି କହୁଥିଲା, ଭାଇ କିଛି ପଇସା ପଠେଇଲେ ଭଲ ହୁଅନ୍ତା। ମୋର ଇନ୍ଦିରା ଆବାସଟା ଉଠିଛି, ତୁମେ କିଛି ଦେଲେ ମିଶାଇ ଗୁହାଳ ପାଖରେ ଯେଉଁ ଉଚ୍ଚା ଢ଼ିଅଟା ଆମର ଅଛି ସେଥିରେ ଛାତ ଘର ଦୁଇ ବଖରା କରିଦେବା। ତମେ ତ ଜାଣିଛ ଭାଇ ଚାଷରୁ ଆଉ ଏତେ ଲାଭ ବିଲକୁଲ ହେଉନି ସେଥିରେ ଘର ଚଳେଇବା କଷ୍ଟ ହୋଇପଡୁଛି। ବାପା ମାଆଙ୍କ ବୟସ ବଢ଼ିବା ସହ ସେମାନଙ୍କ ଔଷଧ ପତ୍ର ମୋର ପିଲା ଦୁଇଟାଙ୍କ ପାଠ ପଢା ଖର୍ଚ୍ଚ ଓ ଘର ଚଳିବା ପାଇଁ ସଉଦାପତ୍ର ବିଲକୁଲ ଅଣ୍ଟୁନି। ରୁଦ୍ର ସେ ଦିନ ଅନୁଭବ କରିଥିଲା ସତରେ ସାନ ଭାଇଟା ମୋର କେଟେ ନିଷ୍କପଟ ତା ସ୍ତ୍ରୀଟା ମଧ୍ୟ ଆହୁରି ଶାନ୍ତ ସରଳ। ଘରର ଯାବତୀୟ କାମ ସହ ବାପା ବୋଉଙ୍କର ସବୁ ଖବର ଅତି ଖୁସିରେ କରି ନେଉଛି। କିନ୍ତୁ ମୋ ସ୍ତ୍ରୀ ଓଃ, ସେ ପରା ବଡ ଲୋକ ଘର ଝିଅ। ଆଉ ତାର ଗୁଣ ଗୁଡାକ ବଖାଣି ଲାଭ କଣ। କଂସା ବାସନ ହୋଇଛି କି ତାକୁ ବଦଳେଇ ଆଉ ଗୋଟେ ନେଇ ଆସିବି। ଛାଡ଼,,,ସାନ ଭାଇ ପାଖକୁ ଘର କରିବା ପାଇଁ ପଇସା ପଠାଇବାକୁ ଇଚ୍ଛା ଥିଲେ ବି,,, ସ୍ତ୍ରୀ ତାର ପ୍ରତି ମାସରେ ଆକାଉଣ୍ଟକୁ ଚେକ କରିଥାଏ। ହଁ ପାଠୁଆ ବୋହୁ ପରା। ତେଣୁ ଦୁହିଁଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହେବା ଭୟରେ ସାନ ଭାଇକୁ କିଛି ଟଙ୍କା ନ ପଠାଇ ଚୁପ ହୋଇ ରହିଯାଇ ଥିଲା। ଆଜି ଏହି ସବୁ ସମ୍ବାଦ ଶୁଣି ସ୍ଥିର ହୋଇ ଆଉ ରହି ପାରିଲା ନାହିଁ। ଭାଇର ହାତରେ ନେଇ ପଇସା କିଛି ଗୁଂଜି ଦେଇ ଆସିବ ବୋଲି ନିଷ୍ପତି ନେଲା, ଆଗକୁ ସବୁ ବେଳେ ତ ବାତ୍ୟା ବନ୍ୟା ନିଶ୍ଚୟ ଆସିବ । ତେଣୁ ଘର ଖଣ୍ଡେ ସେ ଜଲ୍‌ଦି କରିଦେଉ। ନିଜେ ନିଜ ଦାୟିତ୍ୱ ବୋଧର ପ୍ରଚଣ୍ଡ ଅବହେଳା ପାଇଁ ମନସ୍ତାପ କରୁଥାଏ । କିଛି ଦିନ ପୂର୍ବରୁ ବୁଲି ଯାଇଥିବା ମନ୍ଦିରରୁ ତା ବୋଉ ପାଇଁ ଆଣିଥିବା ନାଲି ଚୁଡିତକ ଓ ତାର ଡ୍ରେସ ଦୁଇ ହଳ ବ୍ୟାଗରେ ପ୍ୟାକିଙ୍ଗ କରି ସାଙ୍ଗେ ସାଙ୍ଗେ ଫ୍ଲାଇଟ ଟିକେଟ କାଟି ଗାଁ ଅଭିମୁଖେ ବାହାରିଲା। ଆସି ଅପେକ୍ଷା କରିଥିବା ବିମାନ ବନ୍ଦରର ସହରି ଚାକଚକ୍ୟର ଗହଳି ଭିତରେ ତା ଆଖିରେ ନାଚି ଯାଉଥାଏ ସେହି ଗାଁର ଦୃଶ୍ୟ। ଆପଣେଇ ନେଉଥାଏ ଦୂରରୁ ପରିବାରର ମୋହ ମାୟାକୁ। ଲମ୍ବିଯାଉଥାଏ ଆଖିଟା ତାର ସେହି ଗାଁରେ କଟିଥିବା ପିଲାଦିନ ସବୁକୁ। ସାନ ଭାଇର ଏତେ ଭଲ ପାଠ ହେଉ ନଥିବାରୁ ମୋ ଉପରେ ନଜର ଥାଏ ବାପା ବୋଉଙ୍କର । ସେହି ଗୋଟିଏ କଥା ପାଠ ପଢି ଇଂଜିନିୟର କି ଡାକ୍ତରଟିଏ ହେବୁରେ ପୁଅ। ସେତେବେଳେ ବାପା ଏହି ଦୁଇଟି ଆଖି ଦୃଷ୍ଟିଆ ଚାକିରୀକୁ ଛାଡିଦେଲେ ଆଉ କିଛି ଜାଣି ନଥିଲେ। ବାପା ମୋର ଭାରି ପରିଶ୍ରମୀ, ପୁରୁବ ଦିଗରେ ସିନ୍ଦୁରା ଫାଟିବା ପୂର୍ବରୁ ବିଛଣା ଛାଡି ନାଲି ଚା ଟିକେ ପି ଦେଇ ବିଲକୁ ଚାଲି ଯାଇଥାନ୍ତି। ଯେବେ ସ୍କୁଲ ଛୁଟି ହୋଇଥାଏ ମୁଁ ବାପାଙ୍କ ସହ ଲଙ୍ଗଳ ମଇ ନେଇ ବିଲକୁ ମଧ୍ୟ ଯାଇଥାଏ। ବେଳେ ବେଳେ ବାପାଙ୍କୁ ବିଲରେ ଭାତ ଦେଇ ଆସିବାକୁ ବୋଉ ମୋର କହିଥାଏ। ଠିକ ମନେ ଅଛି ଦିନେ ବିଲରେ ପଂହଁଚି ସାରିବା ପରେ ପ୍ରବଳ ବର୍ଷା ହେଲା ବାପା କିନ୍ତୁ ନିଜେ ତିନ୍ତି ତିନ୍ତି ତାଳ ବରଡ଼ା ପତ୍ରରେ ତିଆରି ପଖିଆଟିକୁ ମୋ ମୁଣ୍ଡରେ ଦେଇ ବିଲର ଉଚ୍ଚା ହିଡ ଉପରେ ବସିବାକୁ କହିଥିଲେ। ନିଜେ ମୁଣ୍ଡରେ ଗାମୁଛା ଠେକାଟିଏ ବାନ୍ଧି ସେହି ମୁଷଳ ଧାରା ବର୍ଷାରେ ଭିଜି ଭିଜି ଧାନ ବେଉଷଣ କାମ କରୁଥାନ୍ତି। ବର୍ଷା ଟିକେ ଛାଡିଲା ପରେ ଘରକୁ ଆସିବାକୁ ମୋତେ ବାରମ୍ବାର କହୁଥିଲେ, ପୁଣି ବଡ ପାଟିରେ ପଛରୁ ଡାକି କୁହନ୍ତି ଆରେ ଘରେ ପଂହଁଚି ପ୍ୟାଣ୍ଟ , ଗାମୁଛା, ଭଲ କି ଚିପୁଡ଼ିବୁ ଥଣ୍ଡା ଧରିବରେ, ପୁଣି ତୋର ସ୍କୁଲ ବନ୍ଦ ହୋଇଯିବ। ଦେହ ଯତ୍ନ ନେବା ସହ ଅଭାବର ସ୍ୱାଦ ନ ଚାଖିବାକୁ ବାପା ସର୍ବଦା ଚେଷ୍ଟା କରିଥାନ୍ତି। ମୋର ପ୍ରତିବର୍ଷ ଗହ୍ମା ପୂର୍ଣ୍ଣିମାରେ ହିଁ ଜନ୍ମ ଦିନ ପଡିଥାଏ। ସେତେ ବେଳେ ଏବେକା ପରି କେକ କଟା କିମ୍ବା ବେଲୁନ ସଜା ମହମବତୀ ଲିଭା ନଥିଲା। ନୂଆ, ପ୍ୟାଣ୍ଟ ଖଣ୍ଡେ ହେଉ ପଛେ ବାପା ହାଟରୁ ଆଣି ଘରେ ରଖିଥାନ୍ତି। ତାକୁ ହିଁ ଖୁସିରେ ପିନ୍ଧି ଦେଇଥାଏ ସେ ଦିନ। ମୋ ସଠିଘର ପାଖରେ ବୋଉ ନେଇ ପ୍ରଥମେ ଖିରି ପିଠା ପୂଜା କରିଥାଏ। ଆମ ଦୁଇ ଭାଇଙ୍କ ଷଠିଘର... ଧାନ ଘୁମ ରଖା ହେଉଥିବା କାନ୍ଥ ପାଖରେ ତିଆରି ହୋଇଥିଲା। ସେଥିରେ ଦିଆଯାଇଥିବା କଉଡ଼ି ଆଉ ସିନ୍ଦୁର ଯେପରି ଦାଉ ଦାଉ ଦିଶୁଥାଏ। ସଠି ମା ଆୟୁଷ ଦେବେ ବୋଲି କହି ଆଣ୍ଠୁ ମାଡି ମୁଣ୍ଡିଆ ମାରିବାକୁ ମୋ ବୋଉ କହିଥାଏ। ସେହି ପୂର୍ଣ୍ଣମୀ ସନ୍ଧ୍ୟାରେ ଗାଈ ବାଛୁରୀ ବଳଦଙ୍କୁ ମଧ୍ୟ ପୂଜା କରିବାର ନିୟମ ଆମର ବହୁତ ପୂର୍ବ କାଳରୁ ରହିଛି। ଯେହେତୁ ଆମର ଚାଷୀ ଘର। ଚାଷ ହିଁ ଧନ ରୋଜଗାରର ଉତ୍ସ ଥିଲା। ତେଣୁ ଗୋରୁ ପୂଜାର ପ୍ରସ୍ତୁତି ସବୁ ତା ପୂର୍ବ ଦିନରୁ ହିଁ ହୋଇଥାଏ। ଆମର ହଳେ ବଳଦ, ଗାଈ ବାଛୁରୀ ଦୁଇଟା ଓ ତାଙ୍କ ସହ ଗୋଟେ ଖାସି ଆଉ ଗୋଟେ ମାଈ ଛେଳି ମଧ୍ୟ ଥିଲେ । ସେହି ପୂଜା ପୂର୍ବ ଦିନ ଗୁହାଳେ ଗାଈ ବାଛୁରୀ ବଳଦଙ୍କର ଚିତ୍ର ବୋଉ ପିଠୋଉରେ ଆଙ୍କି ଥାଏ। ପୂର୍ଣ୍ଣମୀ ଦିନ ସନ୍ଧ୍ୟାରେ ଗାଈ ବାଛୁରୀଙ୍କୁ ଫୁଲ ମାଳ ପକାଇ ସିନ୍ଦୁର,କଜଳ, ଲଗାଇ ଦିନ ପୂଜା କରାଯାଇଥାଏ।ମନ ଇଚ୍ଛା ଚକୁଳି ପିଠା ତାଙ୍କୁ ଦିଆ ଯାଇଥାଏ।ସେ ସବୁ ଖୁସି ଏହି ଧନ ରୋଜଗାର ବିଳାସ ପୂର୍ଣ୍ଣ ଚଳଣୀରୁ ଟିକେ ବାସନ୍ନା ମିଳୁନି।ଯନ୍ତ୍ର ମଣିଷ ପରି ଆଗକୁ ସିନା ଚାଲୁଛି,ସୁଖ କିନ୍ତୁ ଟିକେ ବି ନାହିଁ।ଏମତି ଭାବୁ ଭାବୁ ଘର ପାଖରୁ ଅଳ୍ପ ଦୂରରେ ମଶାଣି ଦିଶିବାରୁ ମନେ ପଡ଼ିଲା ଜେଜେ ମାର କାନି କୁ ଟାଣି ଟାଣି ଆଣି ମାଟି ପିଣ୍ଡା ର ଗୋଟେ କଣରେ ବସାଇ ଦୁଇ ଭାଇ କିପରି ଗପ ଶୁଣୁଥିଲୁ। ଗାଁ ମୁଣ୍ଡରେ ଥିବା ସେହି ବରଗଛରେ ଯେଉଁ ଡାହାଣୀ କେମିତି ତା ଛୁଆକୁ ନିଆଁରେ ସେକିବା କଥା, ଯେତେ ବେଳେ ଜେଜେ ମା କୁହେ ଡରିକି ତା ପାଖକୁ ଲାଗିଯାଇ । ଚେମେଣି ଆଲୁଅକୁ ଟିକେ ତେଜିଦେଇ ପଚାରୁଥିଲୁ, ଜେଜେମା, ସେ ଖରା ଦିନେ ତା ଛୁଆକୁ ସେକୁଛି ତାକୁ ଗରମ ହେଉନି । ସେ କୁହେ ଆରେ ହୁଣ୍ଡା ଗୁରା କିରେ , ତମେ ବୁଝି ପାରୁନ କିଛି । ସିଏ ପରା ତାର ପାଣି ହାଣ୍ଡି ଛୁଆଟା ଥିଲା, ତାକୁ ସାଷ୍ଟାମ କରିବ କିପରି।

ଅନାମ ସାହୁ ବୈଦ ଡାକି ଘରକୁ ଫେରୁ ଫେରୁ ପେଟରେ ଥିବା ଛୁଆ ସହ ମାର ଜୀବନ ଚାଲିଗଲା ।ତା ଆତ୍ମା ପରା ସେହି ଗଛରେ ରହିଛି ,ଯିବ କୁଆଡେ ।ଏମତି ଗପ ଶୁଣୁ ଶୁଣୁ ବୋଉ ଆମକୁ ଡାକେ ଖାଇବାକୁ,ସେତେବେଳେ ରାତିରେ କୋଳଥ ଡାଲି ଭାତ ଆଉ ସାରୁ ଚଟଣି,ଖୁବ ସ୍ୱାଦ ଲାଗେ ।ସତରେ ଜେଜେ ମାଆ ଆଉ ମୋ ବୋଉ ଭିତରେ ଥିବା ଆତ୍ମୀୟତା ଆଉ କାହିଁ ଏବେ ଶାଶୁ ବୋହୁ ଙ୍କ ଭିତରେ ବିଲକୁଲ ମୁଁ ଦେଖୁନି ।ଜେଜେ ଆଉ ମାଆଙ୍କୁ ବୋଉ ଶୋଇଲା ବେଳେ ପ୍ରତିଦିନ ଶୋରିସ ତେଲ ତତେଇ ତାଙ୍କ ପାଦରେ ଘସାଘସି କରିଥାଏ ।ସୂତା ମସାରି ଟା ଟଙ୍ଗେଇ ଦେଇ ଶୋଇବା ପାଇଁ କହିଥାଏ।

ରୁଦ୍ର ଭାବୁଥାଏ ପାଠ ପଢି ସିନା ମଣିଷ ହେଲା , କିନ୍ତୁ ବାପା ମାଆଙ୍କ ଆଶା ସବୁ ମାଟିରେ ମିଶାଇ ଦେଲା ।ନିଜର ଆସାମର୍ଥ୍ୟତାକୁ କାହା ଆଗରେ ପ୍ରକାଶ କରି ପାରୁ ନଥାଏ।

ରାସ୍ତାରେ ପଡିଥିବା ଗଛ ସବୁ ଆଡେଇ ଆଡେଇ ବହୁତ ଡେରିରେ ଆସି ଘର ପାଖରେ ପଂହଁଚିଲା ରୁଦ୍ର ।ଘରର ମାନଚିତ୍ର ସବୁ ଯେପରି ବଦଳି ଯାଇଥିଲା ।ଦୁଆରରେ ରୁଣ୍ଡ ହୋଇଥାନ୍ତି ସାହି ର ଲୋକ ମାନେ,ଏହି ଅଲକ୍ଷଣା ମନ ଟା ଯାହା ଭାବୁଥିଲା ତାହା ଦେଖି ମୁଣ୍ଡରେ ବଜ୍ର ପଡିଗଲା ।ସେହି ଝଡି ବର୍ଷାରେ ପଡିଯାଇଥିବା ମାଟି କାନ୍ଥ ତଳୁ ବହୁ କଷ୍ଟରେ ବାପାଙ୍କୁ ବାହାର କରି ମଶାଣୀ ନେବାର ଯୋଜନା ସବୁ ଦେଖି ଆଖିରୁ ଧାର ଧାର ଲୁହ ବୋହି ଯାଉ ଥାଏ ।ଧୀରେ ଧୀରେ ସେହି ଭଙ୍ଗା କାନ୍ଥ ପାଖକୁ ଯାଇ ଦେଖିଲା କାନ୍ଥରେ ତାର ଓ ସାନ ଭାଇର ଷଠିଘର ରୁ ଖସି ଯାଇଥିବା କଉଡ଼ି ଗୁଡିକୁ । ଥର ଥର ହାତରେ ଉଠାଇ ଜାବୁଡି ଧରିଲା ,କଇଁ କଇଁ କାନ୍ଦ ବନ୍ଦ ହେବା ପୂର୍ବରୁ ବଳିଆ ଦାଦା ମଶାଣି କୁ ଡାକିବା ସମୟରେ ଆଣିଥିବା ବୋଉର ନାଲି ଚୁଡି ତକ ନିଜ ଅଜାଣତରେ ତଳେ ପଡି ଭାଙ୍ଗି ଏଣେ ତେଣେ ବିଛାଡି ହୋଇଗଲା ।ରାମନାମ ସତ୍ୟହେ ହରିନାମ ସତ୍ୟ ହେ ଭିତରେ,ରୁଦ୍ର ନିଶ୍ଚଳ ଓ ନିରବ ଭାବନାରେ ବୁଡି ଗଲା। ମାଟି ମୁଠାଏ ବାପାଙ୍କ ଉପରେ ଦେଇ ଶୂନ୍ୟ ହସ୍ତ ଦୁଇଟିକୁ ଯୋଡି ପ୍ରଣାମ କରିଥିଲା ।ନିଗିଡ଼ି ପଡୁଥିବା ଲୁହରୁ ସ୍ପଷ୍ଟ ବାରି ହୋଇପଡୁଥାଏ ଅନ୍ତର ର କଥା ସବୁ, ତା ଭଳି ପାଠୁଆ କୁଳାଙ୍ଗାର ପୁଅ ଜନ୍ମ ଦେବା ଅପେକ୍ଷା ସାନ ଭାଇ ପରି ଆଉ ଦୁଇ ଜଣ ଭାଇ ହୋଇଥିଲେ ସତଗୁଣେ ଭଲ ହୋଇଥାନ୍ତା ।ହିଡ ମୁଣ୍ଡରେ ପଖିଆ ଦେଇ ବସିବାକୁ କହିଥିବା ବାପାଙ୍କୁ ସେ ଛାତ ଘରେ ଦିନଟେ ରଖି ପାରିଲିନି ।ସହରରେ ନିଜେ ଆରାମ ଦାୟକ ଜୀବନ ଯାପନ କରି ନିଜର ବାପାଙ୍କୁ ଓ ମାଆ ଅତି ଆଦରରେ ତିଆରି କରିଥିବା ଷଠିଘରକୁ ବର୍ଷା ଝଡ଼ିରୁ ବଞ୍ଚାଇ ପାରିଲା ନାହିଁ।

+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫



## ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା

॥ ଭାଗ-୧୨ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)



ଏଥିରେ ସୂକ୍ଷ୍ମ ରୂପରେ ଏକ ପୁରୁଷ ଜୀବର ଶରୀର ଏବଂ ତାହା ମଧ୍ୟରେ ଏକ ନାରୀର ଶରୀର ବ୍ୟାପି ରହିଥିଲା। ଅର୍ଥାତ୍ ଏହିଠାରୁ ହିଁ ପୁରୁଷ ଜୀବର ସୃଷ୍ଟି ହେଲା ଓ ତାହା ମଧ୍ୟରୁ ନାରୀ ଦେହର ସୃଷ୍ଟି ହେଲା। ମହାକାଶରେ ଜଳର ଉପାଦାନ ସୃଷ୍ଟି ହେବାର ଠିକ୍ ଚାରିଶହ ବତିଶ କୋଟି ବର୍ଷ ପରେ ପୃଥିବୀକୁ ଜଳ ମଧ୍ୟ ଆସିଗଲା। କ୍ଷିତି ସେହି ଉତ୍ତପ୍ତ ଉଲକାମାନଙ୍କ ରସରେ ହେଲେ ରସ ସିକ୍ତା।

ପୃଥିବୀକୁ ଆପ ଆସିବାରୁ ମରୁତ ମଧ୍ୟ ଆସିଗଲେ। ଜଳରେ କ୍ଷିତିଙ୍କର୍ ଶରୀର ଧୀରେ, ଧୀରେ ଶୀତଳ ହୋଇଗଲା। ତେଣୁ ତାଙ୍କ ଅଭ୍ୟନ୍ତରରୁ ଉତ୍ତପ୍ତ ଲାଭାମାନେ ଆଗ୍ନେୟ ଗିରି ଦେଇ ଠିକ୍ ସୃଷ୍ଟି ହେବାର ଚାରିଶହ ବତିଶ କୋଟି ବର୍ଷ ପରେ ଉଦଗୀରଣ ହେବାରେ ଲାଗିଲେ ଓ ଆକାଶକୁ ଧୂମ୍ର ପୂର୍ଣ୍ଣ କରିଦେଲେ।

ବ୍ରହ୍ମା ଦେଖିଲେ, ତାଙ୍କର ଚତୁର୍ଦ୍ଦିଗ କ୍ରିଷ୍ଟାନ୍ଧକାରରେ ପୂର୍ଣ୍ଣ ହୋଇ ଗଲାଣି।

ଲାଭାଦ୍ୱାରା ପୃଥିବୀଙ୍କର ଉପରି ଭାଗ ଗଠିତ ହୋଇଗଲା। ଘନ ଧୂମ୍ର ପଟଳମାନେ ଆକାଶରେ ସୃଷ୍ଟି କଲେ ମେଘମାଳା ଏବଂ ଘୋର ଗର୍ଜ୍ଜନ କରି ସେମାନେ ବଜ୍ର ଓ ବିଜୁଳି ସହ ଅବିଶ୍ରାନ୍ତ ବର୍ଷା କରିବାରେ ଲାଗିଲେ।

ପୃଥିବୀକୁ ଆପ ଆସିବାରୁ ବାୟୁ ମଧ୍ୟ ଆସିଗଲେ।

ତାଙ୍କର ଭ୍ରାତା ଚନ୍ଦ୍ର ତାଙ୍କର ମନକୁ ଶାନ୍ତ କରିବାକୁ ତାଙ୍କର କିରଣ ଚନ୍ଦ୍ରିକାଙ୍କୁ ପଠାଇଦେଲେ। ଏବେ ସେହି ସିକ୍ତ ପୃଥିବୀ ଉପରେ ଋତୁ ପରିବର୍ତ୍ତନ ହେଲା। ସେଠାରେ ମୌସୁମୀର ସୃଷ୍ଟି ହେଲା। ଅଭ୍ୟନ୍ତରର ଆଗ୍ନେୟଗିରି ମାନ ଉଠି ଲାଭା ସ୍ରୋତରେ ପୃଥିବୀର ଉପର ତ୍ୱକକୁ ସୃଷ୍ଟି ଉପଯୋଗୀ କଲେ।

ପୃଥିବୀ ସୃଷ୍ଟି ହେବାର ପ୍ରାୟ ପଚାଶ କୋଟି ବର୍ଷ ପର୍ଯ୍ୟନ୍ତ୍ ଉଲକାପାତ।..... ପୁଣି କୋଟି, କୋଟି ବର୍ଷ ପରେ। ............... ।

ସେହି ଉଷ୍ମ ତ୍ୱକ ଜଳର ସଂସ୍ପର୍ଶରେ ଆସିବାରୁ ପ୍ରଥମେ କ୍ଷୁଦ୍ର ଅଣୁ ଜୀବ ଓ ପରେ ଅଙ୍ଗୁରିୟ ମାଳ ସମ୍ ସବୁଜ କ୍ଷୁଦ୍ର ଜୀବ ମାନେ ସମୁଦ୍ର ମଧ୍ୟରେ ଜମା ହୋଇଗଲେ। ଜଳର ସେହି ଗଭୀର ପ୍ରଦେଶରେ ସୂର୍ଯ୍ୟ କିରଣ ପ୍ରବେଶ କରି ପାରୁ ନଥିଲା। ତେଣୁ ଐଶ୍ୱରୀୟ ଇଚ୍ଛାରେ ସେହି ରକ୍ତ, ଅସ୍ଥି ହୀନ ଜୀବ ମାନେ ଉର୍ଜ୍। ମାନ ସୃଷ୍ଟି କରି ପୃଥିବୀର ଆକାଶଙ୍କୁ ବିଶୁଦ୍ଧ ବାୟୁରେ ପୂର୍ଣ୍ଣ କରିଦେଲେ। ଠିକ୍ ମହାକାଶରେ ବାୟୁ ଦେବଙ୍କର ସୂକ୍ଷ୍ମ ଉପାଦାନ ସୃଷ୍ଟି ହେବାର ଚାରି ଶତ ବତିଶ କୋଟି ବର୍ଷ ପରେ।....

ସେହି ଅସ୍ଥି, ରକ୍ତ ଶୂନ୍ୟ ମେଦରେ ଗଠିତ ପ୍ରାଣୀଟି ହିଁ ପୃଥିବୀରେ ସୃଷ୍ଟି କଲେ ପ୍ରଥମ ଜୀବ ଏବଂ ଜୀବନ।.....

ଏବେ କ୍ରୀଷ୍ଟାନ୍ଧକାର୍‌ରେ ପରି ପୂର୍ଣ୍ଣ ସେହି ପୃଥିବୀ ସନ୍ଧ୍ୟାର ଛାୟା ଆଲୋକ ପରି ମୁଗ୍ଧ, ମଧୁର ସୌନ୍ଦର୍ଯ୍ୟରେ ବ୍ରହ୍ମାଙ୍କ ମନକୁ ମୋହିତ କରିବାରେ ଲାଗିଲା ।

ପ୍ରଜାପତି ବ୍ରହ୍ମା ସ୍ୱଗତୋକ୍ତି କରିବାରେ ଲାଗିଲେ, 'ମେଦିନୀ,... ମେଦିନୀ..। ଏହି ମେଦରୁ ସୃଷ୍ଟ୍ର ବାୟୁ ପାଇ ତୁମ ଗର୍ଭରେ ଜୀବ ଜଗତର ସୃଷ୍ଟି ସଂଭବ ହୋଇ ଥିବାରୁ ତୁମର ପ୍ରଥମ ନାମ ରହିବ ମେଦିନୀ........ ।'

ପୁଣି ହଜାର , ହଜାର ବର୍ଷଧରି ସେହି ପ୍ରଜ୍ୱଳିତ ବାଷ୍ପରୁ ପୃଥିବୀ ରେ ଏକ ବାୟୁ ମଣ୍ଡଳ ସୃଷ୍ଟି ହେଲା। ସୃଷ୍ଟି ହେଲେ ମେଘମାଳ। ସେମାନେ ଘୋର ଶବ୍ଦରେ ଗର୍ଜ୍ଜନ କରି ଜଳବର୍ଷା କଲେ । ଥରକୁ ଥର ଏହିଭଳି ଘନଘୋର ବର୍ଷା ରେ ପୃଥିବୀ ଜଳାର୍ଣ୍ଣବ ହେଲା, ହେଲା ଶୀତଳ।

ଏକା ଧାରାରେ ଜଳ, ବାୟୁ, ଉତ୍ତାପ ଓ ମୃତ୍ତିକାର ସଂଗମରେ ପୃଥିବୀ ପୃଷ୍ଠରେ ଧୀରେ ଧୀରେ ଜୀବନ ର ସଂଚାର ହେଲା। କ୍ରମେ ସେହି ପ୍ରୟୋଧି ଜଳ ଉପରେ ଅନନ୍ତ ଜୀବନ ବିସ୍ତୁ , ଶୈବାଳ, ସ୍ପଞ୍ଜ, ଏମିବା, ଛତୁ, ଜେଲି ଆଦି ରୂପରେ ଧୀରେ ଧୀରେ ଶ୍ୱାସ କ୍ରିୟା କରିବାରେ ଲାଗିଲେ।

ଅବଶ୍ୟ ଏସବୁ ଥିଲା ନିହାତି ନିମ୍ନସ୍ତରୀୟ ଜୀବ କୋଷ। ଏମାନେ ଥିଲେ ଏକ କୋଷ ବିଶିଷ୍ଟ ପ୍ରାଣୀ। ଏହି ପ୍ରାଣୀମାନେ ଏବଂ କବକ, ଜୀବାଣୁ, ବୀଜାଣୁ ଏବଂ ଭୁତାଣୁ ମାନେ ନିଜ ନିଜ ଦେହକୁ ଖଣ୍ଡ ଖଣ୍ଡ କରି ପ୍ରଥମ ମହାକାଶ ରେ ସୃଷ୍ଟ ଗ୍ରହ, ନକ୍ଷତ୍ର ମାନଙ୍କ ପରି ନୂତନ ଅଙ୍ଗଜ ସୃଷ୍ଟି କରୁଥିଲେ।

ସବୁକିଛି ତ୍ରୟୋ ରୂପରେ ପରିକଳ୍ପିତ । ପ୍ରଥମେ ଶୂନ୍ୟରେ ସୂକ୍ଷ୍ମ ରୂପରେ ଏକ କଳ୍ପନା ,ତାହା ପରେ ଦୃଶ୍ୟମୟ ବ୍ରହ୍ମାଣ୍ଡରେ ଓ ତାହାପରେ ପିଣ୍ଡରେ ରୂପାୟିତ ହେଲା। (କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ବାର୍ଦ୍ଧକ୍ୟର ବିକଳ ଅବସ୍ଥା

## ସଂପର୍କର ରଙ୍ଗ

## ଶ୍ୱେତା ରାଉତ୍



ମଣିଷ ପାଖରେ ଯେତେବେଳେ ବୟସ ଥାଏ, ପିଲାଙ୍କ ପାଇଁ, ପରିବାର ପାଇଁ, ନିଜ ପାଇଁ ରୋଜଗାର ନିଶାରେ ସମୟ କୁଆଡ଼େ ଯାଏ ଜଣା ପଡେନାହିଁ। କିନ୍ତୁ ଯେତେବେଳେ ବୟସ ଖସି ଯାଏ,ଯେଉଁମାନଙ୍କ ପାଇଁ ଅହରହ ଧାଉଁଥାଏ ମଣିଷ, ସେମାନଙ୍କର ଟିକିଏ ସମୟ ପାଇଁ ବ୍ୟାକୁଳ ହୁଏ, ଅଥଚ ନା ସମୟ ମିଳେ ନା ସହଯୋଗ ! ଆଜିକାଲି ପ୍ରାୟ ଅଧିକାଂଶ ବୃଦ୍ଧ, ବୃଦ୍ଧାମାନଙ୍କର ଅବସ୍ଥା ଏମିତି। ପିଲାମାନଙ୍କୁ ଶିକ୍ଷିତ କରି ବେଦେଶ ପଠେଇ ଦିଅନ୍ତି ଏବଂ ନିଜେ ଅବସର ନେବା ପରେ ଏକା ରହିଯାଆନ୍ତି। କେତେବେଳେ ଥଣ୍ଡା ଜର, କାଶ ତ କେତେବେଳେ ଆଣ୍ଠୁ ଗଣ୍ଠି ରୋଗରେ ଛଟପଟ ହୁଏ ଜୀବନ, ହେଲେ କେହି ବାହାର ଲୋକଙ୍କ ସହିତ ଦେଖା ହୋଇଗଲେ, ପୁଅ, ବୋହୂ, ନାତି, ନାତୁଣୀଙ୍କ ବିଷୟରେ କହି ଖୁସିରେ ଭାବବିହ୍ୱଳ ହୋଇପଡନ୍ତି।

ଥର ଥର ହାତରେ କେଉଁଠି ବୁଢୀ ଲୋକଟି ମୁଠାଏ ରାନ୍ଧି ନିଜେ ଖାଏ ତ କେଉଁଠି ବୁଢ଼ା ଲୋକଟି କାଶି କାଶି ନାକେଦମ୍ ହୋଇଯାଏ, ଅଥଚ ବିଛଣାରୁ ଉଠି ଟିକେ ଉଷୁମ ପାଣି ପିଇ ପାରେନାହିଁ।ବିକଳରେ କେବଳ ପିଲାମାନଙ୍କ ଫୋନ୍ କୁ ଅପେକ୍ଷା କରି କରି ଦିନ ସରିଯାଏ।

ଆଉ କେତେଜଣ ବୃଦ୍ଧ ବ୍ୟକ୍ତି ଅଛନ୍ତି, ଫେସବୁକ୍, ଇଂଷ୍ଟାଗ୍ରାମ, ହ୍ୱାଟ୍ସପରେ ସମୟ କାଟିବାକୁ ଭଲ ପାଆନ୍ତି ଏବଂ ସେଥିରେ ଯଦି କେହି ଭଲ ଲାଗିଲେ ବାରମ୍ବାର ତାକୁ ଫୋନ୍ କରି ବିରକ୍ତ କରିଦିଅନ୍ତି, କାରଣ ଅବସର ପରେ ଏକାକିତ୍ୱ ଜୀବନ ତାଙ୍କୁ ବୋଝ ଭଳି ଲାଗେ, ତେଣୁ କାହା ସହିତ ନା କାହା ସହିତ ଖୁବ୍ ଗପିବାକୁ ଚାହାନ୍ତି ନିଜର ସମୟ କାଟିବାକୁ, ତେଣିକି ଅନ୍ୟଜଣେ ତା ଜୀବନରେ କେତେ ବି ବ୍ୟସ୍ତ ଥାଉ, କିଭଳି ପରିସ୍ଥିତିରେ ଥାଉ, ମାନସିକ ସ୍ଥିତି ଯେମିତି ବି ଥାଉ ସେ କିଛି ବୁଝନ୍ତିନି, ବାରମ୍ବାର ଫୋନ୍ କରି ବିରକ୍ତ କରି ଦିଅନ୍ତି। ଯଦି କେହି ନିଜର ବ୍ୟସ୍ତତା ଦେଖାଇ ଦୀର୍ଘ ସମୟ କଥା ହେବାକୁ ଅନାଗ୍ରହ ଦେଖାଏ, ତେବେ ତାକୁ ଗର୍ବୀ, ଅହଙ୍କାରୀ ବବେଚନା କରିଦିଅନ୍ତି। ନିଜ ପିଲାମାନେ ଦୁଇ ମିନିଟ୍ ଫୋନରେ କଥା ହେବାକୁ ଭଲ ପାଉନଥିବା ବେଳେ, ଅନ୍ୟମାନେ ଦୁଇ ଘଣ୍ଟା ଗପନ୍ତୁ ବୋଲି ଆଶା ରଖନ୍ତି। ଏହା ଏକ ପ୍ରକାର ବାର୍ଦ୍ଧକ୍ୟର ବିକଳ ଅବସ୍ଥା।

ବଳ ବୟସ ଚାଲିଗଲା ପରେ ଯଦି ପରିବାରରେ, ନାତି ନାତୁଣୀଙ୍କ ସହ ରହୁଥାନ୍ତେ,ହୁଏତ ସେମାନଙ୍କୁ ଭଲ ଲାଗନ୍ତା, ନିସଂଗତାର ରୋଗରେ ସଂକ୍ରମିତ ହୁଅନ୍ତେ ନାହିଁ, ମନ ଭଲ ରହିଲେ ଶରୀର ବି ସୁସ୍ଥ ରହନ୍ତା କିନ୍ତୁ ଦୁର୍ଭାଗ୍ୟ ପିଲାମାନଙ୍କୁ ଶିକ୍ଷିତ, ଯୋଗ୍ୟ କରିଦେବା ପରେ ବୃଦ୍ଧ ବାପା ମାଆ ଅଯୋଗ୍ୟ ଓ ବୋଝ ପାଲଟି ଯାଆନ୍ତି, ଯେଉଁଥି ପାଇଁ ଅନେକ ଆତ୍ମହତ୍ୟା କରିଦିଅନ୍ତି, ଅନେକ ବୃଦ୍ଧାଶ୍ରମକୁ ଆପଣେଇ ନିଅନ୍ତି, ଅନେକ ଭିକ୍ଷାବୃତ୍ତି କରି ଜୀବନ ବଞ୍ଚନ୍ତି, ଆଉ କେଉଁଠି କିଏ ରାସ୍ତାରେ ପଡ଼ି ମରି ଯାଆନ୍ତି।

ଅବସର ପରେ କିମ୍ବା ବୃଦ୍ଧ ସମୟରେ ଯାହା ପାଖରେ ଯେତେ ଧନ ସମ୍ପତ୍ତି ଥାଉନା କାହିଁକି, ଯେତେ ଚାକର ପୁଝାରି ରଖିଥାନ୍ତୁ ନା କାହିଁକି, ହୃଦୟ ସବୁବେଳେ ନିଜ ପିଲାମାନଙ୍କ ମୋହରେ ଛଟପଟ ହେଉଥାଏ। ଅର୍ଥ ଦେଇ ସେବା କିଣାଯାଇ ପାରେ, ହେଲେ ଶାନ୍ତି କିଣିବାକୁ କରୋଡ ପତିର ଅର୍ଥ ବି କମ୍ ପଡ଼ିଯାଏ ।ତେଣୁ ପ୍ରତି ପିଲାମାନେ ଯଥା ସମ୍ଭବ ଚେଷ୍ଟା କରିବା ଉଚିତ୍,ନିଜ ବାପା ମାଆଙ୍କୁ କେମିତି ପାଖରେ ରଖିବେ ! ଯିଏ ଆମକୁ ଦୁନିଆର ଆଲୋକ ଦେଖାଇଛନ୍ତି, ତାଙ୍କୁ ଏକା କରି ଅନ୍ଧାରକୁ ଠେଲି ଦେଲେ, ନିଜ ପାଇଁ କେବଳ ନର୍କ ହିଁ ରହିଯିବ। ଯଦି କେହି ବିଦେଶରେ ରହୁଛନ୍ତି ଏବଂ ବାପା, ମା ରାଜି ହେଉ ନାହାନ୍ତି ଗାଁ ମାଟି ଛାଡ଼ି ଯିବାକୁ, ସେମାନେ ତାଙ୍କ ବାପା ମାଆଙ୍କ ସୁଖ ସୁବିଧାର ବ୍ୟବସ୍ଥା କରିବା ସହିତ ପ୍ରତିଦିନ ଦୂରରୁ ଥାଇ ମଧ୍ୟ ଫୋନ୍ ଦ୍ୱାରା ଯୋଡି ହୋଇ ରହି ମାନସିକ ଉର୍ଜା ବଢ଼ାଇବା ଉଚିତ୍, ଯେମିତି ସେମାନେ ଏକାକୀତ୍ୱ ଅନୁଭବ ନକରନ୍ତି।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ଆଜିର କବିତା

### ବହ୍ନିବାଳା

### ଝରଣା ଦାସ



ଖଟକୁଥୀଲା ଆଖିରେ
ଖଣ୍ଡେ ଦେହ
ସେତେବେଳେ....
ଫରକ୍ ଖାଲି ଏତିକି
ଗୋଟେ ଆବଦ୍ଧ ଘର ଭିତରେ
ଘର ବାହାରେ
ବିଚ୍ ବଜାରରେ ଆଜି ।
ଲାଜ ମୁହ ଲୁଚଉଥିବା
ସେଇ ନଗ୍ନତା
ଉତ୍କଟ କାମୁକତା
ମାଁସ ପାଇଁ ବିଳାପ
ପାଗ୍ଐତିହାସିକ ଯୁଗ
କୁରୁ ସଭାରୁ ଆଳରମ୍ଭ ହୋଇ ଲମ୍ବିଛି
ସ୍ୱାଧୀନତାର ମଣିପୁର ପର୍ଯ୍ୟନ୍ତ
ବାଘ ଛେଳି ଖେଳ
ରାସ୍ତା ସାରା ବାଘ ପନଝା
ଛେଳି ଖୁରା
ଥୋଳା ଥୋଳା ରକ୍ତର ଝୋଟି ଚିତ୍ର ।
ନୀରବ ପ୍ରଶାସନ
ନୀରବ ଜନସାଧାରଣ
ଚୁପ୍ ଦ୍ରୋପଦୀ ମଲାଲାମାନେ,
ଶୋଇପଡ଼ିଥିବା ସମୟକୁ ଜଗେଇ
କେତେ ଦିନ ଗର୍ଜି ହେବ ମିଡିଆ !
ଗୋଟେ ବଦଳୁନଥିବା ବିବେକ ପାଖରେ
ଶୋଣିତ ନଦୀ ବୁହାଇ
କେତେ ଥର ରଚାହେବ ମହାଭାରତ !
କାଲି ତା ଘର ଚାଳ
ପୋଡୁଥିବା ନିଆଁ ଆସି
ଆମ ଘର ମଥାନ ଛୁଇଁବା ପୂର୍ବରୁ
ଆସ, ସମୟ ଦାଢ଼ରେ
ଢାଳି ଢାଳି ନିଜକୁ
ଲୁତୁ ପୁତୁ ଲବଣୀ ପିତୁଳା
ଆମ କନ୍ୟା ଭଗିନୀକୁ
ସଯେଇଦେବା ବହ୍ନିବାଳା
ଗୋଟେ ଗୋଟେ ମାନବ ବମ୍ ରୂପରେ।
ଆଗାମୀ ବଂଶଧରଙ୍କ ପଥପ୍ରଦଶକ
ସାଜିବେ ସେଇମାନେ ହିଁ
ବାଘ ଆଖି ନିଆଁରେ
ଓହ୍ଲେଇ ଆସିବା ଆଗରୁ
ଗୋଟେ ଆଦିମ ଅନ୍ଧାର ।

+ମାର୍ଫତ / ବରେନ୍ଦ୍ର ଦାସ, କଲ୍ୟାଣ ନଗର, ଅଙ୍ଗାର ଗଡିଆ, ବାଲେଶ୍ୱର

# ମାଲକାନଗିରି ଜିଲ୍ଲାରେ ବର୍ଷା ବିପ୍ୱାତ: ପାଣିରେ ବୁଡ଼ିଲା କାଙ୍ଗୁରୁକୋଣ୍ଡା ପୋଲ



ମାଲକାନଗିରି, ୨୬/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ବର୍ଷା ବିପ୍ୱାତ ଜାରି ରହିଛି। ଏହି ବନ୍ୟାଜଳରେ ଭାସି ଜଣଙ୍କର ପ୍ରାଣହାନି ଘଟିଛି। ମୃତକ ହେଲେ ରାସବେଡା ପଞ୍ଚାୟତ ମୁଦୁଲିଗୁଡା ଗାଁର ଘେନୁ ଚାଲାଣ। ଗତକାଲି ଜମିକୁ ଯାଇ ଆଉ ଘରକୁ ଫେରି ନ ଥିଲେ ଘେନୁ। ଆଜି ମୁଦୁଲିଗୁଡ଼ା-ମାଛାଗୁଡ଼ା ନାଳରୁ ମୃତଦେହ ଉଦ୍ଧାର ହୋଇଛି। ପୁଣି ପାଣିରେ ବୁଡ଼ିଛି ମାଲକାନଗିରିର କାଙ୍ଗୁରୁକୋଣ୍ଡା ପୋଲ। ଏହାଫଳରେ ଓଡ଼ିଶା-ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜଣାଯାଇଛି। ନଦୀ ଭ୍ରମ ସୃଷ୍ଟି କରୁଛି ଜାତୀୟ ରାଜପଥ। କାଙ୍ଗୋରୁକୋଣ୍ଡା ପୋଲ ଉପରେ ୧୦ ଫୁଟ ଉଚ୍ଚର ବନ୍ୟା ଜଳ। ୩୨୬ ନମ୍ବର ଜାତୀୟ ରାଜପଥରେ ଯାତାୟତ ଠପ୍। ସେହିପରି ଲଗାଣ ବର୍ଷା ଯୋଗୁଁ କାଲିମେଲା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ମାଲକାନଗିରି– ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥରେ ଥିବା ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମଭି ୯୬ ପୋଲ ଓ କାଲିମେଲା - ପଡିଆ ମୁଖ୍ୟ ରାସ୍ତାରେ ଥିବା କନ୍ୟାଶ୍ରମ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ଯାହାଫଳରେ ଆନ୍ଧ୍ର, ତେଲେଙ୍ଗାନା ଓ ଛତିଶଗଡ଼ ରାଜ୍ୟକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ରାସ୍ତାରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଥିବା ପରିଲକ୍ଷିତ ହୋଇଛି।

# ରୟତି ଜମିରେ ମନରେଗା ପୋଖରୀ ଖନନ ଅଭିଯୋଗ ଉଠାଇଲେ ସମିତି ସଭ୍ୟା : କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ

ବଲାଙ୍ଗିର, ୨୬/୦୭ (ନି.ପ୍ର): ସରକାର ମନରେଗା ଯୋଜନା ମାଧ୍ୟମରେ ଶ୍ରମିକମାନଙ୍କୁ କର୍ମନିଯୁକ୍ତି ଯୋଗାଇବା ସହ ବ୍ୟକ୍ତିଗତ ଓ ସାମୁହିକ ପ୍ରକଳ୍ପଗୁଡିକ ହାତକୁ ନେଇ ନୂତନ କାର୍ଯ୍ୟ କରାଯିବା ସହିତ ପୁରାତନ କାର୍ଯ୍ୟ ଗୁଡିକର ରକ୍ଷଣାବେକ୍ଷଣ ପୁନଃଉଦ୍ଧାର ଭଳି କାଯ୍ୟ କରାଯାଉଥିବା ବେଳେ ମନରେଗା କାର୍ଯ୍ୟ ବାରମ୍ବାର ନିୟମ ଉଲଘଂନ ହେଉଥିବା ସହ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଆସୁଅଛି । ତଥାପି ମଧ ପ୍ରଶାସନିକ ଅବହେଳା ଓ ମଧୁଚନ୍ଦ୍ରିକା ମଧ୍ୟରେ ସମସ୍ତ ଅଭିଯୋଗକୁ ଘଂଟ ଘୋଡାଇବା ଯୋଗୁଁ ରହିଯାଉଛି । ଯାହା ଫଳରେ ମନରେଗା ଏକ ଦୁର୍ନୀତିଗ୍ରସ୍ତ ପ୍ରକଳ୍ପ ଭାବେ ପରିଚିତ ହୋଇସାରିଲାଣି । ଏପରି ଏକ ଘଟଣା ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ କନ୍ଧକେଲଗାଁ ପଂଚାୟତରେ ହୋଇଥିବା ଖୋଦ ସ୍ଥାନୀୟ ସମିତି ସଭ୍ୟା ବନିତା ସାହୁ ଲିଖିତ ଅଭିଯୋଗ ଉଠାଇଛନ୍ତି । ଯାହାକୁ ନେଇ ପ୍ରଶାସନିକ ସ୍ତରରେ ଛନକା ପଶିଥିବା ଚର୍ଚ୍ଚା ଜୋର୍ ଧରିଛି । ଅଭିଯୋଗରୁ ପ୍ରକାଶ ଯେ, କନ୍ଧକେଲଗାଁ ପଂଚାୟତରେ ଦୀର୍ଘ ଦିନ ହେବ ମନରେଗା ଯୋଜନାରେ ବ୍ୟାପକ ଅର୍ଥ ବ୍ୟୟ କରି ବାହାବା ନେବା ପାଇଁ ଉଦ୍ୟମ କରୁଥିବା ବେଳେ ଅନେକ ଯୋଜନାରେ ଅନିୟମିତତା ହେଉଥିବା ଜନସାଧାରଣଙ୍କ ନଜରକୁ ଆସୁଛି । ଏଥିରେ ଉଲ୍ଲେଖ କରାଯାଇଥିବା ପ୍ରକଳ୍ପ ମଧ୍ୟରେ ପଞ୍ଚାୟତର ଜଳିଆଦର୍ହ ଗ୍ରାମରେ ଦେଝାରମୁଣ୍ଡା, ମୁକ୍ତାମୁଣ୍ଡା ପୋଖରୀ ଓ ଅନ୍ଧାରିଖମନଠାରେ ନବ ନିର୍ମିତ ପୋଖରୀ ଖନନ କାର୍ଯ୍ୟଟି ସାମୁହିକ ହେଉଥିଲେ ସୁଦ୍ଧା ଏକ ବ୍ୟକ୍ତିଗତ ରୟତି ଜମିରେ ଟଂଚକତା କରି କାର୍ଯ୍ୟ କରାଯାଉଥିବା ନଜରକୁ ଆସିଛି । ଯାହା ମନରେଗା ଆଇନର ପରିପନ୍ଥୀ ଅଟେ । ଏହି ଯୋଜନାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ପରେ ସ୍ଥାନୀୟ ସମିତି ସଭ୍ୟା ଶ୍ରୀମତୀ ସାହୁ ଏହାର ତଦନ୍ତ କରିବା ପାଇଁ ବିଡ଼ିଓଙ୍କଠାରେ ଅଭିଯୋଗ କରିଛନ୍ତି । ସେହିପରି କନ୍ଧକେଲଗାଁ ତଳିବନ୍ଧରେ ମନରେଗା ଯୋଜନାରେ ସାମିଲ କରାଯାଇଥିବା ଅମୃତ ସରୋବରର ଉନ୍ନତିକରଣ କାର୍ଯ୍ୟ ପାଇଁ ଜେସିପି ମେସିନ ଓ ଟ୍ରାକ୍ଟରର ସହାୟତାରେ କାର୍ଯ୍ୟ ହେଉଥିବାକୁ ନେଇ ଶ୍ରୀମତୀ ସାହୁ ଅଭିଯୋଗ ଉଠାଇନ୍ତି । ଏହାଦ୍ୱାରା ନକଲି ଶ୍ରମିକମାନଙ୍କ ନାମରେ ମଷ୍ଟର ରୋଲ ତିଆରି କରି ମୋଟା ଅଙ୍କର ଅର୍ଥ ଉଠାଣ କରି ଆତ୍ମସାତ ହେଉଥିବା ଅଭିଯୋଗ କରିଛନ୍ତି । ଏନେଇ ସଇଁତଲା ବିଡ଼ିଓ ଚନ୍ଦ୍ରମଣି ନାଗଙ୍କୁ ପଚାରିବାରୁ ଉକ୍ତ କାର୍ଯ୍ୟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଏହାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ । ଯାହାକୁ ନେଇ ବର୍ତ୍ତମାନ କନିଷ୍ଠ ଯନ୍ତ୍ରୀ, ଜିଆର୍ଏସ୍ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଥିବା ଚର୍ଚ୍ଚା ହେଉଛି ।

# ମରୁଡ଼ି ଆଶଙ୍କା ବଳବତ୍ତର: ୪୪ ଲକ୍ଷ ହେକ୍ଟର ଜମିରେ ଆରମ୍ଭ ହୋଇନି ଚାଷ



ଭୁବନେଶ୍ୱର, ୨୬/୦୭ (ନି.ପ୍ର): ଜୁଲାଇ ମାସର ବର୍ଷା ସତ୍ତ୍ୱେ ରାଜ୍ୟର ବିଭିନ୍ନ ସ୍ଥାନରେ ମରୁଡ଼ି ଆଶଙ୍କା ବଳବତ୍ତର ରହିଛି। ଲକ୍ଷ୍ୟ ଅନୁସାରେ ରାଜ୍ୟରେ ୪୪ ଲକ୍ଷ ହେକ୍ଟର ଜମିରେ ଚାଷ କାର୍ଯ୍ୟ ଆରମ୍ଭ ହୋଇ ପାରି ନାହିଁ। କୃଷି ବିଶେଷଜ୍ଞ ଏସଆର ଦାସ ସତର୍କ କରାଇ ଦେଇଛନ୍ତି ଯେ ଅଗଷ୍ଟ ମାସ ୧୫ ତାରିଖ ସୁଦ୍ଧା ରୋପଣ କାର୍ଯ୍ୟ ସରିନପାରିଲେ ଉତ୍ପାଦନ ଭୟଙ୍କର ବାଧାପ୍ରାପ୍ତ ହେବ। କୃଷି ବିଭାଗର ସୂଚନା ଅନୁସାରେ, ଚଳିତ ବର୍ଷ ଖରିଫରେ ୬୧.୮୦ ଲକ୍ଷ ହେକ୍ଟର ଜମିରେ ଚାଷର ଲକ୍ଷ୍ୟ ରଖାଯାଇଥିଲା। ଜୁଲାଇ ମାସ ସରିବା ବେଳକୁ ମାତ୍ର ୧୭.୫୨ ଲକ୍ଷ ହେକ୍ଟର ଜମିରେ ଚାଷ କାର୍ଯ୍ୟ ଆରମ୍ଭ ହୋଇ ପାରିଛି। ପାଣି ଅଭାବ ଯୋଗୁଁ ଅନ୍ୟ ଅଞ୍ଚଳର ଚାଷୀ ହାତବାନ୍ଧି ବସିଛନ୍ତି।

ଜୁନ ମାସରେ ୧୫୯ ମିଲିମିଟର ବର୍ଷା ଯୋଗୁଁ ସବୁଠି ହାହାକାର ସ୍ଥିତି ସୃଷ୍ଟି ହୋଇଥିଲା। ପାଣି ଅଭାବ ଯୋଗୁଁ ଜମି ଫାଟି ଆଁ ହୋଇଥିଲା। ଜୁଲାଇରେ ୩୩୯.୯ ମିଲିମିଟର ବର୍ଷାର ଆବଶ୍ୟକତା ଥାଏ। ଏଥିରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୪୯.୬ ମିଲିମିଟର ବର୍ଷା ରେକର୍ଡ ହୋଇ ସାରିଛି। କିନ୍ତୁ ଯେତିକି ବର୍ଷାର ଆବଶ୍ୟକତା ରହିଛି ସେହି ଅନୁଯାୟୀ ହେଉ ନାହିଁ। କୃଷି ବିଶେଷଜ୍ଞଙ୍କ କହିବା ଅନୁସାରେ, ଅନେକ ସ୍ଥାନରେ ବଡ଼ ମେଘ ହେଉଛି କିନ୍ତୁ ଆବଶ୍ୟକତା ଅନୁସାରେ ଲଗାତାର ବର୍ଷ ପାରୁ ନାହିଁ। ବେଉଷଣ ପାଇଁ ଯେତିକି ପାଣି ଦରକାର ତାର ଅଭାବ ରହୁଛି। ରାଜ୍ୟରେ ଯେତିକି ପରିମାଣରେ ଜଳସେଚନ କ୍ଷମତା ସୃଷ୍ଟି କରାଯାଇଛି ସେଥିରୁ ୪୦ ପ୍ରତିଶତ ଜଳସେଚନ ଉପଯୋଗ ହୋଇ ପାରୁ ନାହିଁ। ଏହାବାଦ ମଧ୍ୟ ଅନେକ ସ୍ଥାନର ବୃହତ, କ୍ଷୁଦ୍ର ଏବଂ ଉଠାଜଳସେଚନର ଲାଭ ଚାଷୀଙ୍କୁ ମିଳି ପାରୁ ନାହିଁ। ଅଧିକାଂଶ ସ୍ଥାନରେ ଅଣଜଳସେଚିତ ଅଞ୍ଚଳର ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ନେଇ ଅଭିଯୋଗ ହେଉଛି। ଜୁଲାଇ ମାସରେ କଟକ ଜିଲ୍ଲାରେ ଆବଶ୍ୟକ ଥିବାର ୩୫୦ ମିଲିମଟରରୁ ୧୬୧ ମିଲିମଟର ବର୍ଷାର ରେକର୍ଡ ହୋଇଛି। କଳାହାଣ୍ଡି ଜିଲ୍ଲାରେ ୨୫୯.୫ ମିଲିମିଟରର ଆବଶ୍ୟକତା ଥାଏ। ବର୍ତ୍ତମାନ ସୁଦ୍ଧା ୨୭୫.୬୪ ମିଲିମିଟର ବର୍ଷା ହୋଇଛି।

ରାୟଗଡ଼ାରେ ତଳି ପଡ଼ିଥିଲେ ମଧ ରୁଆ କାର୍ଯ୍ୟ ସରିପାରି ନାହିଁ। ଜୁଲାଇ ମାସରେ ହେବାକୁ ଥିବା ଯାଜପୁର ଜିଲ୍ଲାର ୩୫୦ ମିଲିମିଟରରୁ ୧୭୩ ମିଲିମିଟର, କେନ୍ଦ୍ରାପଡ଼ାରେ ୩୫୦ ମିଲିମଟରରୁ ୧୭୩ ମିଲିମିଟର, ଅନୁଗୁଳ ଜିଲ୍ଲାର ୩୪୭ ମିଲିମିଟର ବର୍ଷାରୁ ୨୦୧.୮୧ ମିଲିମିଟର, ବଲାଙ୍ଗୀର ଜିଲ୍ଲାର୩୬୦.୫ ମିଲିମିଟରରୁ ୨୮୬.୮୫ ମିଲିମିଟର, ବରଗଡ଼ ଜିଲ୍ଲାର ୩୯୭.୨ ମିଲିମିଟରରୁ ୨୭୩ ମିଲିମିଟର, ବୌଦ୍ଧର ୪୧୮.୫ ମିଲିମିଟରରୁ ୨୯୬.୭୭ ମିଲିମିଟର, ମୟୂରଭଞ୍ଜର ୪୧୮.୫ ମିଲିମିଟରରୁ ୨୯୬.୭୭ ମିଲିମିଟର ବର୍ଷା ହୋଇଛି।

# ୩୧ ଜୁଲାଇ ସୁଦ୍ଧା ପ୍ରଧାନମନ୍ତ୍ରୀ ଫସଲ ବୀମା କରାଇବା ପାଇଁ ପରାମର୍ଶ



ଭୁବନେଶ୍ୱର, ୨୬/୦୭ (ନି.ପ୍ର): ଚଳିତ ଖରିଫ ଫସଲର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଜୁଲାଇ ମାସ ୩୧ ତାରିଖ ସୁଦ୍ଧା କରାଇ ନେବା ପାଇଁ ରାଜ୍ୟ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଦେଇଛନ୍ତି କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ.ଅରବିନ୍ଦ ପାଢୀ। ସୂଚନା ଅନୁଯାୟୀ, ଖରିଫ-୨୦୨୩ରୁ ରବି-୨୦୨୫ ମଧ୍ୟରେ ୨ ହେକ୍ଟର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଫସଲ ବୀମାର ପ୍ରିମିୟମ ରାଜ୍ୟ ସରକାର ବହନ କରିବେ। ତେଣୁ ଅଧିକରୁ ଅଧିକ ଚାଷ ଜମି ଏବଂ ଚାଷୀ ବୀମାଭୁକ୍ତ ହେବ ବୋଲି ଆଶା କରାଯାଉଛି। ୨୦୧୬ ମସିହାରୁ ଓଡ଼ିଶା ସରକାର ରାଜ୍ୟରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଫସଲ କ୍ଷତି ହେଲେ କ୍ଷତିଗ୍ରସ୍ତ କୃଷକମାନଙ୍କୁ ବୀମା କମ୍ପାନି ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଚଳିତ ଖରିଫରେ ଧାନ, ମକା, କପା, ମାଣ୍ଡିଆ, ହରଡ଼, ଚିନାବାଦାମ, ଅଦା ଓ ହଳଦୀ ଆଦି ୮ ଗୋଟି ଫସଲକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିପାଇଁ ଜାରି ମାର୍ଗଦର୍ଶିକା ଅନୁଯାୟୀ ଖାଦ୍ୟଶସ୍ୟ ଓ ତୈଳବୀଜ ଫସଲ ପାଇଁ ମୋଟ ବୀମା ପରିମାଣର ୨ ପ୍ରତିଶତ (ଋଣ ପ୍ରଦାନ ସମତୁଲ ଅର୍ଥରାଶି) ପ୍ରିମିୟମ ଆକାରରେ ପ୍ରଦାନ କରାଯାଇଥାଏ। କପା, ହଳଦୀ, ଅଦା ଆଦିବ୍ୟାବସାୟିକ ଫସଲ ପାଇଁ ପ୍ରିମିୟମ ବୀମାରାଶିର ସମୁଦାୟ ୫ ପ୍ରତିଶତ ଅଟେ। ଅବଶିଷ୍ଟ ପ୍ରକୃତ ପ୍ରିମିୟମ୍‌କୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ୫୦ ପ୍ରତିଶତ ଲେଖାଏଁ ବହନ କରି ଥାଆନ୍ତି। ଫସଲବୀମା ଯୋଜନା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ବିଗତ ୩ଟି ଋତୁର ବୀମାଭୁକ୍ତ କୃଷକଙ୍କ ସଂଖ୍ୟାକୁ ବିବେଚନା କରି ବ୍ଲକ୍ ଓ ପଞ୍ଚାୟତଓ୍ୱାରୀ ବୀମାର ଧାର୍ଯ୍ୟ ଲକ୍ଷ୍ୟ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। କୃଷି, ସମବାୟ ଓ ଅନ୍ୟ ସଂପୃକ୍ତ ବିଭାଗର ଅଧିକାରୀଙ୍କ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଖରିଫ ୨୦୨୩ରେ ବିଜ୍ଞପିତ ଫସଲ ପାଇଁ ଋଣ ଗ୍ରହଣ କରିଥିବା ଚାଷୀଙ୍କ ବୀମା କରିବା ପାଇଁ ଉଭୟ ସମବାୟ ଓ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେବା ପାଇଁ କୁହାଯାଇଛି । ଏଥି ନିମନ୍ତେ ଫସଲବୀମା କମ୍ପାନୀଗୁଡ଼ିକ ପକ୍ଷରୁ ଗ୍ରାମପଞ୍ଚାୟତ ସ୍ତରରେ ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଛି । ପ୍ରତ୍ୟେକ ଦିନର ବୀମାର ଅଗ୍ରଗତି ରିପୋର୍ଟ ଅପ୍‌ଲୋଡ୍ କରିବା ସହିତ ସମୀକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଛି । ଶେଷ ଦିନରେ ଫସଲବୀମା ନିମନ୍ତେ ବ୍ୟାଙ୍କ ଓ ଜନସେବା କେନ୍ଦ୍ରରେ ଭିଡରୁ ରକ୍ଷା ପାଇବା ପାଇଁ ପୂର୍ବରୁ ଫସଲବୀମା କରାଇନେବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି।

# ରାଜ୍ୟରେ ଫାଇଲେରିଆ ନିରାକରଣ ଲାଗି ଦିଆଯିବ ଆଇଭରମେଟିନ ବଟିକା: ଅଗଷ୍ଟ ୧୦ରୁ ଆରମ୍ଭ ହେବ ଅଭିଯାନ

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ରାଜ୍ୟରେ ଫାଇଲେରିଆ ନିରାକରଣ ଲାଗି ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ଫାଇଲେରିଆ ରୋଗ ନିରାକରଣ ପାଇଁ ଆଇଭରମେଟିନ ବଟିକା ଦିଆଯିବ। ଆସନ୍ତା ଅଗଷ୍ଟ ୧୦ରୁ ରାଜ୍ୟରେ ସାମୁହିକ ଔଷଧ ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଅଗଷ୍ଟ ୧୦ରୁ ୧୯ ତାରିଖ ଯାଏଁ ଏହି କାର୍ଯ୍ୟକ୍ରମ ଚାଲିବ। ୧୧ ଜିଲ୍ଲାର ୧ କୋଟି ୮୧ ଲକ୍ଷ ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୬୫ ହଜାର ୬୬୬ ଡ୍ରଗ୍ ଅଫିସର ନିୟୋଜିତ ହେବେ। ୧୦ ଦିନ ଭିତରେ ସମସ୍ତଙ୍କୁ ଔଷଧ ସେବନ କରାଇବା ଲକ୍ଷ୍ୟ ରଖାଯାଇଛି। ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ଶିଶୁ, ଏକ ସପ୍ତାହ ଭିତରେ ଶିଶୁ ଜନ୍ମ କରିଥିବା ମାଆ ଓ ଅତ୍ୟନ୍ତ ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଔଷଧ ଦିଆଯିବନି। ଆଶାକର୍ମୀ ଓ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର ବୁଲି ଲୋକଙ୍କୁ ଏହି ଔଷଧ ଖୁଆଇବେ । ସୂଚନା ଥାଉକି, ଏବେ ରାଜ୍ୟର ୯ ଜିଲ୍ଲା ଫାଇଲେରିଆମୁକ୍ତ ଘୋଷଣା ପାଇଁ ଯୋଗ୍ୟ ବିବେଚିତ ହୋଇସାରିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଂଜନ ମିଶ୍ର କହିଛନ୍ତି ଯେ, କ୍ରୁମି ପାଇଁ ଦିଆଯାଉଥିବା ଏହି ବଟିକା କୋଭିଡ ସମୟରେ ନିରାକରଣ ପାଇଁ ବ୍ୟବହାର ହୋଇ ଚର୍ଚ୍ଚାକୁ ଆସିଥିଲା। ପୂର୍ବରୁ ଫାଇଲେରିଆ ପାଇଁ ଆଲବେନଡାଜୋଲ ଓ ଡିଇସି ବଟିକା ଦିଆ ଯାଉଥିବା ବେଳେ ଏବେ ଏହା ସହ ଆଇଭରମେଟିନ ମଧ ଦିଆଯିବ।

# ବେଆଇନ ଚୋରା କୋଇଲା ବୋଝେଇ ଟ୍ରକ ଜବତ: ଚାଳକ ଥାନାରେ ଅଟକ

କୋରେଇ, ୨୫ଜୁଲାଇ (ହି.ସ.) - ପାଣିକୋଇଲି ଥାନା ପୁଲିସ ଆଜି ଏକ ବେଆଇନ ଚୋରା କୋଇଲା ବୋଝେଇ ହୋଇ ଆସୁଥିବା ଏକ ୧୪ ଚକିଆ ଟ୍ରକକୁ ସଠିପୁର ନିକଟରେ ଜବତ କରିଛି । ପ୍ରକାଶ ଯେ ତାଳଚେରରୁ ଏକ ୧୪ ଚକିଆ ଟ୍ରକ ଯାହାର ନମ୍ବର (ଓଡ଼ି୩୫ ଇ୬୪୨୫)ରେ ବେଆଇନ କୋଇଲା ଚୋରା ଚାଲାଣ ହେଉଛି ବୋଲି ଖବର ପାଇବା ପରେ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଥାନାର ସବଇନିସପେକ୍ଟର ପ୍ରକାଶ କୁମାର ପ୍ରଧାନ,ଏଏସଆଇ ପ୍ରତାପ ଚନ୍ଦ୍ର ଗଡ଼ନାୟକ,ସୁଜିତ କୁମାର ମଲ୍ଲିକ,କନେଷ୍ଟବଳ ମନମୋହନ ବାରିକ ହୋମଗାର୍ଡ଼ ଗଣେଶ ଲେଙ୍କା ପ୍ରମୁଖ ଚଢ଼ାଉ କରି ସଠିପୁର ନିକଟରେ ଏକ ଡିପୁରେ ଅନଲୋଡିଂ କରୁଥିବା ସମୟରେ ଜବତ କରି ଥାନାକୁ ଆଣିଥିଲେ ଓ ଏଥି ସହିତ ଟ୍ରକର ଚାଳକ ଢେଙ୍କାନାଳ ଜିଲ୍ଲା ମୋଟୁଙ୍ଗା ଥାନା ଅନ୍ତର୍ଗତ ଓଡ଼ପଡ଼ା ଗ୍ରାମର ଶଙ୍କର ସ୍ୱାଇଁକୁ ପୁଲିସ ଥାନାରେ ଅଟକ ରଖିଛି । ଏନେଇ ପାଣିକୋଇଲି ପୁଲିସ ଅଧିକ ତଦନ୍ତ ଜାରୀ ରଖିଛି।

# ସିଏସଆଇଆର୍ -ପୁଷ୍ପ କୃଷି ମିଶନ ଜରିଆରେ ଫୁଲ ଚାଷ ଆରମ୍ଭ

ଜୟପୁର, ୨୬/୦୭ (ନି.ପ୍ର): ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନ ଲକ୍ଷ୍ନୌ ପକ୍ଷରୁ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକର ବିଭିନ୍ନ ପଂଚାୟତରେ ଓଡ଼ିଶା ଜୀବିକା ମିଶନ୍ ସହଯୋଗରେ ସମ୍ମନ୍ୱିତ ଫୁଲ ଚାଷ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ବନସ୍ପତି ଅନୁସନ୍ଧାନ ସଂସ୍ଥାନର ବରିଷ୍ଠ ପ୍ରଧାନ ବୈଜ୍ଞାନିକ ଡକ୍ଟର ଚନ୍ଦ୍ର ଶେଖର ମହାନ୍ତି ଉପସ୍ଥିତ ରହି ଫୁଲ ଚାଷ ଦ୍ୱାରା କୋରାପୁଟ ଜିଲ୍ଲାର ଜୈବ ବିବିଧତା ସୁରକ୍ଷା ସହ ଫୁଲ ଚାଷ ଦ୍ୱାରା ଅଧିକ ଲାଭ ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଫୁଲ ଚାଷ ଦ୍ୱାରା ମହୁମାଛି ମାଧ୍ୟମରେ ପନିପରିବା ଓ ଫଳ ଚାଷରେ ପରାଗ ସଙ୍ଗମ ବୃଦ୍ଧି ପାରିବା ସଙ୍ଗେ ସଙ୍ଗେ ଉତ୍ପାଦନ ବୃଦ୍ଧି ପାଇବ ବୋଲି କହିଥିଲେ। ପ୍ରଧାନ ବୈଜ୍ଞାନିକ ଡକ୍ଟର ସନ୍ଦୀପ ବେହେରା ମଲ୍ଲି ଓ ରଜନୀ ଗନ୍ଧା ଫୁଲ ଚାଷରେ ରୋଗ ଓ ପୋକ ସହ ସାର ପ୍ରୟୋଗ ପରିଚାଳନା ସମ୍ପର୍କରେ ଅବଗତ କରାଇବା ସହ ବୋରିଗୁମ୍ମା ବ୍ଲକକୁ ଫୁଲ ଚାଷର କ୍ଲଷ୍ଟର କରାଯାଇ ପାରିବ ବୋଲି କହିଥିଲେ। ଓଡ଼ିଶା ଜୀବିକା ମିଶନର ବ୍ଲକ କୋ-ଅର୍ଡ଼ିନେଟର୍ ଦେବେନ୍ଦ୍ର ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କମାରା ଗ୍ରାମପଂଚାୟତର ସରପଂଚ ମାଳା ଗଡବା ଓ ପୂର୍ବତନ ସରପଂଚ ଗୋପୀ ଗଦବା ଉପସ୍ଥିତ ରହି ମହିଳା ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ରଜନୀଗନ୍ଧା ଓ ମଲ୍ଲି ଫୁଲ ଚାରା ବଂଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବି.ସିଂପୁର୍ ଯୁଝାରି, ବୋରିଗୁମ୍ମା, ବେଣାସୂର୍ ର ୧୮୦ ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଫୁଲ ଚାରା ବଂଟନ କରାଯାଇଥିଲା। ସ୍ଥାନୀୟ କୃଷି ମିତ୍ର, ସି.ଆର୍.ପି. ଓ ଏମ.ବି.କେ. ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ହେଲିକପ୍ଟରରେ ବୁହା ହେବେ ରୋଗୀ: ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ନିୟୋଜିତ ହେବ ହେଲିକପ୍ଟର



ଭୁବନେଶ୍ୱର, ୨୬/୦୭ (ନି.ପ୍ର): ରାଜ୍ୟରେ ଯେକୌଣସି ସ୍ଥାନରେ ଭୟାବହ ଦୁର୍ଘଟଣା ଘଟିଲେ ବା ଅପହଞ୍ଚ ସ୍ଥାନରେ କୌଣସି ବ୍ୟକ୍ତି ଜରୁରୀକାଳୀନ ଚିକିତ୍ସା ପାଇବାର ଥିଲେ ରାଜ୍ୟ ସରକାର ତୁରନ୍ତ ହେଲିକପ୍ଟର ପଠାଇ ବଡ଼ ହସ୍ପିଟାଲକୁ ଆଣିବେ। ଏଥିପାଇଁ ରାଜ୍ୟ ସରକାର ଗୋଟିଏ ହେଲିକପ୍ଟର ଭଡ଼ାରେ ଆଣିବେ। ହେଲିକପ୍ଟର ସେବା ଯେପରି ଠିକ୍ ଭାବେ କାର୍ଯ୍ୟକାରୀ ହେବ ସେଥିପାଇଁ ୪ଟି ମେଡିକାଲ କଲେଜରେ ହେଲିପ୍ୟାଡ୍ ନିର୍ମାଣ ହେବ। ଏହି ହେଲିକପ୍ଟରରେ ସମସ୍ତ ଜରୁରୀ ଚିକିତ୍ସା ସହ ଟ୍ରମା କେୟାର ସୁବିଧା ବି ମିଳିବ। ବାଣିଜ୍ୟ ଓ ପରିବହନ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଭଳି ସାରା ରାଜ୍ୟରେ ରୋଗୀମାନଙ୍କୁ ଜରୁରୀ ଚିକିତ୍ସା ଯୋଗାଇବା ଲାଗି ହେଲିକପ୍ଟର ସ୍ୱାସ୍ଥ୍ୟ ସେବା ଆରମ୍ଭ ହେବାକୁ ଯାଇଛି। ଏଥିପାଇଁ ଭୁବନେଶ୍ୱର ଏମ୍ସ, କଟକର ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ, ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ହେଲିପ୍ୟାଡ୍ ନିର୍ମାଣ ହେବ। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ତିନିଟି ମେଡିକାଲ କଲେଜ ମଧ୍ୟରୁ କୌଣସି ଗୋଟିଏ ସ୍ଥାନରେ ଆବଶ୍ୟକତା ଅନୁଯାୟୀ ହେଲିକପ୍ଟର ମୁତୟନ ହେବ। ମାସକ ଆଗରୁ ହେଲିକପ୍ଟରଟି କେଉଁଠି ମୁତୟନ ହେବ ସେନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଘରୋଇ ସଂସ୍ଥାକୁ ଅବଗତ କରିବେ। ଅତି କମ୍‌ରେ ୧୦୦ ନଟିକାଲ ମାଇଲ୍‌ସ ବା ୧୮୫କିମି ଦୂରରୁ ରୋଗୀଙ୍କୁ ଆଣିବା ପାଇଁ ହେଲିକପ୍ଟରଟି ଯେପରି ଥରକେ ଉଡ଼ାଣ କରିପାରିବ ସେନେଇ ଆବଶ୍ୟକୀୟ ଇନ୍ଧନ ରଖିବାକୁ କୁହାଯାଇଛି। ହେଲିକପ୍ଟରଟି ମାସକୁ ସର୍ବନିମ୍ନ ୪୦ଘଣ୍ଟା ଉଡ଼ାଣ କରିବ ବୋଲି ସର୍ତ୍ତ ରଖାଯାଇଛି। ଏହାଠାରୁ କମ୍ ଉଡ଼ିଲେ ବି ୪୦ଘଣ୍ଟାର ଦେୟ ରାଜ୍ୟ ସରକାର ଦେବେ। ସେହିପରି ଅଧିକ ଉଡ଼ିଲେ ପ୍ରତି ଘଣ୍ଟା ପିଛା ରାଜ୍ୟ ସରକାର ଅର୍ଥ ପ୍ରଦାନ କରିବେ। ସେହିପରି ଯଦି ହେଲିକପ୍ଟରଟି ଲଗାତର ଦୁଇଦିନ ଉଡ଼ାଣ ଉପଯୋଗୀ ହେବନି ତେବେ ଘରୋଇ ସଂସ୍ଥା ଆଉ ଏକ ହେଲିକପ୍ଟର ନିୟୋଜିତ କରିବେ। ନଚେତ୍ ଜରିମାନା ଦେବାକୁ ପଡ଼ିବ ବୋଲି ସର୍ତ୍ତ ରଖାଯାଇଛି। ଏହାବାଦ୍ ହେଲିକପ୍ଟରଟି ଯଦି ଦୁର୍ଘଟଣାଗ୍ରସ୍ତ ହୁଏ ତେବେ ରୋଗୀ ଏବଂ ଏଥିରେ ଥିବା କର୍ମଚାରୀଙ୍କୁ ୫୦ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିବାକୁ ବୀମା କରାଯିବ। ଦୁର୍ଘଟଣା ଯୋଗୁ ତୃତୀୟ ପକ୍ଷ କାହାର କ୍ଷତି ହେଲେ ତାଙ୍କୁ ୨୫ଲକ୍ଷ ଟଙ୍କା ଦେବାକୁ ବୀମା କରାଯିବ ବୋଲି ସର୍ତ୍ତ ରଖାଯାଇଛି।

# ଲାଂଚ ନେବା ଅଭିଯୋଗରେ ତତ୍କାଳୀନ ଯନ୍ତ୍ରୀଙ୍କୁ ତିନି ବର୍ଷ ଜେଲ୍ ଓ ଜରିମାନା

କନ୍ଧମାଳ, ୨୬/୦୭ (ନି.ପ୍ର): ବିଲ୍ ପାସ୍ କରିବା ପାଇଁ ଲାଂଚ ନେବା ଅଭିଯୋଗରେ ତତ୍କାଳୀନ ଯନ୍ତ୍ରୀଙ୍କୁ ତିନି ବର୍ଷ ଜେଲ ଦଣ୍ଡ। ବୌଦ୍ଧ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ଭାବଗ୍ରାହୀ ସାମନ୍ତରାୟଙ୍କୁ ତିନି ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ। ଏଥିସହ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ତିନି ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତଙ୍କ ରାୟରେ ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ, ଗତ ୨୦୧୯ ମସିହାରେ ବୌଦ୍ଧ ଜିଲ୍ଲା ଖୁଂଟୁବନ୍ଧ ପଂଚାୟତର ଜହ୍ଲାପଙ୍କ ଠାରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଏକ ସୌର ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ତତ୍କାଳୀନ ଖୁଂଟୁବନ୍ଧ ସରପଂଚ ମିତ୍ରଭାନୁ ପ୍ରଧାନ ଏହି ପ୍ରକଳ୍ପ ତଦାରଖ ଦାୟିତ୍ୱରେ ଥିଲେ। କାମ ସରିବା ପରେ ସେ ବିଲ୍ ପାଇଁ ଯନ୍ତ୍ରୀ ଭାବଗ୍ରାହୀଙ୍କୁ ଅନୁରୋଧ କରିଥିଲେ। ତେବେ ବିଲ ଅନୁମୋଦନ ପାଇଁ ଯନ୍ତ୍ରୀ ୫୦ ହଜାର ଟଙ୍କା ଦାବୀ କରିଥିଲେ। ଫଳରେ ମିତ୍ରଭାନୁ ଏ ନେଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ୨୦୧୯ ଫେବୃଆରୀ ୪ ତାରିଖ ଦିନ ଯନ୍ତ୍ରୀ ଶ୍ରୀ ସାମନ୍ତରାୟ ତାଙ୍କ କାର୍ଯ୍ୟାଳୟରେ ଏହି ଲାଂଚ ଟଙ୍କା ଗ୍ରହଣ କରୁଥିବା ବେଳେ ପୂର୍ବ ପ୍ରସ୍ତୁତି ପ୍ରକାରେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୩/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିବା ପରେ ଫୁଲବାଣୀ ଭିଜିଲାନ୍ସ ଅଦାଲତରେ ମାମଲାର ବିଚାର ହୋଇଥିଲା। ଆଜି ଏହି ମାମଲାର ଶୁଣାଣୀ କରି ବିଚାରପତି ସମର ବିଳାସ ବେହେରା ୧୩ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

# କଂଗ୍ରେସ ଆହ୍ୱାନରେ ରାଜ୍ୟର ସମସ୍ତ ଅଣ ବିଜେପି ଓ ବିଜେଡ଼ି ରାଜନୈତିକ ଦଳର ନେତୃବୃନ୍ଦମାନଙ୍କର ଦ୍ୱିତୀୟ ବୈଠକ

ଭୁବନେଶ୍ୱର , ୨୬/୦୭ (ନି.ପ୍ର): ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆଜି ଦ୍ୱିତୀୟଥର ପାଇଁ ରାଜ୍ୟର ସମସ୍ତ ଅଣବିଜେପି ଓ ବିଜେଡ଼ି ରାଜନୈତିକ ଦଳର ରାଜ୍ୟ ପଦାଧିକାରୀ ମାନଙ୍କର ଦ୍ୱିତୀୟ ବୈଠକ ଭୁବନେଶ୍ୱର ସ୍ଥିତ ଯଯାତି ହୋଟେଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୧୭ଟି ରାଜନୈତିକ ଦଳର ବରିଷ୍ଠ ନେତୃବୃନ୍ଦ ପ୍ରତିନିଧି ଯୋଗଦାନ କରିଥିଲେ। ରାଜ୍ୟ କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନା, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ତଥା ସର୍ବଦଳୀୟ ବୈଠକର ଆବାହକ ଶ୍ରୀ ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ଜଙ୍ଗେଶ୍ୱର ବାବୁ, ଲଲାଟେନ୍ଦୁ ମହାପାତ୍ର ଓ ରଜନୀ ମହାନ୍ତି ଏହି ବୈଠକରେ ରାଜ୍ୟ କଂଗ୍ରେସ ଦଳ ତରଫରୁ ଯୋଗଦାନ କରିଥିଲେ ଏବଂ ସିପିଆଇ (ଏମ) ରୁ ଅଲିକିଶୋର ପଟ୍ଟନାୟକ, ଜନାର୍ଦ୍ଦନ ପତି, ସମୃଦ୍ଧ ଓଡ଼ିଶାରୁ ଯତୀଶ ମହାନ୍ତି, ସମାଜବାଦୀ ପାର୍ଟିରୁ ରବି ବେହେରା, ସଂଜୟ ନାୟକ, ଆର.ଜେ.ଡ଼ି ରୁ ହେମନ୍ତ କୁମାର, ସୌଦାମିନ୍ ମହାପାତ୍ର, ସି.ପି.ଆଇରୁ ଅଭୟ ସାହୁ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, , ସି.ପି.ଆଇ. ଏମ୍.ଏଲ.ରୁ ଯୁଧିଷ୍ଠିର ମହାପାତ୍ର, ଅଶୋକ ପ୍ରଧାନ, ଏନ୍.ସି.ପି.ରୁ ବିକ୍ରମ ସ୍ୱାଇଁ, ଫରୱାଡ଼୍ ବ୍ଲକରୁ ଜ୍ୟୋତିରଞ୍ଜନ ମହାପାତ୍ର, ସମତାକ୍ରାନ୍ତିରୁ ପ୍ରଭାତ ସାମନ୍ତରାୟ, ସିପିଆଇ ରେଡ୍ ଷ୍ଟାର ରୁ ଶ୍ରୀମତୀ ପ୍ରମିଳା ବେହେରା, ଆରପିଆଇ ରୁ ଶେଖ୍ ଅବଦୁଲ୍ଲ ୱାଲ୍ଲି, ଟିଏମସି ରୁ ନନ୍ଦନ ପାଲ, ଆପ୍‌ରୁ ସଂଜୀବ ମହାନ୍ତି, ଜେଏମଏମ୍ ରୁ ଶିବାଜୀ ମୌଲିକ୍ ଇତ୍ୟାଦି ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କଂଗ୍ରେସ ସମେତ ସମସ୍ତ ୧୭ ଟି ବିରୋଧି ଦଳର ନେତୃବୃନ୍ଦ ମଣିପୁରରେ ମଇ ୩ ତାରିଖରେ ଘଟିଯାଇଥିବା ଲୋମ ହର୍ଷଣକାରୀ ବର୍ବରଚିତ ଓ ଅମାନବୀୟ ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାର କଟୁ ସମାଲୋଚନା କରିଥିଲେ। ଯେଉଁଭଳି ଭାବରେ ୩ ଜଣ ମହିଳାଙ୍କୁ ଉଲଗ୍ନ କରି ତାଙ୍କୁ ହଜାର ହଜାର ଲୋକଙ୍କ ଗହଣରେ ଚଲାଇ ଚଲାଇ ରାସ୍ତାରେ ନିଆଗଲା ଏବଂ ତାଙ୍କ ଗଣଧର୍ଷଣ କରାଗଲା ଏହା ମାନବ ଜାତି ପ୍ରତି ଅତି କ୍ରୁର ଉପହାସ ବୋଲି ପ୍ରଦେଶ କଂଗ୍ରେସ ସଭାପତି ସମେତ ସମସ୍ତ ନେତୃବୃନ୍ଦ ତାଙ୍କ ବିବୃତିରେ ପ୍ରକାଶ କରିଛନ୍ତି। କେନ୍ଦ୍ରର ବିଜେପି ସରକାର ଏ ସମସ୍ତ ଘଟଣାକୁ ସଂପୂର୍ଣ୍ଣ ଚପାଇ ଦେବାକୁ ଉଦ୍ୟମ କରିଥିଲା। ଦୀର୍ଘ ୮୪ ଦିନ ପରେ ମଧ ପ୍ରଧାନମନ୍ତ୍ରୀ ଏଭଳି ଜଘନ୍ୟ ଘଟଣା ଉପରେ ତାଙ୍କର ତଥ୍ୟ ସଂସଦରେ ରଖୁନାହାନ୍ତି। ମଣିପୁରର ମୁଖ୍ୟମନ୍ତ୍ରୀ ଏ ଘଟଣାକୁ ଜାଣିଶୁଣି ଚାପିଦେଇଥିଲେ। କିନ୍ତୁ ଏଭଳି ବର୍ବରଚିତ କାଣ୍ଡ ସହିତ ୧୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ଏପର୍ଯ୍ୟନ୍ତ ମଣିପୁର ଘଟିଲା ପରେ ମଧ ମୁଖ୍ୟମନ୍ତ୍ରୀଙ୍କୁ ବରଖାସ୍ତ କରାଯାଉନାହିଁ ଏବଂ ରାଷ୍ଟ୍ରପ୍ରତି ଶାସନ ଜାରୀ କାହିଁକି କରାଯାଉନାହିଁ ଏବଂ ରାଜ୍ୟର ବିଜେଡ଼ି ସରକାର ଏଭଳି ବର୍ବରଚିତ ଘଟଣାକୁ ନିନ୍ଦା ନ କରି ଚୁପ୍ କାହିଁକି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସାମ୍ବାଦିକମାନଙ୍କୁ ଉଦ୍‌ବୋଧନ ମିଳିତ ମଂଚ ତରଫରୁ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ନରେନ୍ଦ୍ର ମୋଦୀର ସରକାର ଭାରତ ବର୍ଷର ସମ୍ବିଧାନ, ସାମ୍ବିଧାନିକ ଅନୁଷ୍ଠାନ, ଗଣତନ୍ତ୍ର, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଅନୁଷ୍ଠାନ ଉପରେ ପ୍ରଚଣ୍ଡ ପ୍ରହାର କରିଚାଲିଛନ୍ତି। ଦୀର୍ଘ କିଛି ବର୍ଷର ଫାଶିବାଦର ମଞ୍ଜି ସାରା ଭାରତ ବର୍ଷରେ ବୁଣା ହୋଇଯାଇଛି। ଫଳସ୍ୱରୂପ ଆସନ୍ତା ଦିନମାନଙ୍କରେ ଭାରତ ବର୍ଷର ଗଣତନ୍ତ୍ରକୁ ଦୁର୍ବଳ କରିଦେବା ପାଇଁ ସମସ୍ତ ଚକ୍ରାନ୍ତ ବିଜେପି ଦଳ କରୁଛି। ଏହି ଚକ୍ରାନ୍ତକୁ ଯେମିତି ହେଲେ ପଣ୍ଡ କରିବାକୁ ପଡ଼ିବ। ଏଥିପାଇଁ ଆମ ସମସ୍ତଙ୍କୁ ଏକହୋଇ ଗଣତନ୍ତ୍ର ଓ ସମ୍ବିଧାନକୁ ବଂଚାଇବା ପାଇଁ ଲଢ଼େଇ କରିବାକୁ ହେବ। ରାଜ୍ୟରେ ଦିର୍ଘ ୨୫ ବର୍ଷ ଭିତରେ ନବୀନ ପଟ୍ଟନାୟକଙ୍କ ବିଜେଡ଼ି ସରକାର ରାଜ୍ୟକୁ ଗରୀବ ରାଜ୍ୟ ରୂପରେ ପରିଗଣିତ କରିଛନ୍ତି। ରାଜ୍ୟରେ ଯୁବକମାନଙ୍କ ଭବିଷ୍ୟତ ଅନ୍ଧକାର। ଲକ୍ଷ ଲକ୍ଷ ଯୁବକ ପେଟ ଚାଖଣ୍ଡକ ପାଇଁ ଦାଦନ ଖଟିବା ପାଇଁ ଯାଉଛନ୍ତି। ରାଜ୍ୟର ଶିକ୍ଷା ବ୍ୟବସ୍ଥା ପ୍ରାଥମିକ ଠାରୁ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଠପ୍ ହୋଇଯାଇଛି। କୃଷକର ଅର୍ଥନୈତିକସ୍ଥିତି ଅତ୍ୟନ୍ତ ଦୟନୀୟ। ମହିଳାମାନଙ୍କ ପାଇଁ ଅତ୍ୟାଚାର ରାଜ୍ୟରେ ହୁହୁ ହୋଇ ବଢ଼ି ଚାଲିଛି।

# ଓଡ଼ିଆ ଭାଷାର ସୁରକ୍ଷା ପାଇଁ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଭୂମିକା ଅବିସ୍ମରଣୀୟ

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ଓଡ଼ିଶାର ସାମ୍ବାଦିକ ଜଗତର ଭୀଷ୍ମ ପିତାମହ, ସମ୍ବଲପୁର ହିତୈଷିଣୀର ସମ୍ପାଦକ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଅଗ୍ରଣୀ ସାରଥୀ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୯୯ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଜି ପାଳିତ ହୋଇଛି । ପ୍ରତ୍ୟୁଷରେ ଭୁବନେଶ୍ୱର ଜୟଦେବ ବିହାର ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଦୀପଦାନ ଓ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିବା ପରେ ଶିକ୍ଷାବିତ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଉପସ୍ଥିତ ପୂଜ୍ୟପୂଜାପ୍ରେମୀ ନିଜ ବକ୍ତବ୍ୟରେ ବାଙ୍ଗୀ ବୈଦେଶ୍ୱର ମାଟିର ବରପୁତ୍ର ନୀଳମଣି ଶିକ୍ଷାଲାଭ ପରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ କାର୍ଯ୍ୟ ଆରମ୍ଭ କଲେ ଛବାମଣ୍ଡାର ଗୁଣଗ୍ରାହୀ ମହାରାଜା ସାର ବାସୁଦେବ ସୁଢ଼ଳ ଦେବଙ୍କ ଆମନ୍ତ୍ରଣ କ୍ରମେ ବାମଣ୍ଡାରେ ଅବସ୍ଥାନ କରି ସମ୍ବଲପୁରୀ ହିତୈଷିଣୀ ଖବରକାଗଜ ସମ୍ପାଦନା କରିଥିଲେ । ଓଡ଼ିଆ ଭାଷାକୁ ବିଲୋପ କରି ହିନ୍ଦୀ ଓ ବଙ୍ଗାଳି ଭାଷାର ପ୍ରଚଳନ ପାଇଁ ସେତେବେଳେ ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ତାହାର ଦୃଢ଼ ବିରୋଧ କରିବା ସହ କୋର୍ଟ କଚେରୀ ଓ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ସେ ମଧ ଉତ୍କଳ ସମ୍ମିଳନୀ ସହିତ ନିଜକୁ ଜଡ଼ିତ କରିବା ସଙ୍ଗେ ସଙ୍ଗେ ଓଡ଼ିଆରେ ବହୁ ପୁସ୍ତକ ରଚନା କରିଥିଲେ । ସେ ବିଭିନ୍ନ ଗଡ଼ଜାତ ପରିଦର୍ଶନ କରି ଓଡ଼ିଆ ଭାଷାର ସୁରକ୍ଷା ପାଇଁ ରାଜା ମହାରାଜାଙ୍କ ସହଯୋଗ କାମନା କରୁଥିଲେ ବୋଲି ଅତିଥିମାନେ ମତ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ପ୍ରବୀର ମହାନ୍ତି, ଡ଼ଃ ମିହିର ପଟ୍ଟନାୟକ, ପ୍ରାଧ୍ୟାପକ ଡ଼ଃ ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ସଂଯୁକ୍ତା ମିଶ୍ର, ସରୋଜିନୀ ମିଶ୍ର, ଦୀପ୍ତିପ୍ରଭା ରାୟ, ଶାନ୍ତିଲତା ସାହୁ, ରୀତା ମହାନ୍ତି, ପ୍ରଗତି ରଥ, ଜୟ ଓଡ଼ିଶାର ସଭ୍ୟବୃନ୍ଦ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୫୩ଜଣଙ୍କୁ ବାଙ୍କିବାସୀଙ୍କ ପକ୍ଷରୁ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନା କରିଥିବାବେଳେ ଉପଶାସନ ସଚିବ ମାଥିଆସ ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ବୈଠକ

ଝାରସୁଗୁଡ଼ା, ୨୬/୦୭ (ନି.ପ୍ର): ଝାରସୁଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ବୈଠକ ଜିଲ୍ଲା ପରିଷଦ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଛି। ବିଧାୟିକା ସୁଶ୍ରୀ ଦୀପାଳି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲଙ୍କ ସମେତ ପଂଚାୟତ ସମିତି ଓ ପୌରପାଳିକା ଅଧକ୍ଷ/ଅଧକ୍ଷା, ଲାଇନ ଡିପାର୍ଟମେଂଟ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଝାରସୁଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚାଲୁ ରହିଥିବା ପ୍ରକଳ୍ପ ଓ ଯୋଜନା ଗୁଡ଼ିକ ଧାର୍ଯ୍ୟ ସମୟ ମଧରେ ଶେଷ କରିବାକୁ ବିଧାୟିକା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡାକ୍ତର ଓ ଆବଶ୍ୟକୀୟ ସଂଖ୍ୟକ ସ୍ୱାସ୍ଥ୍ୟ କର୍ମଚାରୀ, ଔଷଧ ଓ ଜେନେରେଟରର ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ମରାମତି ତଥା ନବୀକରଣ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ମଙ୍ଗଳ ବଜାରସ୍ଥିତ ଡାକ୍ତରଖାନା ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ଓ ପ୍ରତି ବ୍ଲକରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସ୍ତ୍ରୀ ଓ ପ୍ରସୂତୀ ଡାକ୍ତର ମୁତୟନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ତଥା ପୌରାଂଚଳରେ ପାନୀୟ ଜଳର ବ୍ୟବସ୍ଥା ସହ ଚାଷୀମାନଙ୍କୁ ବିହନ ଓ ସାର ଯୋଗାଣ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ମାନଙ୍କରେ ଶିକ୍ଷକ ପଦବୀ ପୂରଣ, ବିଦ୍ୟାଳୟ ଗୃହ ନିର୍ମାଣ ତଥା ନବୀକରଣ, ଛାତ୍ରଛାତ୍ରୀଙ୍କୁ ପୋଷାକ ଯୋଗାଣ ପାଇଁ ସମ୍ପୃକ୍ତ ଅଂଚଳରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ଙ୍କୁ ନିୟୋଜିତ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମଧୁବାବୁ ପେନସନ ଯୋଜନା ଏବଂ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀ ଚୟନ ପୂର୍ବକ ଯୋଜନାର କାର୍ଯ୍ୟାନ୍ୱୟନ, ହାତୀ ଚଲାପଥରେ ଆଲୋକ ବ୍ୟବସ୍ଥା ସହ କ୍ଷତିଗ୍ରସ୍ତଙ୍କୁ ପ୍ରାପ୍ୟ ପ୍ରଦାନ ପାଇଁ ଆନୁସଙ୍ଗିକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

ପୁରୀ , ୨୬/୦୭ (ନି.ପ୍ର): ଶିଶୁ ସୁରକ୍ଷା ସମ୍ପର୍କୀତ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟିର ଏକ ବୈଠକ ଆଜି ଅପରାହ୍ନ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିବା ସହ ଜିଲ୍ଲାର ପ୍ରତ୍ୟେକ ଶିଶୁଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ସୁରକ୍ଷା ପାଇଁ ସମସ୍ତ ବିଭାଗ ପାରସ୍ପରିକ ସମନ୍ୱୟ ର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱ କୁ ସଠିକ ନିର୍ବାହ ସହ ପରସ୍ପର ତଥ୍ୟ ଆଦାନ ପ୍ରଦାନ ଓ ନିୟମିତ ଏନଫୋର୍ସମେଂଟ କରିବାକୁ ମତ ଦେଇଥିଲେ । ଏହି ଜିଲ୍ଲା ସ୍ତରୀୟ ବୈଠକରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ତାହାର ଆଖାପାଖ ଅଂଚଳକୁ ନିଶା ମୁକ୍ତ ଘୋଷଣା କରିବାକୁ ପଦକ୍ଷେପ ନେବାକୁ ନିଷ୍ପତି ହୋଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ଶିକ୍ଷାନୁଷ୍ଠାନ ଥିବା ଅଂଚଳରେ ନିଶାଦ୍ରବ୍ୟ କାରବାର ବିକ୍ରିବଟା ହେଉଥିଲେ ତାର ସୂଚନା ପ୍ରଦାନ କରିବେ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏହାଛଡ଼ା ଅଧାରୁ ପାଠ ଛାଡିଥିବା ଶିଶୁଙ୍କ ତାଲିକା ପ୍ରସ୍ତୁତ କରି ବିଦ୍ୟାଳୟକୁ ଫେରାଇ ଆଣିବା ବ୍ୟବସ୍ଥା କରାଯିବ । ସେହିପରି ଜିଲ୍ଲାର ଶ୍ରମ ଅଧିକାରୀ ଶିଶୁ ଶ୍ରମ ଅଂଚଳ ଚିହ୍ନଟ କରି ଟାସ୍କ ଫୋର୍ସ ବୈଠକ ଡାକିବେ ଓ ଉଦ୍ଧାର କାର୍ଯ୍ୟ କରିବେ । ଏହାଛଡ଼ା ଶିଶୁ ଅଧିକାର ସୁରକ୍ଷିତ ରହୁଥିବା ସ୍ଥାନ ବା ଶିଶୁ ସୁଲଭ ପରିସର ଗୁଡିକ ଚିହ୍ନଟ ଓ ତାହାର ତଦାରଖ କାର୍ଯ୍ୟ ଶିଶୁ ମଙ୍ଗଳ ସମିତି ଉପରେ ନ୍ୟସ୍ତ କରାଗଲା । ଏହି କାର୍ଯ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ସହଯୋଗ ଯୋଗାଇଦେବ । ସେହିପରି ପରିତ୍ୟକ୍ତ ଦିବ୍ୟାଙ୍ଗ ଶିଶୁଙ୍କ ଥଇଥାନ ବିଷୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା ।

OFFICE OF THE PANCHAYAT SAMITI, BISOI
At/P.o.- Bisoi,Dist.- Mayurbhanj, Odisha, Pin-757033
E-Mail: ori-bisoi@nic.in
I-258

Advt. No. 1973 / BDO- Bisoi /2023-24 Dt: 24-07-2023

Tender Call Notice

Sealed tenders (Percentage rate) are invited from the interested "D, C , B & A"Class Contractors registered with the Govt. for execution of Civil work under Panchayat Samiti, Bisoi, Mayurbhanj. The eligible criteria and the details of the tender documents which can be downloaded from the website www.mayurbhanj.nic.in. Interested bidders fulfilling the eligibility criteria may submit their proposals to the O/o: BDO Bisoi only through Courier/Speed Post/ Registry Post. Other mode of communication will not be entertained.

1. Sale of Tender Papers:- 27.06.2023 to 07.08.2023 up to 5.00 PM
2. Last Date of Receipt of Tender Papers:- 07.08.2023 up to 5.00PM
3. Date of Opening of Tender Papers at Conference Hall, Bisoi Block Bisoi Mayurbhanj :- 08.08.2023 at 11.00 AM.
4. Mode of receipt :- Through Courier/Speed Post/ Registry Post only.
5. Envelope should be super-scribed with the name of the works for which tender papers is being submitted otherwise same will be rejected.
6. Tender Papers received after due date or time will liable for rejection.

Authority reserves the right to reject all or any of the tender without assigning any reasons thereof. Again the authority will not held responsible for any postal delay.

Sd/
Block Development Officer, Bisoi
Mayurbhanj

OIPR: 19280/11/0002/2324

# ବନ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଜୟପୁର, ୨୬/୦୭ (ନି.ପ୍ର): ଜୟପୁର ବନ ବିଭାଗ ଅଧିନରେ କାଯ୍ୟ କରୁଥିବା ଠିକା କର୍ମଚାରିଙ୍କ କାଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ଗତ ୩ ଦିନ ତଳେ ଜୟପୁର ବନଖଣ୍ଡ ଅଧିକାରିଙ୍କୁ ଘେରାଉ କରି ଡିଏଫଓଙ୍କ ଅନୁପସ୍ଥିତିରେ ଏସିଏଫ ସୁବାସ ଚନ୍ଦ୍ର ଖୁଂଟିଆଙ୍କୁ ଦାବି ପତ୍ର ପ୍ରଦାନ କରି ୩ ଦିନ ସମୟ ଦେଇଥିଲ । ଏନେଇ ଆଜି ବୁଧବାର ଠିକା କର୍ମଚାରି ମାନେ ଡିଏଫଓଙ୍କ କାଯ୍ୟଳୟକୁ ଯାଇଥିବା ବେଳେ ଏସିଏଫଙ୍କ ଦେଖା ମିଳିନଥିଲା । ଏନେଇ ଦିନ ତମାମ ଠିକା କର୍ମଚାରି ମାନେ ଅପେକ୍ଷା କରିଥିଲେ । କିନ୍ତୁ, କୈଣସି ଅଧିକାରି ଆସିନଥିଲେ । ଶେଷରେ ଠିକା କର୍ମଚାରି ମାନେ ଆଜି ଠାରୁ ଦାବି ପୁରଣ ନହେବା ଯାଏ କାଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ସୂଚନା ଦେଇଛନ୍ତି । ଆସନ୍ତା ୪ ତାରିଖ ଭିତରେ ଦାବିପୁରଣ ନହେଲେ ଡିଏଫଓଙ୍କ କାଯ୍ୟାଳୟରେ ସପରିବାର ସହ ଧାରଣାରେ ବସିବାକୁ ଚେତାବନି ଦେଇଛନ୍ତି । ଜୟପୁର ବନଖଣ୍ଡର କୁନ୍ଦୁରା, ବୈପାରିଗୁଡା, ବୋରିଗୁମ୍ମା, କୋଟପାଡ, ଗୁପ୍ତେଶ୍ୱର ଓ ଜୟପୁର ରେଞ୍ଜରେ କାଯ୍ୟରତ ୧୩୦ ଜଣ ଅସ୍ଥାୟୀ କର୍ମଚାରି ଉପସ୍ଥିତ ଥିଲେ । ଇପିଏଫ ଠିକ ସମୟରେ ଜମା ହେଉନାହିଁ ଇଏସଆଇ କଟୁଛି କିନ୍ତୁ କାଯ୍ୟରେ ଲାଗୁ ନାହିଁ । ଦରମା କେତେ ଟଙ୍କା ମିଳୁଛି ତାହା ଠିକରେ ଜଣାପଡୁ ନାହିଁ । ଅସ୍ଥାୟୀ କର୍ମଚାରି କେତେ ଘଂଟା କାର୍ଯ୍ୟ କରିବେ ତାହା ସ୍ପଷ୍ଟ କରାଯାଉ ନାହିଁ । ପରିଚୟ ପତ୍ର ଦିଆଯାଉ ନଥିବାରୁ ମାଓ ଅଂଚଳରେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଦୀର୍ଘ ୪ ମାସ ହେବ ଦରମା ପାଇ ନାହିଁନ୍ତି, ଦରମା କେବେ ଦିଆଯିବ ତାହା ସ୍ପଷ୍ଟ କରିବା ସହ ଇପିଏଫ ଇଏସଆଇସି କେବେ ଜମା ହେବ ତାହା ସ୍ପଷ୍ଟ କରନ୍ତୁ, ଅସ୍ଥାୟୀ କର୍ମଚାରିଙ୍କୁ ସ୍ଥାୟୀ କରିବାକୁ ଦାବି କରାଯାଇଥିବା ସଭାପତି ଯୋଗି ନାଥ ଖେମୁଣ୍ଡୁ, ଉପ ସଭାପତି କେଶବ ନାୟକ ସୂଚନା ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ତ୍ୱରିତ ନ୍ୟାୟ ପୀଡ଼ିତ....

ପୀଡ଼ିତ ନ୍ୟାୟ ପାଇ ପାରୁଥିବା କହିଛନ୍ତି ରାଷ୍ଟ୍ରପତି। ଏଥିସହ ସେ କହିଛନ୍ତି, ପ୍ରକୃତି ସହ ମିଳିମିଶି ଚଳିବା ଆଦିବାସୀ ଜୀବନଶୈଳୀର ମାଧମ । ବ୍ୟବସ୍ଥାପିତା ତଥା କାର୍ଯ୍ୟପାଳିକା ସହ ନ୍ୟାୟପାଳିକା ବି ପରିବେଶ ଓ ବନ୍ୟଜନ୍ତୁ ସଂରକ୍ଷଣକୁ ଉଚ୍ଚ ପ୍ରାଥମିକତା ଦେବା ଉଚିତ। ଏହାଦ୍ୱାରା ଆମେ ଆମ ଉତ୍ତରପୀଢ଼ିକୁ ଏକ ସୁରକ୍ଷିତ ଭବିଷ୍ୟତ ଦେବାରେ ସକ୍ଷମ ହୋଇ ପାରିବା। ଏଥିନିମନ୍ତେ ପରିବେଶ ସୁରକ୍ଷା ପ୍ରତି ନିରନ୍ତର ଧ୍ୟାନ ଦେବା ଆବଶ୍ୟକ । ସାମାଜିକ ଓ ଆର୍ଥିକ ଦୃଷ୍ଟିକୋଣରୁ ଅନଗ୍ରସର ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସମ୍ବିଧାନ ନିର୍ମାତାମାନେ ସବୁବେଳେ ପ୍ରାଥମିକତା ଦେଇଛନ୍ତି। ସମାଜର ବଞ୍ଚିତ ବର୍ଗର ଲୋକେ କୋର୍ଟ, କଚେରୀ ଓ ଆଇନକାନୁନ ବିଷୟରେ ବେଶି ସଚେତନ ନୁହନ୍ତି। ନିଜ ଅଧିକାର ପାଇଁ ନ୍ୟାୟଳୟ ପାଖରେ ପହଞ୍ଚିବା ନିମନ୍ତେ ଅନେକଙ୍କ ସାମର୍ଥ୍ୟ ବି ନ ଥାଏ । ବଞ୍ଚିତ ବର୍ଗଙ୍କୁ କିପରି ସୁବିଧାରେ ନ୍ୟାୟ ପ୍ରଦାନ କରାଯାଇ ପାରିବ ତାହା ଆମ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ । ଏ ବିଷୟରେ ମାନସ ମନ୍ଥନ ହେବା ଉଚିତ। ଏହି ବର୍ଗର ଲୋକଙ୍କୁ ମାଗଣାରେ ଆଇନ ସେବା ଯୋଗାଇଦେବା ଶୁଭଙ୍କର ବିଷୟ। ଏହାଦ୍ୱାରା ସାଧାରଣ ଲୋକ ସହଜରେ ନ୍ୟାୟ ପାଇପାରିବେ। ମାତ୍ର ନ୍ୟାୟ ପ୍ରଦାନ ବେଳେ ନିରପେକ୍ଷତାକୁ ଅକ୍ଷୁର୍ଣ୍ଣ ରଖିବା ଆବଶ୍ୟକ ବୋଲି କହିଛନ୍ତି ରାଷ୍ଟ୍ରପତି ମୁର୍ମୁ । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ୭୫ ବର୍ଷ ପ୍ରତିଷ୍ଠା ପୂର୍ତ୍ତୀ ଅବସରରେ ଏକ ସ୍ମାରୀକ ଡାକ ଟିକେଟ ଉନ୍ମୋଚିତ ହୋଇଛି। ଏହି ଅବସରରେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏସ୍ ମୁରଲିଧର , ବିଚାରପତିଗଣ, ପୁରାତନ ବିଚାରପତିଗଣ ଓ ଉପସ୍ଥିତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ରାଷ୍ଟ୍ରପତି। ଆଜି ହାଇକୋର୍ଟ ପ୍ରତିଷ୍ଠା ଉତ୍ସବ ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଏସ୍ ଗଣେଶି ଲାଲ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସମେତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ହାଇକୋର୍ଟ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବା ପରେ ରାଷ୍ଟ୍ରପତି ମ୍ୟୁଜିୟମ ଅଫ୍ ଜଷ୍ଟିସ ପରିଦର୍ଶନ କରିଛନ୍ତି। ଏହାପରେ ସେ ହାଇକୋର୍ଟରେ ମଧାହ୍ନ ଭୋଜନ କରି ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଗତକାଲି ରାତିରେ ରାଜ୍ୟପାଳ ଭବନରେ ରାତ୍ରୀ ଯାପନ କରିଥିବା ରାଷ୍ଟ୍ରପତି ଆଜି ସକାଳେ ସଡ଼କ ପଥରେ ଭୁବନେଶ୍ୱରରୁ କଟକରେ ପହଞ୍ଚିଥିଲେ। ଏହାପରେ ସେ ପ୍ରଥମେ ମା' କଟକ ଚଣ୍ଡୀଙ୍କ ଦର୍ଶନ କରି ସେଠାରୁ ମଧୁବାବୁଙ୍କ ଘର ପରିଦର୍ଶନରେ ଯାଇଥିଲେ ।

## ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବକ....

କରିଥିବା ବେଳେ ବିଆରଏସର ଫ୍ଲୋର ଲିଡର୍ ନାଗେଶ୍ୱର ବାଚସ୍ପତିଙ୍କ ନିକଟରେ ଆଉ ଏକ ନୋଟିସ ଦାଖଲ କରିଥିଲେ। ନୋଟିସ୍ କ୍ରମେ ବାଚସ୍ପତି ଅନାସ୍ଥା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି ଏବଂ ଏ ବାବଦରେ ଆଲୋଚନା କରି ଗୃହରେ ବିତର୍କ ନେଇ ଜଣାଇବେ ବୋଲି କହିଛନ୍ତି। ଅନାସ୍ଥା ପ୍ରସ୍ତାବ ବିରୋଧୀଙ୍କୁ ଗୃହରେ ସରକାରଙ୍କ ସଂଖ୍ୟା ଗରିଷ୍ଠତାକୁ ଚ୍ୟାଲେଞ୍ଜ କରିଥାଏ। ନିୟମ ଅନୁସାରେ, ଯଦି ଲୋକସଭା ବାଚସ୍ପତି ଅନାସ୍ଥା ପ୍ରସ୍ତାବ ପାଆନ୍ତି, ତେବେ ସେ ଏହାକୁ ଗୃହରେ ପଢ଼ନ୍ତି। ଏହା ପରେ ସେ ସଦସ୍ୟମାନଙ୍କୁ ଏ ବାବଦରେ ମତ ରଖିବାକୁ ଅନୁମତି ଦେଇଥାନ୍ତି। ଯଦି ଏହି ପ୍ରସ୍ତାବ ପାରିତ ହୁଏ, ତେବେ ସରକାରଙ୍କୁ ଇସ୍ତଫା ଦେବାକୁ ପଡ଼େ।

## ଲାଞ୍ଚ ନେଉଥିଲେ....

ପଞ୍ଚାନନଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ପ୍ରାୟ ଏକ ସପ୍ତାହ ହେଲା ପଞ୍ଚାନନ ଏବଂ ତାଙ୍କ ପରିବାର ଜୀବନ ଭୟରେ ଘରଦ୍ୱାର ଛାଡି ବରଗଡ଼ ପଳାଇ ଆସି ରହିଥିଲେ। ସେଠାରେ କିଛି ଦିନ ରହିବା ପରେ ପଞ୍ଚାନନ ନିଜ ପରିବାର ନେଇ ବୌଦ୍ଧରେ ଥିବା ସମ୍ପର୍କୀୟଙ୍କ ଘରକୁ ପଳାଇଯାଇଥିଲେ। ସେଠାରେ ପଞ୍ଚାନନ ଅନୁଗୋଳ ଏସପିଙ୍କୁ ଭେଟି ଘଟଣାସମ୍ପର୍କରେ ଜଣାଇବା ସହ ସୁରକ୍ଷା ଓ ନ୍ୟାୟଭିକ୍ଷା କରିଥିଲେ। ହେଲେ ଏସ୍‌ପି କିଛି ବୁଝିନଥିଲେ। ଏନେଇ ପଞ୍ଚାନନ ନିରାଶ ହୋଇଯାଇଥିଲେ। ପରେ ସେ କିଆକଟା ଇଅଓ ନବୀନ ଶତପଥୀଙ୍କୁ ଭେଟି ଘଟଣା ସମ୍ପର୍କରେ କହିଥିଲେ। ଇଅଓ ଏହି ଘଟଣାର ସମାଧାନ କରିଦେବେ ବୋଲି କହିଥିଲେ।ଏଥିପାଇଁ ପଞ୍ଚାନନଙ୍କୁ ୨୦ହଜାର ଟଙ୍କା ମାଗିଥିଲେ। ହେଲେ ପଞ୍ଚାନନ ୨୦ ହଜାର ଟଙ୍କା ଦେଇ ପାରିବେନି ବୋଲି କହିଥିଲେ। ୧୫ହଜାର ଟଙ୍କା ଦେବେ ବୋଲି କଥା ଛିଣ୍ଡିଥିଲା। ଅଗ୍ରୀମ ବାବଦକୁ ନବୀନ ୨ହଜାର ଟଙ୍କା ନେଇଥିଲେ। ବକେୟା ଟଙ୍କା ପରେ ଦେବାକୁ ପଞ୍ଚାନନଙ୍କୁ ନବୀନ କହିଥିଲେ। ଏନେଇ ପଞ୍ଚାନନ ବ୍ରହ୍ମପୁର ଭିଜିଲାନ୍ସ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ଭିଜିଲାନ୍ସ ଅଧିକାରୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ଛକି ରହିଥିଲେ। ଆଜି ସକାଳେ ନବୀନ ଏକ ଲସି ଦୋକାନରେ ବକେୟା ଟଙ୍କା ନେବାବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ଧରିଥିଲେ। ଭିଜିଲାନ୍ସ ନବୀନଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କ ବାସଭବନରେ ଚଢାଉ କରିଛି।

## କୋର୍ଟରେ ହାଜର ହେଲା...

ସୂଚନା ଥାଉକି, ଗୋପାଳ ନାଁ ରେ କ୍ରାଇମବ୍ରାଞ୍ଚ କରିଥିବା ଅଭିଯୋଗ ପତ୍ର ସେସନ୍ସ କୋର୍ଟରେ ଦାଖଲ ସମୟରେ ଗୋପାଳ ଦାସକୁ ପୁଣି ଥରେ କୋର୍ଟରେ ହାଜର କରାଯାଇଥିଲା । ସେଥିପାଇଁ କଡା ସୁରକ୍ଷା ବଳୟରେ ଆଜି ମୁଖ୍ୟ ଅଭିଯୁକ୍ତ ଗୋପାଳ ଦାସକୁ ଆଜି ସକାଳୁ ଚୌଦ୍ୱାର ଜେଲରୁ ଝାରସୁଗୁଡା ଅଣାଯାଇଥିଲା । ଜାନୁଆରୀ ୨୯ ତାରିଖରେ ବ୍ରଜରାଜନଗର ଗାନ୍ଧିଛକ ନିକଟରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ସମୟରେ ନବଦାସଙ୍କୁ ଗୁଳି ମାରି ହତ୍ୟା କରିଥିଲା ଗୋପାଳ ଦାସ । ନବଦାସଙ୍କୁ ଗୁଳି ମାରିବା ପରେ ତୁରନ୍ତ ବ୍ରଜରାଜନଗର ପୋଲିସ ଗୋପାଳ କୁ କାବୁ କରି ନେଇଥିଲା । ପରେ ଏହି ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦେଇଥିଲେ ରାଜ୍ୟ ସରକାର । ଏହାରି ଭିତରେ କ୍ରାଇମବ୍ରାଞ୍ଚ ପକ୍ଷରୁ ହତ୍ୟାକଣ୍ଡ ସମ୍ପର୍କରେ ଅନ୍ତରୀଣ ଚାର୍ଜସିଟ କୋର୍ଟରେ ମେ ୨୬ ତାରିଖରେ କ୍ରାଇମବ୍ରାଞ୍ଚ ଦାଖଲ କରି ସାରିଛି। ଗତ ଜୁଲାଇ ୧୩ ତାରିଖରେ ଗୋପାଳକୁ ହଞ୍ଜଲମ କୋର୍ଟରେ ପ୍ରଥମ ଥର ପାଇଁ ହାଜର କରାଯାଇଥିଲା । ଗୋପାଳ ନାଁ ରେ ଚାର୍ଜଫ୍ରେମ ହେବା ପରେ ସେସନ୍ସବ କୋର୍ଟରେ ଏହି ମାମଲାର ଶୁଣାଣୀ ଆରମ୍ଭ ହେବ।

## ଜ୍ଞାନବାପୀ ମସଜିଦର ....

ହାଇକୋର୍ଟରେ ଯେଉଁ ସତ୍ୟପାଠ ଦାଖଲ କରିଛି ସେ ହିସାବରେ ସର୍ବେକ୍ଷେଣ ସମୟରେ ମସଜିଦ ସରଞ୍ଚନାରେ କୌଣସି କ୍ଷତି ଘଟିବ ନାହିଁ। ସୂଚନାଯୋଗ୍ୟ, ବାରାଣସୀ ଜିଲ୍ଲା ଅଦାଲତ ଜ୍ଞାନବାପୀ ମସଜିଦର ଏଏସଆଇ ସର୍ଭେକୁ ଅନୁମତି ପ୍ରଦାନ କରିଥିଲେ। ଏହାର ପ୍ରତିବାଦରେ ମୁସଲିମ ପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ତତ୍କାଳ ଶୁଣାଣି କରି ବୁଧବାର ଅର୍ଥାତ ଜୁଲାଇ ୨୬ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ସର୍ଭେ ଉପରେ ରୋକ୍ ଲଗାଇ ମୁସଲିମ ପକ୍ଷଙ୍କୁ ହାଇକୋର୍ଟ ଯିବାକୁ କହିଥିଲେ।

## ଯାତ୍ରୀବାହୀ ବସ୍ ଦେଉନାହାନ୍ତି ...

ବୈଠକ ଡାକି ଏ ସମ୍ପର୍କରେ ବିଚାରବିମର୍ଶ କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଏନଏଚଏଆଇ ଅଧକ୍ଷ ଶ୍ରୀ ଯାଦବ ଚଳିତମାସରେ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଚିଠି ଲେଖି ଓଡ଼ିଶାରେ ଜାତୀୟ ରାଜପଥରେ ଚଳପ୍ରଚଳ କରୁଥିବା ଯାତ୍ରୀବାହୀ ବସଗୁଡ଼ିକ ଟୋଲ୍ ଫି' ଦେଉନଥିବା ନେଇ ଉଦବେଗ ବ୍ୟକ୍ତ କରିବା ସହ ଏଥିପାଇଁ ପ୍ରାୟ ୪୦୦କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ପଡୁଛି ବୋଲି କହିଛନ୍ତି । ଏ ସମ୍ପର୍କରେ ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ଓ ବିଭିନ୍ନ ବୈଠକରେ ମଧ ଏନଏଚଏଆଇ ଦ୍ୱାରା ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି । କିନ୍ତୁ ଏ ଦିଗରେ କୌଣସି ସମାଧାନ ଏପର୍ଯ୍ୟନ୍ତ ବାହାରି ପାରିଲା ନାହିଁ । ତେଣୁ ନିର୍ଦ୍ଧାରିତ ଅବଧି ମଧରେ ଏହି ସମସ୍ୟାର ସମାଧାନ ଦିଗରେ ହସ୍ତକ୍ଷେପ ପାଇଁ ସେ ମୁଖ୍ୟ ସଚିବଙ୍କୁ ଅନୁରୋଧ କରିଛନ୍ତି । ଯାହାଫଳରେ ଏନଏଚଏଆଇର ରାଜସ୍ୱ କ୍ଷତି ଓ ଗୁରୁତର ଅଡିଟ୍ ଆପତ୍ତିକୁ ମଧ ଏଡ଼ାଇ ଯାଇ ହେବ ବୋଲି କହିଛନ୍ତି । ଶ୍ରୀ ଯାଦବ ଆହୁରି ମଧ କହିଛନ୍ତି ଯେ, ଓଡ଼ିଶାରେ ଏନଏଚଏଆଇ କର୍ତ୍ତୃପକ୍ଷ ବ୍ୟାପକ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି ।

## ବେନାମୀ ସମ୍ପତ୍ତି ଠାବ କରିବାକୁ ....

ଏହି ଆଇନ ଅନୁଯାୟୀ, ନଭେମ୍ବର ପହିଲା ୨୦୧୬ ଠାରୁ ବେନାମୀଦାର ନାମରେ ଜଣେ ବ୍ୟକ୍ତିଙ୍କ ଅକ୍ତିଆରରେ ଥିବା ସମ୍ପତ୍ତି (ତାଙ୍କର ନିକଟତମ ପରିବାର ସଦସ୍ୟ କିମ୍ବା ପ୍ରତ୍ୟୟୀ କ୍ଷମତାକୁ ବାଦ୍ ଦେଲେ)କୁ ଜବତ ଏବଂ ବାଜ୍ୟାପ୍ତ କରାଯିବ। ଏପରି ବେନାମୀ କାରବାରରେ ଲିପ୍ତ ଥିବା ସବୁ ଲୋକମାନଙ୍କୁ ୭ ବର୍ଷ ପର୍ଯ୍ୟନ୍ତ କଠୋର ଜେଲଦଣ୍ଡରେ ଦଣ୍ଡିତ କରାଯିବ । କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଦ୍ୱାରା ୨୩ ଏପ୍ରିଲ ୨୦୧୮ ଠାରୁ ''ବେନାମୀ ନେଣଦେଣ ସୂଚନା ପୁରସ୍କାର ଯୋଜନା, ୨୦୧୮'' କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ଅଧୀନରେ ବେନାମୀ ସମ୍ପତ୍ତି ପାଇଁ ନିର୍ଦ୍ଦିଷ୍ଟ ସୂଚନା ପ୍ରଦାନ କରୁଥିବା ଜଣେ ବ୍ୟକ୍ତି (ସୂଚନା ପ୍ରଦାନକାରୀ)ଙ୍କୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ପ୍ରଦାନ କରାଯିବ । ସୂଚନା ପ୍ରଦାନକାରୀଙ୍କ ପରିଚୟକୁ ଗୋପନ ରଖାଯିବ । ଏଠାରେ ସୂଚନାଯୋଗ୍ୟ ଯେ ନିମ୍ନ ସର୍ତ୍ତ ଅନୁଯାୟୀ ସୂଚନା ପ୍ରଦାନକାରୀଙ୍କ ଦ୍ୱାରା ଦିଆଯାଉଥିବା ସୂଚନାକୁ ନିର୍ଦ୍ଦିଷ୍ଟ ସୂଚନା ଭାବେ ଗ୍ରହଣ କରାଯିବ : (କ) ବେନାମୀ ସମ୍ପତ୍ତିର ପ୍ରମାଣଯୋଗ୍ୟ ବିବରଣୀ; (ଖ) ସେହି ବ୍ୟକ୍ତିଙ୍କ ନାଁ ଓ ଠିକଣା ଯେଉଁମାନଙ୍କ ନାମରେ ସମ୍ପତ୍ତି ଅର୍ଜନ କରାଯାଇଛି; ଏବଂ (ଗ) ସମ୍ପତ୍ତି ପ୍ରକୃତରେ ବେନାମୀ ସମ୍ପତ୍ତି ଥିଲା ବୋଲି ଦିଆଯାଇଥିବା ସୂଚନା ପାଇଁ ସହାୟକ ପ୍ରମାଣ ସମେତ ବିଶ୍ୱସନୀୟ ଆଧାର । ଯେଉଁ ବ୍ୟକ୍ତିମାନେ ପୁରସ୍କାର ଆଶାରେ ନିର୍ଦ୍ଦିଷ୍ଟ ସୂଚନା ଦେବାକୁ ଚାହୁଁଛନ୍ତି ସେମାନେ ଅତିରିକ୍ତ/ଯୁଗ୍ମ ଆୟକର ଆୟୁକ୍ତ (ବେନାମୀ ସମ୍ପତ୍ତି ନିଷେଧ ୟୁନିଟ୍) ଭୁବନେଶ୍ୱର, ଆୟକର ପ୍ରମୁଖ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଆୟକର ଆନେକ୍ସ ବିଲ୍ଡିଂ, ଚତୁର୍ଥ ମହଲା, ରାଜସ୍ୱ ବିହାର, ଭୁବନେଶ୍ୱର, ଓଡ଼ିଶା – ୭୫୧୦୦୭ ଠିକଣା କିମ୍ବା ମୋବାଇଲ ନମ୍ବର ୯୯୩୭୯୪୨୮୨୫ ନମ୍ବର ଅଥବା bhubaneswar.addlcit.bpu@incometax.gov.in Aùcfରେ ଯୋଗାଯୋଗ କରିପାରିବେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଯକ୍ଷ୍ମାରେ ଆକ୍ରାନ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସହଯୋଗର ହାତ ବଢାଇଲେ ଟିବି ଚାମ୍ପିଅନ



ବାରିପଦା, ୨୬/୦୭ (ନି.ପ୍ର): ରାସ ଗୋବିନ୍ଦ ପୁର ବ୍ଲକର ଜଣେ ଯକ୍ଷ୍ମା ଆକ୍ରାନ୍ତ ହୋଇ ଭଲ ହେବା ପରେ ଭିନ୍ନକ୍ଷମ ଆଡ଼କୁ ଗତି କରି ୩ ବର୍ଷ ହେବ ସେ ଶଯ୍ୟାଶାୟୀ ଥିବା ବ୍ୟକ୍ତି ଙ୍କ ପରିବାର ଦୁର୍ବିସହ ଅବସ୍ଥାରେ କାଳ କାଟୁଥିବାରୁ ଆଜି କଳିଙ୍ଗ ଟିବି ସର୍ଭାଇବର ନେଟୱର୍କ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ମେମ୍ବର ଏବଂ ଟିବି ଚାମ୍ପିଅନ ମାନେ ପରିବାରର ଜୀବନ ଜୀବିକା ପାଇଁ ସହଯୋଗର ହାତବଢ଼ାଇ ଛନ୍ତି. ସମସ୍ତ ଟିବି ଚାମ୍ପିଅନ ମାନେ ତାଙ୍କ ପରିବାର ଚଳିବା ପାଇଁ ଏକ ପରିବାର ଲୋକ ଙ୍କ ସହିତ ଆଲୋଚନା କରି ଏକ ଗ୍ରୋସେରୀ ଦୋକାନ ଖୋଲିବାରେ ସହଯୋଗ କରିଛନ୍ତି । ଏଥିପାଇଁ ସମସ୍ତ ଟିବି ଚାମ୍ପିଅନ ନିଜ ହାତରୁ ଅର୍ଥ ପ୍ରଦାନ କରିଥିଲେ । ଆଜି ଏହି ବ୍ୟବସାୟ ପ୍ରତିଷ୍ଠାନକୁ ଖୁଣ୍ଟାପାଳ ସରପଞ୍ଚ ଅମିତ ମାରାଣ୍ଡି, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡାକ୍ତର ଏମ. ଏନ. ହାସନ ,ଶ୍ରୀ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଦୀନକୃଷ୍ଣ ବାରିକ ଓ ସମସ୍ତ ଟିବି ଚାମ୍ପିଅନ ମିଳିତ ଭାବରେ ଉଦଘାଟନ କରିଥିଲେ । ବିନୟ ପାତ୍ର, ବାସୁଦେବ ତୁଙ୍ଗ, ଗୀତା ବେହେରା, ତାପସ ବେହେରା, ସୁଭ୍ରକାନ୍ତ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଲଙ୍ଗଳେଶ୍ୱର , ୨୬/୦୭ (ନି.ପ୍ର): ବାଲିଆପାଳ ବ୍ଲକ ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ପାଣିଗ୍ରାହୀ ଏବଂ ଦେବେନ୍ଦ୍ର ନାଥ ସାହୁ ଙ୍କୁ ଭାବବିହ୍ୱଳ ପରିବେଶରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଦୀର୍ଘ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷକତା କରିବା ପରେ ଦୁଇ ଶିକ୍ଷକ ଙ୍କ ଚାକିରି ଜୀବନ ଶେଷ ହୋଇଛି । ସମସ୍ତଙ୍କର ପ୍ରିୟ ଏହି ମହାନ ଦୁଇ ଶିକ୍ଷକଙ୍କୁ ବିଦାୟ ଦେବା ପାଇଁ ସ୍କୁଲର ଛାତ୍ରଛାତ୍ରୀ , ପୁରାତନ ଛାତ୍ରଛାତ୍ରୀ , ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ସଂଧାରାଣୀ ନନ୍ଦ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରଧାନ ଶିକ୍ଷକ ମନ୍ମଥ କୁମାର ପାତ୍ର ମୁଖ୍ୟ ବକ୍ତା କାଉମାରୀ ସିଆରସିସି ବସନ୍ତ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ , ନୂଆଗାଁ ସରପଞ୍ଚ ଦୀପାରାଣୀ ଦାସ ,ଅଜୟ କୁମାର ସାମଲ ,ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ଦାସ , ଦୈତାପତି ପ୍ରମାଣିକ , ଲକ୍ଷ୍ମଣ ବେହେରା , ପ୍ରଦୀପ୍ତ କୁମାର ଦାସ ,ପ୍ରମୁଖ ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ସତ୍ୟ ରଂଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ , କର୍ମଚାରୀ ମାନେ ପରିଚାଳନା କରିଥିଲେ ।ଛାତ୍ରଛାତ୍ରୀ ପରିଚାଳନା କମିଟି ର କର୍ମକର୍ତ୍ତା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଯୋଗଦେଇଥିଲେ ।

# ସାମ୍ପ୍ରତିକ ପରିସ୍ଥିତିରେ ପ୍ରଯୁକ୍ତି ବିଦ୍ୟା ଓ ଦକ୍ଷତା ବିକାଶର ଆବଶ୍ୟକତା ସଂକ୍ରାନ୍ତରେ ଆଲୋଚନା ଚକ୍ର



ଖଇରା, ୨୬/୦୭ (ନି.ପ୍ର): ଖଇରା ବ୍ଲକ ଆଲଦା ସ୍ଥିତ ଅଗ୍ରଣୀ ଏକ୍ସଲ୍ୟାଣ୍ଟ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଓ ଖଇରା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ ପ୍ରଯୁକ୍ତି ବିଦ୍ୟା ଓ ଦକ୍ଷତା ବିକାଶର ଆବଶ୍ୟକତା ସଂକ୍ରାନ୍ତରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ଅରୁଣ କୁମାର ପାଢୀଙ୍କ ଅଧକ୍ଷତା ସଭାରେ କମ୍ପ୍ୟୁଟର ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ପଣ୍ଡା ତାଙ୍କ ବକ୍ତବ୍ୟରେ ଦୀର୍ଘ ୨୦ ବର୍ଷର ଅନୁଷ୍ଠାନ ଉଥାନ ପତନ ଉପରେ ଆଲୋକପାତ କରିଥିଲେ । ଆଜିକା ଦିନରେ କମ୍ପ୍ୟୁଟର ର ସଠିକ ପ୍ରମାଣ ପତ୍ରର ଅବଶ୍ୟକତା ଯାହାକି ଉଭୟ ସରକାରୀ ଓ ବେସରକାରୀ ଚାକିରୀ ରେ ବହୁତ ଆବଶ୍ୟକତା ରହିଛି ବୋଲିସୂଚନା ଦେଇଥିଲେ । ଅନ୍ୟାମାନଙ୍କ ମଧ୍ୟରେ ମହାବିଦ୍ୟାଳର ବାଣିଜ୍ୟ ବିଭାଗର ଅଧ୍ୟାପକ ଉମେଶ ଚନ୍ଦ୍ର ବାରିକ, ଇଂରାଜୀ ବିଭାଗର ଅଧ୍ୟାପକ ବନମାଳୀ ବାରିକ ଯୋଗ ଦେଇ ନିଜେ ନିଜର ବକ୍ତବ୍ୟ ପ୍ରତିପାଦନ କରିଥିଲେ । କମ୍ପ୍ୟୁଟର ଅନୁଷ୍ଠାନର ଅଧ୍ୟାପକ ଶୁଶାନ୍ତ କୁମାର ଶାଙ୍ଖୁଆ ଯୋଗଦେଇ ଓକେସିଏଲ ସମଗ୍ର ରାଜ୍ୟରେ ଓଡିଶା ସରକାରଙ୍କ ସିକୃତି ପ୍ରାପ୍ତ ଓ ସମ୍ବଲପୁର ମୁକ୍ତ ବିଦ୍ୟାଳୟର ମାନ୍ୟତା ପ୍ରାପ୍ତ ପଠ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ । ଓକେସିଏଲ ରାଜ୍ୟର କୌଶଳ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିବା ସହିତ ସ୍ୱଳ୍ପ ମୂଲ୍ୟରେ ଉଚ୍ଚ ମାନର ଶିକ୍ଷାଦାନ କରୁ ଅଛି ବୋଲି ପ୍ରକାଶ କରିଥିଲେ । ଅନୁଷ୍ଠାନର ପରିଚାଳକ ଧନଞ୍ଜୟ ପଣ୍ଡା ଯୋଗଦେଇ ବର୍ତ୍ତମାନ ଚାକିରୀ ଓ ବ୍ୟବସାୟ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଓ ଉପଯୋଗିତା ଉପରେ ଆଲୋକପାତ କରିବା ସହିତ ଏନଏସଡିସି ଦ୍ୱାରା ଯାହାକି ସର୍ବଭାରତୀୟ ସ୍ତରରେ ପାଠ୍ୟକ୍ରମ ପ୍ରଦାନ କରାଯିବା ସହିତ ଓଏସସିଆଟି ଏବଂ ଏନଏସଡିସି ର ଡିସିଏ ପାଠ୍ୟକ୍ରମ ଏହି ଅନୁଷ୍ଠାନରେ ଉପଲବ୍ଧ ବୋଲି ପ୍ରକାଶ କରିଥିଲେ । ଏଥିରେ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ ।ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ସବୀତା ସେଣ୍ଠ,ଉର୍ବସୀ ଦାସ,ଶକୁନ୍ତଳା ଦାସ ଉପସ୍ଥିତ ରହି ସାହାର୍ଯ୍ୟ କରିଥିଲେ ।

# ବିଦ୍ୟୁତ୍ ଆଘାତରେ ଯୁବ ମିସ୍ତ୍ରୀଙ୍କ ମୃତ୍ୟୁ

ବସ୍ତା ୨୬/୭ ( ନିପ୍ର ) ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତ ଅନ୍ତର୍ଗତ କୁଷଢିଆ ଗ୍ରାମର ଯୁବକ ମନୋରଞ୍ଜନ ସେନାପତି ( ବୟସ ୩୨) ଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି । ସୂଚନାଯୋଗ୍ୟ କୁଶୁଡିହା ଛକ ରେ ଥିବା ତାଙ୍କ ର ଅଲ୍ଡିଙ୍ଗ ଦୋକାନ ରେ ଦିନ ୧୧ ଟା ସମୟରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତ ଲାଗିଥିଲା । ତାଙ୍କୁ ସଙ୍ଗେ ସଙ୍ଗେ ତାଙ୍କର ଭାଇ ଓ ଗ୍ରାମବାସୀ ବସ୍ତା ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ଯାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ରେଳ ସୁରକ୍ଷା ବଳ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ



ବାଲେଶ୍ୱର, ୨୬/୦୭ (ନି.ପ୍ର): ଗତକାଲି ଭୁବନେଶ୍ୱରରୁ ଜରୁରୀ କାମ ସାରି ବିଶିଷ୍ଟ ସମାଜସେବୀ ତଥା ‘ଭିଟାମାଟି ସୁରକ୍ଷା ଆନ୍ଦୋଳନ’ର ନେତା ଅରୁଣ ଜେନା ପୁରୀ-ଆନନ୍ଦବିହାର ନୀଳାଚଳ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ୍‌ରେ ଫେରୁଥିବାବେଳେ କାର୍ଯ୍ୟବ୍ୟସ୍ତତାବଶତଃ ଟ୍ରେନ୍‌ରୁ ବାଲେଶ୍ୱର ଷ୍ଟେସନରେ ଓହ୍ଲାଇ ପଡ଼ିଥିଲେ । ବଗିନଂ ଏସ୍.୬-୪୨ ନଂ ସିଟ୍‌ରେ ଶ୍ରୀ ଜେନା ବସି ଆସିବାବେଳେ ଭୁଲବଶତଃ ତାଙ୍କର ଏକ କଳା ବ୍ୟାଗ୍ ଟ୍ରେନ୍‌ରେ ଛାଡ଼ି ଦେଇଥିଲେ ଯେଉଁଥିରେ ତାଙ୍କର ବ୍ୟକ୍ତିଗତ ଡାଏରୀ, ବହୁ ଜରୁରୀ କାଗଜପତ୍ର ଓ ଫାଇଲ୍ ରହିଯାଇଥିଲା । ଶ୍ରୀ ଜେନା ଟ୍ରେନ୍‌ଟି ବାଲେଶ୍ୱର ଷ୍ଟେସନ ଛାଡ଼ିବା ପରେ ହେତୁ ହେବାରୁ ବ୍ୟାଗ୍ ହଜିଯାଇଛି ବୋଲି ବାଲେଶ୍ୱର ରେଳ ସୁରକ୍ଷା ବଳ ଅଧିକାରୀଙ୍କୁ ଜଣାଇଥିଲେ । ରେଳ ଅଧିକାରୀ ଶ୍ରୀ ଚକ୍ରବର୍ତ୍ତୀ ଏବଂ ହିଜଳି ଆର.ପି.ଏଫ୍‌ର ଏ.ଏସ୍.ଆଇ ଶ୍ରୀ ଏସ୍ ଏସ୍ ମହାପାତ୍ର, ଅତିରିକ୍ତ ଏ.ଏସ୍.ଆଇ ମାନସ ମାଣିକ, କନେଷ୍ଟବଳ ସରୋଜ କୁମାରୀ ହିଜ୍‌ଲି ରେଳଷ୍ଟେସନରେ ଗାଡ଼ି ରହିବା ପରେ ଶ୍ରୀ ଜେନା ବସିଥିବା ସିଟ୍‌ରୁ ବ୍ୟାଗ୍‌ଟିକୁ ଉଦ୍ଧାର କରି ହିଜ୍‌ଲି ଆର.ପି.ଏଫ୍. ଅଫିସ୍‌ରେ ଜମା ଦେଇଥିଲେ । ଆଜି ଶ୍ରୀ ଜେନା ହିଜ୍‌ଲି ଯାଇ ଆର.ପି.ଏଫ୍. ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ମାନସ ମାଣିକଙ୍କ ଠାରୁ ତାଙ୍କ ବ୍ୟାଗ୍ ଗ୍ରହଣ କରିଥିଲେ । ରେଳସୁରକ୍ଷା ବଳର ଅଧିକାରୀମାନେ ଦାୟିତ୍ୱ ନେଇ ବ୍ୟାଗ୍‌ଟିକୁ ଶ୍ରୀ ଜେନାଙ୍କୁ ହସ୍ତାନ୍ତର କରିଥିବାରୁ ଶ୍ରୀ ଜେନା ରେଳସୁରକ୍ଷା ବଳର ପଦାଧିକାରୀ ଓ କର୍ମକର୍ତ୍ତାଙ୍କୁ ଗଭୀର କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି ।

# ହେମନ୍ତ ଜିଲ୍ଲା ଯୁବ କଂଗ୍ରେସ ସଭାପତି ନିର୍ବାଚିତ

ଭଦ୍ରକ, ୨୬/୦୭ (ନି.ପ୍ର): ଭଦ୍ରକ ଜିଲ୍ଲାର ଯୁବ କଂଗ୍ରେସ ସଭାପତି ଭାବେ ହେମନ୍ତ କୁମାର ମହାପାତ୍ର ନିର୍ବାଚିତ ହୋଇଛନ୍ତି । ସେ ତାଙ୍କର ୪ଜଣ ପ୍ରତିଦ୍ୱନ୍ଦୀଙ୍କୁ ପଛରେ ପକାଇ ସର୍ବାଧିକ ଭୋଟ ପାଇ ସଭାପତି ଭାବେ ବିଜୟୀ ହୋଇଛନ୍ତି । ଅଲ୍ ଇଣ୍ଡିଆ ଯୁଥ୍ କଂଗ୍ରେସ ତରଫରୁ ଯୁବ କଂଗ୍ରେସର ବିଭିନ୍ନ ପଦବୀ ନିମନ୍ତେ ନିର୍ବାଚନ ହୋଇଥିଲା । ଏହାର ଫଳାଫଳ ପ୍ରକାଶ ପାଇଛି । ବିଜୟୀ ହେବା ପରେ ହେମନ୍ତଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଜିଲ୍ଲାର ଯୁବକମାନଙ୍କ ମଧ୍ୟରେ ବିଶେଷ ଆନନ୍ଦ ପ୍ରକାଶ ପାଇବା ସହିତ ଉତ୍ସାହ ଦେଖା ଦେଇଛି । ବିଜୟୀ ହେବା ପରେ ଶ୍ରୀ ମହାପାତ୍ର ତାଙ୍କ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଏ ବିଜୟ ହେଉଛି ଜିଲ୍ଲାର ଯୁବଶକ୍ତିର ପରିଚୟ । ଯୁବକ ମାନଙ୍କ ପାଇଁ ତଥା ଦଳ ପାଇଁ ନିଷ୍ଠାର ସହିତ କାମ କରି ଜିଲ୍ଲାର ଯୁବକମାନଙ୍କୁ ଆଗେଇ ନେବାରେ ସହାୟକ ହେବେ । ପ୍ରତ୍ୟେକ ବୁଥ୍ ସ୍ତରକୁ ଯାଇ ଯୁବକମାନଙ୍କୁ ଏକତ୍ରିତ କରିବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ଯୁବଶକ୍ତି ଦ୍ୱାରା କଂଗ୍ରେସ ଦଳକୁ ମଜଭୁତ କରିବାକୁ ପ୍ରୟାସ କରିବେ ବୋଲି ମତବ୍ୟକ୍ତ କରିଛନ୍ତି ।

# ଲଙ୍ଗଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ପ୍ରକ୍ରିୟା ଆରମ୍ଭ




ଲଙ୍ଗଳେଶ୍ୱର , ୨୬/୦୭ (ନି.ପ୍ର): ସ୍ୱାସ୍ଥ୍ୟ ସେବା କ୍ଷେତ୍ର ର ନୂତନ ଆଶା ସଞ୍ଚାଳନ ସୃଷ୍ଟି ହେବାକୁ ଯାଉଛି । ରାଜ୍ୟ ସରକାର ଲୋକମାନଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ୫ ଟି ଅଧିନକୁ ଆସିଛି । ଲଙ୍ଗଳେଶ୍ୱର ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି । ୫ ଟି ସଚିବ ଭି କେ ପାଣ୍ଡିଆନ୍ ଙ୍କ ଲଙ୍ଗଳେଶ୍ୱର ଗସ୍ତ ସମୟରେ ଏହି ଦାବି ପୂରଣ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଲଙ୍ଗଳେଶ୍ୱର ସମାଜ ପ୍ରତିନିଧି ରବିରଞ୍ଜନ ତ୍ରିପାଠୀ ଅନୁରୋଧ କରିଥିଲେ । ଏଥିସହିତ ବାଲିଆପାଳ ପଞ୍ଚାୟତ ସମିତି ର ପୂର୍ବତନ ଅଧକ୍ଷ ଅଶ୍ୱିନୀ ଜେନା ଓ ମନୋରଞ୍ଜନ ଆଚାର୍ଯ୍ୟ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୬୦ ହଜାର ଲୋକ ନିର୍ଭର କରିଥାନ୍ତି । ୫ ଟି ସଚିବ ଏହି ଘଟଣା କୁ ଗ୍ରହଣ କରି ବିହୀତ ପଦକ୍ଷେପ ନେବାକୁ ବାଲେଶ୍ୱର ଜିଲ୍ଲାପାଳ ଓ ସିଡିଏମଓ ଙ୍କ ଜଣାଇଛନ୍ତି । ଏହି ମର୍ମରେ ଆଜି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୋପ କୁମାର ଦାସ ଲଙ୍ଗଳେଶ୍ୱର ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆଲୋଚନା ପାଇଁ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଅଶ୍ୱିନୀ କୁମାର ଜେନା, ଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ଏହି ସମୟରେ ଲଙ୍ଗଳେଶ୍ୱର ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ପ୍ରିୟବ୍ରତ ମଣ୍ଡଳ, ଫାର୍ମାସିଷ୍ଟ ତପନ କୁମାର ଗିରି, ଗୋବିନ୍ଦ ଦାସ, ଜୀବନ ପାଢ଼ୀ, ପ୍ରମୁଖ ଯୋଗଦେଇ ଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ମିଳୁଛି ଦେଖିବାକୁ ବାକି ରହିଲା ।

# ଏପିଓଙ୍କ ଆନ୍ଦୋଳନ ଧମକ: ଅଗଷ୍ଟ ୨୫ ସୁଦ୍ଧା ସରକାର ନ ଚେତିଲେ କାର୍ଯ୍ୟ ବନ୍ଦ

ଜୟପୁର, ୨୬/୦୭ (ନି.ପ୍ର): ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟନ୍ୱୟ ପାଇଁ ପ୍ରତି ବ୍ଲକରେ ୨୦୧୨ ମସିହା ଠାରୁ ନିଯୁକ୍ତ ହୋଇଥିବା ଏପିଓ ଏବଂ ଜିଲ୍ଲା ସଂଯୋଜକ ମାନେ ଆଜି ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳ ମାନଙ୍କୁ ଦାବିପତ୍ର ପ୍ରଦାନ ସହ ଆନ୍ଦୋଳନ ଧମକ ଦେଇଛନ୍ତି । ଓଡ଼ିଶା ରାଜ୍ୟ ମନରେଗା ସଂଯୋଜକ ଏବଂ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସଂଘ ପକ୍ଷରୁ ଆଜି ଜୟପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ରାଜ୍ୟ ସାଧାରଣ ସଂପାଦକ ମାନସ ରଞ୍ଜନ କର କହିଛନ୍ତି ଯେ, ଦୀର୍ଘ ବର୍ଷ ଧରି ସରକାରଙ୍କ ପଂଚାୟତ ରାଜ ବିଭାଗରେ କାର୍ଯ୍ୟ ସମ୍ପାଦନ କରୁଥିଲେ ବି ସେମାନଙ୍କୁ ଠିକା କର୍ମଚାରୀ ଭାବେ ରଖାଯାଇଛି । ସରକାର ଆଉଟ ସୋର୍ସିଙ୍ଗ କର୍ମଚାରୀ ମାନଙ୍କୁ ନିୟମିତ କରିଥିଲେ ମଧ ସେମାନଙ୍କ କଥା ବିଚାରକୁ ନେଉନାହାନ୍ତି । ଏହା ସେମାନଙ୍କ ପ୍ରତି ଘୋର ଅନ୍ୟାୟ । ସରକାର ତୁରନ୍ତ ସେମାନଙ୍କ ଚାକିରୀ ନିୟମିତ କରିବାକୁ ସଂଘ ଦାବି କରିଛି । ଏପରିକି ସେମାନଙ୍କୁ ବିଡିଓ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ମଧ ପଦୋନ୍ନତି ଦେବାକୁ ସଂଘ ଦାବି କରିଛି । ବିହାର, ଛତିଶଗଡ଼ ଏବଂ ରାଜସ୍ଥାନ ଭଳି ରାଜ୍ୟରେ ଏହି ପଦ୍ବୀ ଗୁଡିକ ରାଜ୍ୟ ସରକାର ନିୟମିତ କରିଥିବା ବେଳେ ଓଡ଼ିଶା କ୍ଷେତ୍ରରେ କାହିଁକି ନ ହେବ ବୋଲି ସଂଘ ପ୍ରଶ୍ନ କରିଛି ।

# ବନ ମହୋତ୍ସବରେ ଯୁଗଶ୍ରୀ ଟ୍ରଷ୍ଟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର, ୨୬/୦୭ (ନି.ପ୍ର): ଓଲନ୍ଦା ସାରଗାଁ ଗ୍ରାମପଞ୍ଚାୟତ ରଘୁନାଥ ଜୀଉ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲ୍‌ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ, ଛାତ୍ର, ଛାତ୍ରୀ, ଅଭିଭାବକ ଓ ଯୁଗଶ୍ରୀ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ । ଶିକ୍ଷକ ଶ୍ରୀ ଅନାଦି ଚରଣ ବାରିକ୍ର କାର୍ଯ୍ୟକ୍ରମ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଯୁଗଶ୍ରୀ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ମମତା ମହାପାତ୍ର, ସମାଜସେବୀ ଶ୍ରୀମତୀ ସଂଯୁକ୍ତା ମହାପାତ୍ର, ଶ୍ରୀମତୀ ପ୍ରତିମା ପଣ୍ଡା, ଶ୍ରୀ ନନୀଗୋପାଳ ଦାସ, ଶ୍ରୀ ଚକ୍ରଧର ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ପରିବେଶ ବଞ୍ଚିବା ପାଇଁ ବୃକ୍ଷରୋପଣ ଓ ବୃକ୍ଷରସୁରକ୍ଷା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ବୃକ୍ଷରସୁରକ୍ଷା ଓ ବୃକ୍ଷରୋପଣ ପାଇଁ ଶପଥ ପାଠ କରିଥିଲେ ଓ ସେମାନଙ୍କୁ ଉପହାର ସ୍ୱରୂପ ଚାରା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ଓ ସଚେତନତା ସଭାକୁ ସର୍ବଶ୍ରୀ ସୁଦାମ ପରିଡ଼ା, ସନାତନ ରାଉତ, ରବୀନ୍ଦ୍ର ବାରିକ ଓ ସନ୍ତୋଷ ପାତ୍ର ପରିଚାଳନା କରିଥିଲେ । ଟ୍ରଷ୍ଟର ଟ୍ରଷ୍ଟି ଗୀତାଞ୍ଜଳି ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁର୍ଘଟଣାରେ ଜଳିଗଲା ଦୁଇ ଟ୍ରକ୍ : ଡ୍ରାଇଭର ଜୀବନ୍ତ ଦଗ୍ଧ, ହେଲପର ଗୁରୁତର

ସମ୍ବଲପୁର, ୨୬/୦୭ (ନି.ପ୍ର): ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ବଡ଼କୁଣ୍ଡେଇସରା ପେଟ୍ରୋଲ ପମ୍ପ ବୁଲାଣିରେ ବୁଧବାର ଭୋର ସାଢେ ୫ ଟା ବେଳେ ଏକ ବଡ଼ ଧରଣର ଦୁର୍ଘଟଣା ଘଟି ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଅନ୍ୟ ଜଣେ ହେଲପରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସୂଚନାନୁଯାୟୀ, ବୁଧବାର ପ୍ରତ୍ୟୁଷରେ ସମ୍ବଲପୁର ଅଭିମୁଖେ ଯାଉଥିବା ଓଡି ୩୫ ଏଫ୍ ୯୭୨୩ ନମ୍ବର ଏକ ଲୁହା ପଥର ବୋଝେଇ ଟ୍ରକ ସହ ସମ୍ବଲପୁରରୁ ଲହୁଣୀପଡ଼ା ଯାଉଥିବା ଓଡି ୧୫ ଟି ୩୦୭୯ ନମ୍ବର ମାଲ୍ ବୋଝେଇ ଟାଟା ମିନି ଟ୍ରକ ୫୩ ନମ୍ବର ଜାତୀୟ ରାଜପଥର ବଡ଼କୁଣ୍ଡେଇସରା ପେଟ୍ରୋଲ ପମ୍ପ ବୁଲାଣିରେ ମୁହାଁ ମୁହିଁ ଧକ୍କା ହୋଇଥିଲା । ଏହି ଧକ୍କାହେବା ଫଳରେ ପ୍ରଚଣ୍ଡ ଶବ୍ଦ ହେବା ସହ ଉଭୟ ଗାଡିରେ ନିଆଁ ଲାଗିଯାଇଥିଲା । ଘଟଣାସ୍ଥଳରେ ହିଁ ମିନି ଟ୍ରକର ଗାଡି ଚାଳକଙ୍କ ଜୀବନ୍ତ ଦଗ୍ଧ ଘଟିଥିଲା । ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ଗୌଡ଼ପାଲି ଥାନା ପୋଲିସ ପହଂଚି ଜଳନ୍ତା ମିନିଟ୍ରକରେ ଫସିଥିବା ହେଲପରକୁ ଉଦ୍ଧାର କରି ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇଛନ୍ତି ।

# ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ ପଥପ୍ରାନ୍ତ ସଭା

ବାଲେଶ୍ୱର, ୨୬/୦୭ (ନି.ପ୍ର): ମଣିପୁରରେ ଚାଲିଥିବା ଜାତିଗତ ହିଂସାକୁ ବିରୋଧ କରି ଓ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ବିଚାରଗଞ୍ଜ ଛକ ନିକଟରେ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ମିଳିତ ମଞ୍ଚ ଏବଂ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଓ ରାଜ୍ୟରେ ବିଜେପି ଶାସିତ ଡବଲ ଇଂଜିନ୍ ସରକାର ଥିବାବେଳେ ଗତ ତିନିମାସ ଧରି ମଣିପୁର ହିଂସାରେ ଶତାଧିକ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ବହୁ ଧନ ସଂପତ୍ତି କ୍ଷତି ଘଟିଲାଣି । ମହିଳାମାନଙ୍କୁ ଉଲଗ୍ନ କରି ରାଜରାସ୍ତାରେ ଚଲାଇବା ଓ ଗଣ ଦୁଷ୍କର୍ମ ଭଳି ଅମାନବୀୟ ଘଟଣାମାନ ଦେଶବାସୀଙ୍କୁ ଚକିତ କରିଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ନରେନ୍ଦ୍ର ମୋଦିଙ୍କ ଶାସନକାଳରେ ‘ଆଚ୍ଛାଦିନ’ ଚାଲୁଥିବାର ଓ ଭାରତବର୍ଷ ‘ବିଶ୍ୱଗୁରୁ’ ହୋଇଛି ବୋଲି କୁହାଯାଉଥିବାବେଳେ ମଣିପୁରର ଘଟଣା ବିଶ୍ୱବାସୀଙ୍କ ନିକଟରେ ଭାରତକୁ ନିନ୍ଦିତ କରିଛି । ସଂସଦରେ ପ୍ରଧାନମନ୍ତ୍ରୀ ମଣିପୁର ଘଟଣାରେ ବିବୃତ୍ତି ରଖିବାକୁ ବିରୋଧିଦଳମାନେ ଦାବି କରୁଥିବାବେଳେ ଏହାକୁ ଅଗ୍ରାହ୍ୟ କରାଯାଉଛି । ପ୍ରଧାନମନ୍ତ୍ରୀ ବିଦେଶ ଭ୍ରମଣ କରୁଥିବାବେଳେ ମଣିପୁର ଗସ୍ତ ନକରିବା ଘଟଣା ଦେଶବାସୀଙ୍କୁ ଚକିତ କରିଛି । ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତୀ ଉତ୍ସବ ପାଳନ କରୁଥିବାବେଳେ ଦେଶର ନାଗରିକଙ୍କୁ ସରକାର ସୁରକ୍ଷା ଦେଇପାରୁନଥିବାର ସେମାନେ ଅଭିଯୋଗ କରିଥିଲେ । ତୁରନ୍ତ ମଣିପୁରରେ ଶାନ୍ତି ଫେରାଇ ଆଣିବାକୁ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ଉଦ୍ୟମ କରନ୍ତୁ ବୋଲି ସେମାନେ ଦାବି କରିଥିଲେ । ଏହି ପଥପ୍ରାନ୍ତ ସଭାରେ ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବାବେଳେ ବିଭିନ୍ନ ଶ୍ରମିକ ସଂଗଠନ ଓ ସାମାଜିକ ସଂଗଠନ ପକ୍ଷରୁ ଜୟନ୍ତ ଦାସ-ଏଆଇଟିୟୁସି, ରାଜକିଶୋର ଲେଙ୍କା ଓ ବିଜୟ ପାତ୍ର - ସିଆଇଟିୟୁ, ଲକ୍ଷ୍ମୀଧର ଗିରି - ଟିୟୁସିସି, ବିକାଶ ଦାସ-ଆଇଏନ୍‌ଟିୟୁସି, ମନୋଜ ନାୟକ-ଓକିଲ ସଂଘ ଓ ସିଭିଲ୍ ସୋସାଇଟି, ସୁଦର୍ଶନ ଜେନା - ଆମ୍ବେଦକର ବିକାଶ ପରିଷଦ, ଅରୁଣ ଜେନା-ଭିଟାମାଟି ସୁରକ୍ଷା ମଞ୍ଚ ଓ ବନ୍ଦନା ପାତ୍ର - ଉତ୍କଳ ମହିଳା ସମିତି ପକ୍ଷରୁ ସେମାନଙ୍କ ମତ ପ୍ରଦାନ କରି ମଣିପୁର ହିଂସା ଘଟଣାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭୂମିକାକୁ ଦୃଢ଼ ନିନ୍ଦା କରିଥିଲେ । ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଏଆଇଟିୟୁସିର ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❐ Managing & Executive Editor : Srustidhar Parida
❐ Editor: Sairindhree Sahoo